# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୬ (୨୦ ପୃଷ୍ଠା) | Bhubaneswar, Tuesday, March 3/2026 | Page 20 | ₹ 7.00

୫୨ଶ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 99 | ମୂଲ୍ୟ ₹୭/-








ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍ର ମିଳିତ ଆକ୍ରମଣକୁ ନିନ୍ଦା କରି କେରଳର କୋଚି ସହରରେ ଲୋକେ ସୋମବାର ବିକ୍ଷୋଭ କରୁଛନ୍ତି।

# ଲେବାନନ୍କୁ ବ୍ୟାପିଲା ଇରାନ୍ ଯୁଦ୍ଧ

- ଇରାନ୍ରେ ମୃତ୍ୟୁସଂଖ୍ୟା ୫୫୫
- ବେରୁଟ୍ରେ ଇସ୍ରାଏଲ୍ର ଆକ୍ରମଣ: ୩୧ ମୃତ



ତେହରାନ୍ର ଏକ ବିଲ୍ଡିଂରେ ଏୟାରଷ୍ଟ୍ରାଇକ୍ ପରେ ଧୂଆଁ ଉଠୁଛି।

**ତେହରାନ୍, ୨।୩**

ଇରାନ୍ରେ ଆମେରିକା ଓ ଇସ୍ରାଏଲ୍ ସୋମବାର ଜୋର୍ଦାର ଆକ୍ରମଣ କରିଥିବାବେଳେ ମୃତ୍ୟୁସଂଖ୍ୟା ୫୫୫ରେ ପହଞ୍ଚିଥିବା ଇରାନୀୟ ରେଡ୍ କ୍ରିସେଣ୍ଟ ସୋସାଇଟି ପକ୍ଷରୁ କୁହାଯାଇଛି। ଏହାର ଜବାବରେ ଇରାନ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଥିବା ଇସ୍ରାଏଲ୍ ଓ ଆମେରିକାର ସାମରିକ ବେସ୍ ଉପରେ ଆକ୍ରମଣ କରିଛି। ସୋମବାର ସକାଳେ ଇରାନର ଫାର୍ସ ପ୍ରଦେଶରେ ଆକ୍ରମଣ ଘଟି ଅନ୍ୟୂନ ୩୫ ଜଣ ନିହତ ହୋଇଥିବାବେଳେ ତେହରାନର ନିଲୁଫାର ସ୍କୋୟାରରେ ୨୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ସାନାନ୍ଦଜ ସହରରେ ବହୁ ବିଲ୍ଡିଂ ଧ୍ୱଂସ ହୋଇଥିବାବେଳେ ଅତିକମ୍ରେ ୨ ଜଣ ପ୍ରାଣ ହରାଇଥିବା ଫାର୍ସ ନ୍ୟୁଜ୍ ଏଜେନ୍ସି କହିଛି। ସହରର ବିଭିନ୍ନ ସ୍ଥାନରେ ଆମେରିକା ଏବଂ ଇସ୍ରାଏଲୀ ସେନା ୬ଟି ମିଶାଇଲ୍ ମାଡ଼ କରିଥିଲେ। ଇରାନର କେନ୍ଦ୍ରୀୟ ସହର କେର୍ମାନଶାହସ୍ଥିତ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ବିଲ୍ଡିଂଗୁଡ଼ିକରୁ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଛି। ଆମେରିକା ଏବଂ ଇସ୍ରାଏଲ୍ ରବିବାର ଇରାନ୍ର ନାତାଞ୍ଜ ଆଣବିକ ସ୍ଥଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)କୁ ଇରାନ ରାଷ୍ଟ୍ରଦୂତ ରେଜା ନଜାଫି ଜଣାଇଛନ୍ତି।

ଲେବାନନ୍ ରାଜଧାନୀ ବେରୁଟ୍ରେ ଇସ୍ରାଏଲ୍ ଯୁଦ୍ଧବିମାନରୁ ବୋମାମାଡ଼ କରାଯିବାରୁ ୩୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୪୯ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ୍ର ଉତ୍ତର ଭାଗରେ ଥିବା ହାଇଫାସ୍ଥିତ ସାମରିକ ଘାଟିରେ ହେଜ୍ବୋଲ୍ଲା ଡ୍ରୋନ୍ ଏବଂ ରକେଟ୍ ଆକ୍ରମଣ କରିବାରୁ ଏହାର ଜବାବରେ ଇସ୍ରାଏଲ୍ ବେରୁଟ୍ରେ ଆକ୍ରମଣ କରିଛି। ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟାର ଜବାବରେ ତେହରାନ୍ ସମର୍ଥିତ ଲେବାନନ୍ର ସଶସ୍ତ୍ର ସଂଗଠନ ହେଜ୍ବୋଲ୍ଲା ଇସ୍ରାଏଲ୍ର ସାମରିକ ଘାଟିକୁ ଟାର୍ଗେଟ କରିଥିଲା ବୋଲି କହିଛି। ହେଜ୍ବୋଲ୍ଲାକୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍ଜ କହିଛନ୍ତି। ଯିଏ ଖାମେନେଇଙ୍କ ପଥ ଅନୁସରଣ କରିବ ତାଙ୍କର ଅନୁରୂପ ଦଶା ହେବ ବୋଲି କାଟ୍ଜ ଚେତାବନୀ ଦେଇଛନ୍ତି।

## ନାତାଞ୍ଜ ଆଣବିକ ସ୍ଥଳରେ ଆକ୍ରମଣ

### ତେଜସ୍କ୍ରିୟ ବିକିରଣ ଆଶଙ୍କା କଲା ଆଇଏଇଏ

**ତେହରାନ୍, ୨।୩**

ଇରାନ୍ର ନାତାଞ୍ଜ ଆଣବିକ ସ୍ଥଳ ଉପରେ ଆମେରିକା ଏବଂ ଇସ୍ରାଏଲ୍ ରବିବାର ଆକ୍ରମଣ କରିଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)କୁ ତେହରାନ୍ ଜଣାଇଛି। ସୋମବାର ଆଇଏଇଏର ୩୫ ରାଷ୍ଟ୍ର ଗଭର୍ନର ବୋର୍ଡ ବୈଠକ ବେଳେ ଇରାନ ରାଷ୍ଟ୍ରଦୂତ ରେଜା ନଜାଫି ଖବରଦାତାମାନଙ୍କୁ ଏହା କହିଛନ୍ତି। ଇରାନ୍ର ଆଣବିକ କାର୍ଯ୍ୟକ୍ରମକୁ ନେଇ ଉତ୍ତେଜନାରୁ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଇରାନ ଅଣୁଅସ୍ତ୍ର ବିକଶିତ କରୁଥିବା ନେଇ ଗତ ଜୁନ୍ରେ ଆମେରିକା ଏହାର ଆଣବିକ ସ୍ଥଳ ଉପରେ ଆକ୍ରମଣ କରିଥିଲା। ଇରାନ୍ ଏହାର ଆଣବିକ ଭିତ୍ତିଭୂମିର ପୁନଃ ନିର୍ମାଣ କରିବ ବୋଲି ଏହାର ରାଷ୍ଟ୍ରପତି ମାସୁଦ୍ ପେଜେଶ୍କିଆନ୍ କହିଛନ୍ତି। ବିଲ୍ଡିଂ ଏବଂ କାରଖାନାକୁ ଧ୍ୱଂସ କରିବା ଆମ ପାଇଁ ସମସ୍ୟା ସୃଷ୍ଟି କରିବ ନାହିଁ, ଆମେ ସେଗୁଡ଼ିକୁ ପୁନର୍ବାର ନିର୍ମାଣ କରିଦେବୁ ବୋଲି ପେଜେଶ୍କିଆନ ସରକାରୀ ଗଣମାଧ୍ୟମକୁ କହିଛନ୍ତି। ତେବେ ଦେଶ ଆଣବିକ ଅସ୍ତ୍ର ଚାହେଁ ନାହିଁ। ଇରାନୀୟମାନଙ୍କ ସମସ୍ତ ସମସ୍ୟାର ସମାଧାନ ଆମର ଲକ୍ଷ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି।

ଅନ୍ୟପକ୍ଷରେ ଜୁନ୍ରେ ଧ୍ୱଂସ ହୋଇଥିବା ଆଣବିକ ସ୍ଥଳର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ଲାଗି ତେହରାନ୍ ଉଦ୍ୟମ କଲେ ପୁନି ଆକ୍ରମଣ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ସ୍ଥିତିକୁ ନେଇ ଆଇଏଇଏ ମହାନିର୍ଦ୍ଦେଶକ ରାଫାଏଲ୍ ମାରିଆନୋ ଗ୍ରୋସି ଚିନ୍ତାବ୍ୟକ୍ତ କରିବା ସହ ଆଣବିକ କେନ୍ଦ୍ରରୁ ତେଜସ୍କ୍ରିୟ ବିକିରଣ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ, ଯାହାର ପରିଣାମ ଭୟାବହ ହେବ ବୋଲି କହିଛନ୍ତି। ଆଣବିକ ସ୍ଥଳ ଉପରେ ଯଦି ଆକ୍ରମଣ ହୋଇଥାଏ, ତେବେ ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ଲୋକଙ୍କୁ ଖାଲି କରିବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

## ଆମେରିକାର ୩ ଯୁଦ୍ଧବିମାନକୁ ଖସାଇଲା କୁଏଟ୍ ଏୟାର ଡିଫେନ୍ସ

**ୱାଶିଂଟନ, ୨।୩**

କୁଏଟ୍ର ଏୟାର ଡିଫେନ୍ସ ଦ୍ୱାରା ଅଲଗା ଅଲଗା ବନ୍ଧୁତ୍ୱପୂର୍ଣ୍ଣ ଫାୟାରିଂରେ ଆମେରିକାର ୩ଟି ଏଫ୍-୧୫ଇ 'ଷ୍ଟ୍ରାଇକ୍ ଇଗଲ' ଯୁଦ୍ଧବିମାନ ଖସିଛି। ଇରାନରେ ଆମେରିକା-ଇସ୍ରାଏଲ୍ ମିଳିତ ସାମରିକ ଅଭିଯାନର ନିର୍ଦ୍ଦେଶନା ଦେଉଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ଏହା କୁହାଯାଇଛି। ତେବେ ଯୁଦ୍ଧବିମାନରେ ଥିବା ୬ ଜଣ ପାଇଲଟ୍ ସୁରକ୍ଷିତ ଅବତରଣ କରିଛନ୍ତି ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। କୁଏଟ୍ ମଧ୍ୟ ଘଟଣାକୁ ସ୍ୱୀକାର କରିଛି। ଆମେରିକା ଓ ଇସ୍ରାଏଲ୍ର ମିଳିତ ସାମରିକ ଅଭିଯାନ ଅପରେଶନ ଏପିକ୍ ଫ୍ୟୁରିରେ ସାମିଲ ଥିବା ୩ ଆମେରିକୀୟ ଯୁଦ୍ଧବିମାନ ରବିବାର ରାତି ୧୧ଟା ୩ ମିନିଟ୍ ସମୟରେ କୁଏଟ୍ ଉପରେ ଉଡ଼ୁଥିବାବେଳେ ଆପାତତଃ ବନ୍ଧୁତ୍ୱପୂର୍ଣ୍ଣ ଫାୟାରିଂରେ ଖସିପଡ଼ିଥିଲେ। ଆମେରିକାର କେତେକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏହାର ସେଣ୍ଟ୍ରାଲ କମାଣ୍ଡ କହିଛି। ଗୋଟିଏ ଏଫ୍-୧୫ଇ ବିମାନ ଆକାଶରୁ ଖସୁଥିବାର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। କିଛି ସେକେଣ୍ଡ ମଧ୍ୟରେ ସେଥିରୁ ପାଇଲଟ୍ ବାହାରି ଆସିଥିଲେ।

## ଖାମେନେଇଙ୍କ ୨ ସମ୍ଭାବ୍ୟ ଉତ୍ତରାଧିକାରୀ ନିହତ: ଟ୍ରମ୍ପ୍

**ତେହରାନ୍, ୨।୩**

ଆମେରିକା ଓ ଇସ୍ରାଏଲ୍ର ମିଳିତ ଆକ୍ରମଣରେ ଶନିବାର ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହୋଇଥିଲେ। ଏଥିସହିତ ସୁପ୍ରିମ ଲିଡରଙ୍କ ଉତ୍ତରାଧିକାରୀ ହେବାର ସମ୍ଭାବନା ଥିବା ୨ ନେତାଙ୍କର ମଧ୍ୟ ଆକ୍ରମଣରେ ମୃତ୍ୟୁ ଘଟିଥିବା ଆମେରିକା ଚିହ୍ନଟ କରିଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଫଳରେ ଇସ୍ଲାମିକ୍ ରିପବ୍ଲିକ୍ର ପରବର୍ତ୍ତୀ ନେତୃତ୍ୱ କିଏ ନେବେ ସ୍ପଷ୍ଟ ଚିତ୍ର ଜଣାପଡୁନାହିଁ। ଆମେରିକାର ଚ୍ୟାନେଲ୍ ଏବିସି ନ୍ୟୁଜ୍ର ମୁଖ୍ୟ ୱାଶିଂଟନ ଖବରଦାତା ଜୋନାଥନ କାର୍ନଲଙ୍କୁ ରବିବାର ରାତିରେ ଟେଲିଫୋନ୍ ଯୋଗେ ସାକ୍ଷାତ୍କାର ଦେଇ ଟ୍ରମ୍ପ୍ ଏହା କହିଛନ୍ତି। ଆକ୍ରମଣ ଏତେ ସଫଳ ଥିଲା ଯେ, ଏହା ଅଧିକାଂଶ ପ୍ରାର୍ଥୀଙ୍କୁ ମାଡ଼ କରିଥିଲା। ଖାମେନେଇଙ୍କ ପରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ନେତା ନିହତ ହୋଇଥିବା ଟ୍ରମ୍ପ୍ କହିଛନ୍ତି।

## ଆକ୍ରମଣ ଜୋର୍ଦାର କରିବାକୁ ଟ୍ରମ୍ପ୍ଙ୍କ ଧମକ

### ଇରାନକୁ ଆଣବିକ ଅସ୍ତ୍ରଶୂନ୍ୟ କରିବାକୁ ପଣ

**ୱାଶିଂଟନ୍, ୨।୩**

ଇରାନ-ଆମେରିକା ଯୁଦ୍ଧ ବେଳକୁ ବେଳ ତୀବ୍ର ହେବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବେ ଇରାନର ବହୁ ଗୁରୁତ୍ୱପୂର୍ଣ୍ଣ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ୧୩୧ ସହର ଉପରେ ଆକ୍ରମଣ କରିଛନ୍ତି। ଏଥିରେ ୫୫୦ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଶହ ଲୋକ ଆହତ ହୋଇଛନ୍ତି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ସମେତ ସାମରିକ ଓ କ୍ଷମତାଶୀଳ ୪୮ ନେତାଙ୍କ ମଧ୍ୟ ମୃତ୍ୟୁ ହୋଇସାରିଛି। ଏହାସତ୍ତ୍ୱେ ଯୁଦ୍ଧ ବିରତିର ପ୍ରଶ୍ନ ଉଠୁନାହିଁ। ବରଂ ଆଗକୁ ଆକ୍ରମଣ ଆହୁରି ଜୋର୍ଦାର କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୃଢ଼ୋକ୍ତି କରିଛନ୍ତି। ଏପରିକି କିଛି ସପ୍ତାହ ନୁହେଁ, ଦୀର୍ଘସୂତ୍ରୀ ଯୁଦ୍ଧ ପାଇଁ ଆମେରିକା ପ୍ରସ୍ତୁତ ବୋଲି ଟ୍ରମ୍ପ୍ କହିଛନ୍ତି। ଇରାନ ଅଭିଯାନ ସମ୍ପର୍କରେ ଟ୍ରମ୍ପ୍ ସ୍ପଷ୍ଟ କରି କହିଛନ୍ତି, ଇରାନ ଅନେକ ବର୍ଷ ଧରି ଆମେରିକୀୟଙ୍କୁ ଟାର୍ଗେଟ କରିଆସିଛି। କିନ୍ତୁ ଏବେ ଆଉ ସମୟ ନାହିଁ। ଇରାନକୁ କଦାଚିତ ଆଣବିକ ଅସ୍ତ୍ର କ୍ଷମତାସମ୍ପନ୍ନ ହେବାକୁ ଦିଆଯିବ ନାହିଁ। ତାହାର ସବୁ କ୍ଷେପଣାସ୍ତ୍ର ମଧ୍ୟ ଧ୍ୱଂସ କରିଦିଆଯିବ ବୋଲି ଟ୍ରମ୍ପ୍ କହିଛନ୍ତି।



ଡୋନାଲ୍ଡ ଟ୍ରମ୍ପ୍

## ସୁଡ଼ଙ୍ଗରେ ଭରି ରହିଛି ଇରାନର ବିପୁଳ ଯୁଦ୍ଧାସ୍ତ୍ର

**ତେହରାନ୍, ୨।୩**

ଇରାନ ଗୁପ୍ତରେ ଏହାର ଭୂତଳ ଅସ୍ତ୍ର ଭଣ୍ଡାର ଏବଂ ସୁଡ଼ଙ୍ଗରେ ବିପୁଳ ଅସ୍ତ୍ରଶସ୍ତ୍ର ମହଜୁଦ ରଖିଛି। ସୋମବାର ଇରାନ ସେନା(ଆଇଆର୍ଜିସି) ପକ୍ଷରୁ ଏହାର ଏକ ଭିଡିଓ ଫୁଟେଜ୍ ଜାରି କରାଯାଇଛି। ଏହି ଫୁଟେଜ୍ରେ ଅନେକ ଶହ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମହଜୁଦ ରହିଥିବା ଦେଖାଯାଇଛି। ଆମେରିକା ଦୀର୍ଘସୂତ୍ରୀ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଥିଲାବେଳେ ଇରାନ ମଧ୍ୟ ଏଥିପାଇଁ ପ୍ରସ୍ତୁତ ବୋଲି ଆଇଆର୍ଜିସି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଦେଶରେ ଆମେରିକାର ୫୦୦ ଠିକଣାରେ ଇରାନ ଆକ୍ରମଣ କରିସାରିଛି। ଏଥିରେ ୭୦୦ ଡ୍ରୋନ୍ ଏବଂ ଅନେକ କ୍ଷେପଣାସ୍ତ୍ର ପ୍ରୟୋଗ କରାଯାଇଛି ବୋଲି ଆଇଆର୍ଜିସି ପକ୍ଷରୁ କୁହାଯାଇଛି।



## ହସ୍ପିଟାଲ, ସ୍କୁଲ ଉପରେ ଆକ୍ରମଣ

### ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ଦାବିକଲା ଇରାନ

**ତେହେରାନ୍, ୨।୩**

ଆମେରିକା ଏବଂ ଇସ୍ରାଏଲ୍ର ମିଳିତ ଆକ୍ରମଣରେ ଇରାନ୍ର ବହୁ ହସ୍ପିଟାଲ ଏବଂ ସ୍କୁଲ୍ କ୍ଷତିଗ୍ରସ୍ତ ହୋଇଥିବାରୁ ତେହରାନ୍ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ଓ ସମର୍ଥନ ଦାବି କରିଛି। ଇରାନର ଆବାସିକ ଅଞ୍ଚଳ ଉପରେ ଆମେରିକା ଓ ଇସ୍ରାଏଲ୍ ଅବିଚାରିତ ଭାବେ ଆକ୍ରମଣ ଜାରି ରଖିଛି, ଏପରିକି ହସ୍ପିଟାଲ, ସ୍କୁଲ୍, ରେଡ୍ କ୍ରିସେଣ୍ଟ କାର୍ଯ୍ୟାଳୟ ଏବଂ ସାଂସ୍କୃତିକ କୀର୍ତ୍ତିରାଜି ମଧ୍ୟ ଆକ୍ରମଣରୁ ବାଦ୍ ପଡୁନାହିଁ। ଏହା ଅତ୍ୟନ୍ତ ଜଘନ୍ୟ ଅପରାଧ ଏବଂ ଅନ୍ତର୍ଜାତୀୟ ଉଦ୍‌ବେଗ ବୋଲି ତେହରାନ୍ କହିଛି। ଏଭଳି ଅନ୍ୟାୟ ପ୍ରତି ଉଦାସୀନତା ବିଶ୍ୱ ସମାଜର ମୂଲ୍ୟବୋଧକୁ ବିପନ୍ନ କରି ମାନବ ଜାତିର ଭବିଷ୍ୟତକୁ ଆହୁରି ବିପଦରେ ପକାଇବ ବୋଲି ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

## ଯୁଦ୍ଧକୁ ନେଇ ଆଶଙ୍କାରେ ନିବେଶକ, ୧୦୪୮ ପଏଣ୍ଟ ଖସିଲା ସେନ୍ସେକ୍ସ

**ମୁମ୍ବାଇ, ୨।୩**

ଇରାନ-ଆମେରିକା ଯୁଦ୍ଧ ପଶ୍ଚିମ ଏସିଆ ସମେତ ବିଶ୍ୱ ସମୁଦାୟକୁ ପ୍ରଭାବିତ କରିଛି। ଗୋଟିଏ ପଟେ ଯୁଦ୍ଧବିରତି ପରିବର୍ତ୍ତେ ଆଗକୁ ଆହୁରି ଜଟିଳ ରୂପ ନେବା ଏବଂ ଅନ୍ୟପଟେ ଆରବସମୂହ ରାଷ୍ଟ୍ରଗୁଡ଼ିକରୁ ତୈଳ ଓ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବା ଘଟଣା ନିବେଶକାରୀଙ୍କୁ ଆଶଙ୍କିତ କରିଦେଇଛି। ଏହାକୁ ନେଇ ଭାରତୀୟ ଶେୟାର ବଜାର ସମେତ ବିଶ୍ୱର ପ୍ରମୁଖ ଶେୟାର ବଜାର ସୋମବାର ଭାରି ମାତ୍ରାରେ ପ୍ରଭାବିତ ହୋଇଛି।

ସୋମବାର ମୁମ୍ବାଇ ଶେୟାର ବଜାରରେ କାରବାର ଆରମ୍ଭ ହେବା ମାତ୍ରେ ବିଭିନ୍ନ କ୍ଷେତ୍ରରୁ ନିବେଶକାରୀ ପୁଞ୍ଜି ପ୍ରତ୍ୟାହାର କରିବା ଆରମ୍ଭ କରିଦେବାରୁ ବିଏସ୍ଇ ପ୍ରମୁଖ ସୂଚକାଙ୍କ ସେନ୍ସେକ୍ସ ଏବଂ ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ସୂଚକାଙ୍କ ନିଫ୍ଟିରେ ଦ୍ରୁତ ହ୍ରାସ ଘଟିବା ଆରମ୍ଭ ହୋଇଥିଲା। ମଧ୍ୟାହ୍ନ କାରବାର ସୁଦ୍ଧା ସେନ୍ସେକ୍ସରେ ୧୮୦୦ ପଏଣ୍ଟ ହ୍ରାସ ଘଟି ଏହା ୭୯,୭୦୦ ପଏଣ୍ଟକୁ ଖସି ଆସିଥିଲାବେଳେ ନିଫ୍ଟିରେ ୫୦୦ ପଏଣ୍ଟ ହ୍ରାସ ଘଟି ଏହା ୨୪,୬୫୦କୁ ଖସି ଆସିଥିଲା। ବିଶେଷକରି ସ୍ମଲ୍ କ୍ୟାପ୍ ଏବଂ ମିଡ୍କ୍ୟାପ୍ ଶେୟାର ଭାରି ମାତ୍ରାରେ ପ୍ରଭାବିତ ହୋଇଥିଲା। ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ସେନ୍ସେକ୍ସରେ ୧୦୪୮ ପଏଣ୍ଟ ହ୍ରାସ ଘଟି କାରବାର ଶେଷ ବେଳକୁ ଏହା ୮୦,୨୩୮ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନିଫ୍ଟିରେ ୩୧୩ ପଏଣ୍ଟ ହ୍ରାସ ଘଟି ଏହା ୨୪,୮୬୫ ପଏଣ୍ଟରେ ବନ୍ଦ ରହିଛି।



## ବ୍ରିଟେନ୍ ବାୟୁସେନା ୟୁନିଟ୍ ଉପରେ ଇରାନ୍ର ଡ୍ରୋନ୍ ଆକ୍ରମଣ

**ତେହେରାନ୍, ୨।୩**

ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ୍ ମିଳିତ ଆକ୍ରମଣ ଚଳାଇଥିବାବେଳେ ସାଇପ୍ରସ୍ରେ ଥିବା ବ୍ରିଟିଶ ରୟାଲ ଏୟାରଫୋର୍ସ ବେସ୍ରେ ତେହରାନ୍ ରବିବାର ଡ୍ରୋନ୍ ମାଡ଼ କରିଥିବା ସାଇପ୍ରସ୍ ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୌଲିଡେସ୍ କହିଛନ୍ତି। ଏଥିରେ ବାୟୁସେନା ବେସ୍ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବାବେଳେ ପୂର୍ବଭଳି କାର୍ଯ୍ୟ ଜାରି ରହିଥିବା ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ସୀମିତ ପ୍ରତିରକ୍ଷା ଅଭିଯାନ ପାଇଁ ବ୍ରିଟିଶ୍ ବେସ୍କୁ ବ୍ୟବହାର କରିବା ଲାଗି ଆମେରିକାକୁ ବ୍ରିଟେନ୍ ଅନୁମତି ଦେବା ଲାଗି ପ୍ରଧାନମନ୍ତ୍ରୀ କେର୍ଷ୍ଟାର୍ମର ଘୋଷଣା କରିବା ପରେ ଇରାନ୍ ଡ୍ରୋନ୍ ଆକ୍ରମଣ କରିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଉକ୍ତ ବେସ୍ରେ ରହୁଥିବା ପରିବାର ସଦସ୍ୟମାନଙ୍କୁ ସାମୟିକ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

## ଆବୁଧାବିରୁ ୪ ବିମାନରେ ଫେରିଲେ ଭାରତୀୟ



ଆବୁଧାବିରୁ ଆସି ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିଥିବା ଭାରତୀୟ।

**ମୁମ୍ବାଇ, ୨।୩**

ଇରାନ ଉପରେ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ହେବା ସହ ବିମାନ ଚଳାଚଳ ବନ୍ଦ ରଖାଯାଇଥିଲା। ୟୁଏଇ ସମେତ ସାଉଦି ଆରବ, କାତାର ଏବଂ କୁଏଟ୍ ଆଦି ଦେଶ ଉପରେ ଇରାନ ଆକ୍ରମଣ କରିବାରୁ ଏହିସବୁ ଦେଶରେ ରହିଥିବା ଅନେକ ହଜାର ଭାରତୀୟ ଆଶଙ୍କିତ ହୋଇପଡ଼ିଥିଲେ। ଦୁବାଇ, ଆବୁଧାବି ସମେତ ଅନ୍ୟ ବହୁ ସହରରେ ଭାରତୀୟମାନେ ସ୍ୱଦେଶ ଫେରିବାକୁ ଲମ୍ଭାଧାଡ଼ି ଲଗାଇଥିଲେ ହେଁ ସ୍ୱଦେଶ ଫେରିବା ସମ୍ଭବ ହୋଇ ନଥିଲା। ତେବେ ସୋମବାର ୟୁଏଇ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବିମାନରେ ଭାରତୀୟମାନଙ୍କୁ ସ୍ୱଦେଶ ପଠାଇବା କାର୍ଯ୍ୟ ଆରମ୍ଭ କରାଯାଇଛି। ଦୁବାଇ ଏବଂ ଆବୁଧାବିରୁ ଭାରତୀୟମାନଙ୍କୁ ନେଇ ୪ ବିମାନ ଦିଲ୍ଲୀ, ମୁମ୍ବାଇ, କୋଚି ଓ ବେଙ୍ଗାଲୁରୁରେ ପହଞ୍ଚିଛି। ମଙ୍ଗଳବାର ଇଣ୍ଡିଗୋର ୧୦ ବିମାନ ଭାରତୀୟମାନଙ୍କୁ ନେଇ ଜିଦାହରୁ ଭାରତର ବିଭିନ୍ନ ସହର ଅଭିମୁଖେ ଆସିବ ବୋଲି କୁହାଯାଇଛି।

## ହୋର୍ମୁଜ୍ ଷ୍ଟ୍ରେଟ୍: ସର୍ବବୃହତ୍ ଏନର୍ଜି କରିଡର

**ମୁମ୍ବାଇ, ୨।୩**

ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଇରାନ ଓ ଓମାନ ମଝିରେ ରହିଥିବା ଏକ ସଂକୀର୍ଣ୍ଣ ସାମୁଦ୍ରିକ ପଥ ବା ପ୍ରଣାଳୀ 'ହୋର୍ମୁଜ୍ ଷ୍ଟ୍ରେଟ୍'ର ବିଶେଷତ୍ୱ ଏବେ ବୈଶ୍ୱିକ ତୈଳ ପରିବହନ କ୍ଷେତ୍ରରେ ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ଇରାନ ଏବଂ ଓମାନ ଉପକୂଳ ସମେତ ୟୁଏଇ ଉପକୂଳକୁ ଲାଗି ରହିଥିବା ମାତ୍ର ୩୩ କି.ମି ଚଉଡ଼ା ବିଶିଷ୍ଟ ଏହି ସାମୁଦ୍ରିକ ପଥ ଉତ୍ତରରେ ପାରସ୍ୟ ସାଗର ଏବଂ ଦକ୍ଷିଣରେ ଆରବସାଗରକୁ ଯୋଡୁଛି। ଅନ୍ତର୍ଜାତୀୟ ତୈଳ ପରିବହନ କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନେକ ଶହ ବର୍ଷ ତଳେ ଏହି ସାମୁଦ୍ରିକ ପଥ ଦେଇ ଚାଇନା ସମେତ ଅନ୍ୟ ବହୁ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ଉପସାଗରୀୟ ଦେଶଗୁଡ଼ିକ ସହ ବାଣିଜ୍ୟ କାରବାର କରୁଥିଲେ। ହେଲେ ସାମ୍ପ୍ରତିକ ସମୟରେ ଏହି ସାମୁଦ୍ରିକ ପଥ ବିଶ୍ୱର ବୃହତ୍ ଏନର୍ଜି କରିଡର୍ ଭାବେ ପ୍ରତିଷ୍ଠାଲାଭ କରିଛି। ବିଶ୍ୱର ପ୍ରମୁଖ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ସାଉଦି ଆରବ, ୟୁଏଇ, କାତାର୍, ଇରାକ୍, ଇରାନ, ବାହାରିନ୍ ଏବଂ କୁଏଟ୍ରୁ ଏହି ପଥ ଦେଇ ବିଶ୍ୱର ବିଭିନ୍ନ ଭାଗକୁ ତୈଳ ଓ ଗ୍ୟାସ୍ ପରିବହନ ହୋଇଥାଏ। ଏହି ପଥ ଦେଇ ବିଶ୍ୱର ୨୦ରୁ ୨୫ ପ୍ରତିଶତ ଅଶୋଧିତ ପେଟ୍ରୋଲିୟମ ପରିବହନ ହୋଇଥିଲା ବେଳେ ଦୈନିକ ୨୦ ନିୟୁତ ବ୍ୟାରେଲ୍ରୁ ଅଧିକ ତୈଳ ପରିହନ ହୋଇଥାଏ। ମାଲାକା ଷ୍ଟ୍ରେଟ୍ ହେଉଛି ବିଶ୍ୱର ସବୁଠାରୁ ବଡ଼ ସାମୁଦ୍ରିକ ପଥ, ଯେଉଁ ପଥ ଦେଇ ଦୈନିକ ୩.୩ ନିୟୁତ ବ୍ୟାରେଲ ତୈଳ ପରିବହନ ହୋଇଥାଏ। ଏହାପରେ ହୋର୍ମୁଜ୍ ହେଉଛି ଦ୍ୱିତୀୟ ବୃହତ୍ ସାମୁଦ୍ରିକ ପଥ, ଯେଉଁଠି ଉପରୋକ୍ତ ପରିମାଣର ତୈଳ ଓ ଗ୍ୟାସ୍ ପରିହବନ ହୋଇଥାଏ। କାତାର ବିଶ୍ୱର ସର୍ବବୃହତ୍ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ରୂପେ ଏହାର ଶତପ୍ରତିଶତ ଗ୍ୟାସ୍ ଏହି ପଥ ଦେଇ ରପ୍ତାନି କରିଥାଏ। କାତାର ବ୍ୟତୀତ ଅନ୍ୟ ଦେଶର ଗ୍ୟାସ୍ ମଧ୍ୟ ଏହି ପଥ ଦେଇ ପରିବହନ ହୋଇଥିଲା ବେଳେ ବିଶ୍ୱର ଅନ୍ୟୂନ ୪୦ ଭାଗ ଉତ୍ପାଦିତ ଗ୍ୟାସ୍ ହୋର୍ମୁଜ୍ ଷ୍ଟ୍ରେଟ୍ ଦେଇ ପରିବହନ ହୋଇଥାଏ। ଫଳରେ ଏହି ସାମୁଦ୍ରିକ ପଥ ବୈଶ୍ୱିକ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆମେରିକା-ଇସ୍ରାଏଲ ଆକ୍ରମଣକୁ ନେଇ ଇରାନ ଏହା ଉପରେ ପ୍ରତିବନ୍ଧକ ଲଗାଇବା ସହ ଅନ୍ୟ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣ କରିବା ଘଟଣା ହୋର୍ମୁଜ୍ ସାମୁଦ୍ରିକ ପଥ ଦେଇ ତୈଳ ଓ ଗ୍ୟାସ୍ ପରିବହନ ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ବୈଶ୍ୱିକ ତୈଳ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହେବା ସହ ଅର୍ଥନୀତି ପରୋକ୍ଷରେ ପ୍ରଭାବିତ ହେବା ଆଶଙ୍କା ବଢ଼ାଇଛି।



DHARITRI
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୬ | Bhubaneswar, Tuesday, March 3/2026 



**ପ୍ରଶଂସା ସାଉଁଟୁଛନ୍ତି କିଆରା**

ଚଳଚ୍ଚିତ୍ର 'ଟକ୍ସିକ୍'ରେ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଯଶଙ୍କୁ ନେଇ ନିର୍ମାତା ଏକ ପୋଷ୍ଟର ରିଲିଜ୍ କରିଛନ୍ତି, ଯାହା ପ୍ରଶଂସକମାନଙ୍କଠାରୁ ବେଶ୍ ପ୍ରଶଂସା ସାଉଁଟିଛି।

୦୬

୧୮

**ଅଲ୍ ଇଂଲଣ୍ଡରେ ଖେଳିପାରିବେନି ସିନ୍ଧୁ**

ଦୁବାଇରେ ଅଟକି ଯାଇଥିବାରୁ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ଖେଳିପାରିବେନି ଭାରତର ଷ୍ଟାର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ।





ଲେବାନନ୍‌ର ରାଜଧାନୀ 'ବେରୁଟ୍'ର ଦକ୍ଷିଣ ଉପକଣ୍ଠରେ ଥିବା ଦାହିୟେ ଅଞ୍ଚଳରେ ସୋମବାର ଇସ୍ରାଏଲ ପକ୍ଷରୁ କରାଯାଇଥିବା ଏୟାର ଷ୍ଟ୍ରାଇକ୍ ପରେ ନିଆଁର ଶିଖା ଏବଂ କଳା ଧୂଆଁ ଆକାଶକୁ ଉଠୁଥିବା ଦେଖାଯାଉଛି।

# ଭାଜପା ଦେବ ୩ ପ୍ରାର୍ଥୀ

**ରାଜ୍ୟ ସଭା ନିର୍ବାଚନ**

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନ ପାଇଁ ସମୟ ଯେତିକି ପାଖେଉଛି, ଏହାକୁ ନେଇ ଚର୍ଚ୍ଚା ସେତିକି ବଢ଼ିବାରେ ଲାଗିଛି। ବିଜେଡି ପକ୍ଷରୁ ୩ୟ ଏବଂ ୪ର୍ଥ ଆସନ ଲାଗି ପ୍ରାର୍ଥୀ ଆଗୁଆ ଦେଇ ଦିଆଯିବା ପରେ ଶାସକ ଭାଜପାର ରଣନୀତି କ'ଣ ହେବ ତାହାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ରାଜ୍ୟ ସଭାକୁ ନେଇ ଶାସକ ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ଏଭଳିସ୍ଥଳେ ସୋମବାର ଭାଜପା ବିଧାୟକ ଦଳ ବୈଠକ ପୂର୍ବରୁ ବିଧାୟକ ସନ୍ତୋଷ ଖଟୁଆ ୩ ଆସନରେ ପ୍ରାର୍ଥୀ ଦିଆଯିବ ଏବଂ ସବୁଥିରେ ଜିତିବ ବୋଲି କହିଛନ୍ତି। ବିଧାୟକମାନଙ୍କଠାରୁ ଦସ୍ତଖତ ନେବାର କାର୍ଯ୍ୟ ଶେଷ ହେବାପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଆଉ କେତେଜଣ ହାତଗଣତି ନେତାଙ୍କ ମଧ୍ୟରେ ଆଉ ଏକ ବୈଠକ କୁଆଡ଼େ ବସିଥିଲା ବୋଲି ଶୁଣିବାକୁ ମିଳିଛି। ୫ ତାରିଖରେ ନାମାଙ୍କନ ପାଇଁ ଶେଷ ତାରିଖ ରହିଛି। ଭାଜପାରୁ ଯେଉଁମାନେ ପ୍ରାର୍ଥୀ ହେବେ ସେମାନଙ୍କ ନାମାଙ୍କନ ଶେଷଦିନ କରାଯିବ ବୋଲି ଦଳର ବିଧାୟକମାନଙ୍କୁ କୁହାଯାଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳର ସବୁ ବିଧାୟକଙ୍କୁ ସୋମବାର ତାଙ୍କ ବାସଭବନକୁ ଡାକିଥିଲେ। ସେଠାରେ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ସବୁ ବିଧାୟକ ଖାଇବା ପିଇବା କରିବା ପରେ ରାଜ୍ୟ ସଭା ☞ ପୃଷ୍ଠା-୨

# ୧ ଡଲାର= ୯୧.୫୦ ଟଙ୍କା

**ଖସିଲା ୪୨ ପଇସା**

ନୂଆଦିଲ୍ଲୀ,୨।୩

ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ତୈଳ ବଜାରଠାରୁ ଆରମ୍ଭ କରି ପୁଞ୍ଜି ନିବେଶ ବଜାର ଭାରି ମାତ୍ରାରେ ପ୍ରଭାବିତ ହେବା କାରଣରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ଅବମୂଲ୍ୟାୟନ ଘଟିଛି। ସୋମବାର ଆନ୍ତଃ ବ୍ୟାଙ୍କିଙ୍ଗ୍ ବୈଦେଶିକ ମୁଦ୍ରା ବିନିମୟ ବଜାରରେ କାରବାର ଆରମ୍ଭ ହେବା ବେଳେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୧.୨୩ ରହିଥିଲା। କିନ୍ତୁ ମଧ୍ୟାହ୍ନ ସୁଦ୍ଧା ଟଙ୍କା ମୂଲ୍ୟରେ ଆହୁରି ଅବମୂଲ୍ୟାନ ଘଟିବା ସହିତ ଏହା ସର୍ବନିମ୍ନ ସ୍ତରକୁ ଖସି ୯୧.୬୫ରେ ପହଞ୍ଚିଥିଲା। ତେବେ ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସି ଥିଲାବେଳେ କାରବାର ଶେଷବେଳକୁ ଟଙ୍କା ମୂଲ୍ୟରେ ୪୨ ପଇସା ହ୍ରାସ ଘଟି ଏହା ଡଲାର ତୁଳନାରେ ୯୧.୫୦ ରହିଛି। ଚଳିତ ମାସରେ ପ୍ରଥମଥର ପାଇଁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୧ ଟପିଛି। ସୋମବାର ଇରାନ ସାଉଦି ଆରବ ଏବଂ କାତାରର ଦୁଇ ପ୍ରମୁଖ ତୈଳ ରିଫାଇନେରି ଉପରେ ଆକ୍ରମଣ କରିବା ଘଟଣା ବୈଶ୍ୱିକ ପୁଞ୍ଜି ବଜାରକୁ ପ୍ରଭାବିତ କରିବା ଏବଂ ଏହାକୁ ନେଇ ଭାରତ ସମେତ ବିଶ୍ୱର ପ୍ରମୁଖ ଶେୟାର ବଜାରରୁ ନିବେଶକାରୀମାନେ ବିପୁଳ ପୁଞ୍ଜି ପ୍ରତ୍ୟାହାର କରିନେବା ଡଲାର-ଟଙ୍କା ବିନିମୟ ସ୍ଥିତିକୁ ପ୍ରଭାବିତ କରିଛି ବୋଲି କୁହାଯାଇଛି।

**ହୋଲି ଶୁଭେଚ୍ଛା**

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

**ଧରିତ୍ରୀର ଛୁଟି**

ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୩ ଓ ୪ ତାରିଖ ମଙ୍ଗଳବାର ଏବଂ ବୁଧବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୬ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ** ତେଲ ମାରିଲା

ବିଟେକ୍ ପାଠ ଛାଡ଼ି ସିମ୍ ବକ୍ସ କାରବାର

ପୃଷ୍ଠା-୩

୨୫ରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି

ପୃଷ୍ଠା-୧୪




# ଘନଉଛି ତୈଳ ସଙ୍କଟ

## ୨ ବୃହତ୍ ରିଫାଇନେରି ଉପରେ ଇରାନର ଆକ୍ରମଣ

ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ଦିନକୁ ଦିନ ବ୍ୟାପକ ରୂପ ଧାରଣ କରୁଛି। ଯୁଦ୍ଧ ଏବେ ଏହି ୨ ଦେଶ ମଧ୍ୟରେ ସୀମିତ ନ ରହି ଅନେକ ଦେଶକୁ ବ୍ୟାପିବାରେ ଲାଗିଛି। ଉପସାଗରୀୟ ପ୍ରମୁଖ ୫ଟି ଦେଶ ସମେତ ୟୁରୋପୀୟ ଦେଶରେ ରହିଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଇରାନ ଆକ୍ରମଣ କରିଥିବା ବେଳେ ବିଶ୍ୱର ଦୁଇ ପ୍ରମୁଖ ତୈଳ ଓ ଗ୍ୟାସ୍ ରିଫାଇନେରି ଉପରେ ଆକ୍ରମଣ ଘଟଣା ବୈଶ୍ୱିକ ତୈଳ ଯୋଗାଣ ଶୃଙ୍ଖଳକୁ ବହୁଭାବରେ ପ୍ରଭାବିତ କରିବା ଆଶଙ୍କା ବଢ଼ାଇଛି। ତୈଳ ଯୋଗାଣ ବିଶୃଙ୍ଖଳ ଏବଂ ଭୂ-ରାଜନୈତିକ ଅସାମଞ୍ଜସ୍ୟ ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ଜଟିଳ ସ୍ଥିତି ସୃଷ୍ଟି କରିବ।

ତେହରାନ୍ ,୨।୩

ଇରାନ-ଆମେରିକା ଯୁଦ୍ଧ କ୍ରମଶଃ ଗମ୍ଭୀର ହେବାରେ ଲାଗିଛି। ସୋମବାର ତୃତୀୟ ଦିନରେ ଉଭୟ ପକ୍ଷ ଆକ୍ରମଣ ଜାରି ରଖିଥିଲାବେଳେ କ୍ଷୟକ୍ଷତି ମଧ୍ୟ ବଢ଼ିବାରେ ଲାଗିଛି। ଆମେରିକା ଟାର୍ଗେଟରେ କେବଳ ଇରାନ ରହିଛି। କିନ୍ତୁ ଆମେରିକା ବିରୋଧରେ ଉପସାଗରୀୟ ଅଞ୍ଚଳର ୬ ପ୍ରମୁଖ ଦେଶ ସମେତ ସାଇପ୍ରସ୍ ଭଳି କେତେକ ୟୁରୋପୀୟ ରାଷ୍ଟ୍ରରେ ରହିଥିବା ଆମେରିକୀୟ ସାମରିକ ଘାଟି ☞ ପୃଷ୍ଠା-୨

# 'କମନ୍' ପ୍ରାର୍ଥୀ ଦଣ୍ଡେଶ୍ୱରଙ୍କୁ ରାଜ୍ୟ କଂଗ୍ରେସର ସମର୍ଥନ

**କଂଗ୍ରେସର ରାଜ୍ୟ ସଭା ମଞ୍ଚନ; ରମେଶ, ସୋଫିଆ ଅନୁପସ୍ଥିତ**

ଭୁବନେଶ୍ୱର,୨।୩(ରବିନାରାୟଣ ଜେନା)

ଆସନ୍ତା ମାର୍ଚ୍ଚ ୧୬ରେ ଓଡ଼ିଶାର ୪ଟି ରାଜ୍ୟ ସଭା ଆସନରେ ନିର୍ବାଚନ ହେବାକୁ ଥିବାବେଳେ ୫ ତାରିଖ ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଶାସକ ଭାଜପା ପ୍ରଥମ ଓ ଦ୍ୱିତୀୟ ଆସନରେ ଏବଂ ବିଜେଡି ୩ୟ ଆସନରେ ବିଜୟୀ ହେବା ପ୍ରାୟ ନିଶ୍ଚିତ। ୪ର୍ଥ ଆସନ ପାଇଁ କାହାରି ପାଖରେ ଆବଶ୍ୟକ ସଂଖ୍ୟା ନାହିଁ। ଏଥିନିମନ୍ତେ ବିଜେଡି ଗତ ଶନିବାର ଡା. ଦଣ୍ଡେଶ୍ୱର ହୋତାଙ୍କୁ 'କମନ୍' ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ☞ ପୃଷ୍ଠା-୨






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସୁକୁବିନା ସ୍ରଷ୍ଟା ନ୍ୟାସ ପକ୍ଷରୁ ୫ମ ସୁକୁବିନା ସ୍ମୃତି ପୁରସ୍କାର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୫ଟା ୪୫।

**ବାଲେଶ୍ୱର**
- ରଙ୍ଗ ଖେଳି ଉତ୍ସବ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ଗୁପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳଦାନ ଶିବିର, ସ୍ଥାନ: ପିଞ୍ଛାବଣିଆ ଦୋଳ ମେଳନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ପିଞ୍ଛାବଣିଆ ଦୋଳ ମେଳା, ସ୍ଥାନ: ଦୋଳ ମେଳନ ପଡ଼ିଆ, ପିଞ୍ଛାବଣିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ଦୋଳ ବିମାନ ଶୋଭାଯାତ୍ରା, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ରାତି ୧୧ଟା।
- ଦୋଳ ମହୋତ୍ସବ, ସ୍ଥାନ: ବ୍ରାହ୍ମଣଗାଁ, ବାସୁଦେବପୁର, ସମୟ: ରାତି ୩ଟା।

**କେନ୍ଦୁଝର**
- ପିଢ଼ପୋଖରୀରେ ପ୍ରଥମ ରାସ ଉତ୍ସବ ଅନୁଷ୍ଠିତ, ସ୍ଥାନ: ବଡ଼କାଳିମାଟି ପଞ୍ଚାୟତ ପିଢ଼ପୋଖରୀ, ଯୋଡ଼ା, ସମୟ: ସକାଳ ୯ଟା।
- ଜିଲା ଗୋଣ୍ଡ ସାଂସ୍କୃତିକ ସମାଜ, ସାଧାରଣ ଅଧିବେଶନ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ମଣ୍ଡୁଆ, ସମୟ: ପୂର୍ବାହ୍ନ ୧୦ଟା।
- ପିସିସି ସଭାପତିଙ୍କ ଗ୍ରସ୍ତକୁ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କେନ୍ଦୁଝର କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣ୍ଡ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ଦୋଳ ମହୋତ୍ସବ ଅବସରରେ ନାମ ସଙ୍କୀର୍ତ୍ତନ, ସ୍ଥାନ: ତାଳପଦା, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ୪୦ତମ ହୋଲି ଉତ୍ସବ,ସ୍ଥାନ:ବେଲଡିହା ଦୋଳ ପଡ଼ିଆ, କପ୍ତିପଦା,ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ବାଙ୍କ ବିହାରୀ ମହାପ୍ରଭୁଙ୍କ ପାଲିଙ୍କିରେ ଫଗୁ ଖେଳ ଓ ଗ୍ରାମବାସୀଙ୍କ ବାଇଗଣ ପୋଡ଼ା ଉତ୍ସବ,ସ୍ଥାନ: ଜାମୁବଣୀ ଗ୍ରାମ ହରିମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ପରାବିଲ ଗ୍ରାମର ବାର୍ଷିକ ଦୋଳଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ପରାବିଲ ମନ୍ଦିର ଛକ, ସମୟ ସନ୍ଧ୍ୟା ୬ଟା ୩୦।
- ଦୋଳ ଉତ୍ସବ ଓ ଅପେରା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ମହୀଧରପୁର, ସମୟ: ରାତି ୮ଟା।
- ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ଦୋଳଯାତ୍ରା, ସ୍ଥାନ: ଆଠମଲ୍ଲିକ ଦୋଳମଣ୍ଡପ, ସମୟ: ରାତି ୧୦ଟା।

**କେନ୍ଦ୍ରାପଡ଼ା**
- ଶ୍ରୀ ଦଧିବାମନଜୀଉ ଦେବଯଜ୍ଞ, ସ୍ଥାନ: ବସନ୍ତ ବଗିଚା, ଦେସାହି, ଆଳି, ସମୟ: ସକାଳ ୭ଟା।
- ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ସମ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭଗବଦ୍ ଗୀତା ପରିଚାଳନା କମିଟି ପକ୍ଷରୁ ନାମଜଜ୍ଞ, ସ୍ଥାନ: ଶ୍ରୀ ସିଦ୍ଧ ବେଲବଣ ମହାପୁରୁଷ ପୀଠ, ପାଖଡ, ନୂଆପଡା, ପଟ୍ଟାମୁଣ୍ଡାଇ, ସମ: ସନ୍ଧ୍ୟା ୬ଟା।
- ଶ୍ରୀ ବଳଦେବଜୀଉଙ୍କ କୃଷ୍ଣ ବଳରାମ ବେଶ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ଡ୍ରାମାଟିକ କ୍ଲବ ପକ୍ଷରୁ ୪୫ତମ ନାଟ୍ୟ ଉତ୍ସବର ପ୍ରଥମ ନାଟକ ମୁଁ ଅନାଥ, ତୁ ଜଗନ୍ନାଥ, ସ୍ଥାନ: ଗୋମାତା ପୂଜା ପଡିଆ, ନୁରୁଗାଁ, ରାଜନଗର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଜାମାଲାଗି ବେଶର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ବାବା ବିଶ୍ୱନାଥ ମନ୍ଦିର ଓ ଶନି ମନ୍ଦିର ଉଦ୍‌ଯାପନ ଦିବସ, ସ୍ଥାନ:ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ:ସକାଳ ୮ଟା।
- ମଦନ ମୋହନଙ୍କ ପଞ୍ଚମ ବାର୍ଷିକ ଉତ୍ସବ ଓ ଚାଉପଲ୍ଲୀ ମହୋତ୍ସବର ୪ର୍ଥ ଦିବସ, ସ୍ଥାନ:ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ:ଅପରାହ୍ନ ୩ଟା।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ଷଷ୍ଠ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- କପିଳେଶ୍ୱର ଦେବଙ୍କର ଦୋଳ ପରିକ୍ରମା ଉଦ୍‌ଯାପନ ଦିବସ, ସ୍ଥାନ:ଜଗନ୍ନାଥ ପ୍ରସାଦ ପଞ୍ଚାୟତର କୁଆହରା, ସମୟ: ସନ୍ଧ୍ୟା ୭ଟା।
- ଦୋଳପୂର୍ଣ୍ଣିମା ଯାତ୍ରା ଆରମ୍ଭରେ ୨୦ ଶମ୍ଭୁ ମେଳଣ, ସ୍ଥାନ: ଗୋଡିପଡା ଲଡୁକେଶ ମହେଶଙ୍କ ପୀଠ, ସମୟ: ରାତ୍ର ୯ଟା।
- ନୂତନ ପାଞ୍ଜି ପଠନ, ସ୍ଥାନ: ଗୋଡିପଡା ଲଡୁକେଶ ମହେଶଙ୍କ ଦୋଳବେଦୀ, ସମୟ: ରାତ୍ର ୯ଟା ୩୦।
- ନୂତନ ପାଞ୍ଜି ପଠନ, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ଦୋଳବେଦୀ, ସମୟ: ରାତ୍ର ୯ଟା ୩୦।

**ସମ୍ବଲପୁର**
- ଗୁଣ୍ଡିଖୋଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।
- ହୋଲି ମିଳନ ଓ ସଙ୍ଗୀତ ସନ୍ଧ୍ୟା, ସ୍ଥାନ : ମାରୱାଡି ପଞ୍ଚାୟତ ଧର୍ମଶାଳା, ସମୟ : ରାତି ୮ଟା।
- ସମ୍ବଲପୁର ସେଲେବ୍ରିଟି ଲିଗ୍‌ର ସମୀକ୍ଷା ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।

**ବଲାଙ୍ଗୀର**
- ପାପିଲୋମାଭାଇରସ୍ ଭେକ୍‌ସିନେଶନ୍ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲାଇସିଂହାରେ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସାପ୍ତାହିକ ବଜାର ପଡ଼ିଆ, ଲୋଇସିଂହା, ସମୟ: ରାତି ୯ଟା।

**ରାଉରକେଲା**
- ୩୧ତମ ନାମଯଜ୍ଞ ଓ ଅଷ୍ଟପ୍ରହର ସମାପନ, ସ୍ଥାନ: ସେକ୍ଟର-୧୯ ଗଜପତି ମାର୍କେଟ, ସମୟ: ଭୋର୍ ୫ଟା
- କାନଭାସ ପକ୍ଷରୁ ରାଉରକେଲା ଦିବସ ପାଇଁ ଗଣଦୌଡ଼, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ସକାଳ ୬ଟା।
- ସରସ ସ୍ୱଦେଶୀ ମେଳା, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ହୋଲି ମିଳନ, ସ୍ଥାନ: ସେକ୍ଟର-୨୦, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବେନିଆଚାଲ, ବିଜେପୁର, ସମୟ: ସକାଳ ୮ଟା।
- ତୁଳସୀ ଦାସ, ରାମାୟଣ ପାରାୟଣ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ:ସକାଳ ୯ଟା।
- ଲୋକ ଅଧିକାର ଯାତ୍ରା ଖବରଦାତା ସମ୍ମିଳନୀ, ସ୍ଥାନ:ସମତା ଭବନ, ବରଗଡ଼, ସମୟ: ସକାଳ ୯ଟା।
- ନୃସିଂହନାଥ ମନ୍ଦିର ପାଇଁ ଡିଜିଟାଲ ପୋଟାଲ ଆପ ଉଦ୍‌ଘାଟନ, ସ୍ଥାନ: ନୃସିଂହନାଥ ମନ୍ଦିର ପରିସର, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଫଗୁ ଯାତ୍ରା ଉପଲକ୍ଷେ ଦୋଳ ପୂର୍ଣ୍ଣମା ଉତ୍ସବ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣମୀ ଉପଲକ୍ଷେ ରାଧାକୃଷ୍ଣ ପୂଜା, ହୋଲି ଦହନ ଓ ପୂର୍ଣ୍ଣାହୁତି, ସ୍ଥାନ: କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଆଞ୍ଚଳିକ ଯାଦବ ଭବନ ପରିସର, ସମୟ: ରାତ୍ର ୯ଟା।
- ହୋଲି ଉତ୍ସବ ଅବସରରେ କଳସ ଯାତ୍ରା, ସ୍ଥାନ: ରାଧାକୃଷ୍ଣ ପୂଜା କମିଟି ବଡ଼ଛତ୍ରଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ରାଜ୍ୟସ୍ତରୀୟ ଦୋଳ ମହୋତ୍ସବ, ସ୍ଥାନ: ଭୀମ ପାହାଡ କେଳାକଟା ଖେଳ ପଡିଆ, ହରଭଙ୍ଗା, ବୌଦ୍ଧ, ସମୟ: ସକାଳ ୯ଟା।

**ଦେବଗଡ଼**
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ବୋଡେନ ବ୍ଲକ ଖଇରା ପଞ୍ଚାୟତ ଦାବେରୀ ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ସରଗାଦୀ ଗାଁ ଗଉନ୍ତିଆପଡ଼ା, ସମୟ: ସକାଳ ୭ଟା ୦୧।
- ବିଶ୍ୱଶାନ୍ତି ଚବିଶ ପ୍ରହର ନାମଯଜ୍ଞର ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡା ସଦର ବ୍ଲକ ଖଇରାନୀ ଗାଁ, ସମୟ: ପ୍ରାତଃ ୫ଟା ୧୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଭୀମାପଦର ଗାଁ, ସମୟ: ପ୍ରାତଃ ୫ଟା ୪୫।
- ଷୋହଳ ପ୍ରହର ଆଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଦୋଳ ପୂର୍ଣ୍ଣିମା ଉପଲକ୍ଷେ ହୋଲିକା ଦହନ, ସ୍ଥାନ: କୋମନା ବ୍ଲକ ପ୍ରାୟ ଗାଁ, ସମୟ: ମଧ୍ୟ ରାତ୍ର ୧୨ଟା।
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ସରଗାଦୀ ଗାଁ ଗଉନ୍ତିଆପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ଝାରସୁଗୁଡ଼ା**
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଅଭିନବ ଗୌରାଙ୍ଗ ମନ୍ଦିର, ବିଜୁନଗର, ଝାରସୁଗୁଡ଼ା, ସମୟ: ସକାଳ ୬ଟା।
- କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପୂଜାରୀପାଲି ଖେଳପଡିଆ, ସମୟ: ସକାଳ ୯ଟା।

## ଭାଜପା ଦେବ...

ପ୍ରଥମ ପୃଷ୍ଠାରୁ...

ବିଷୟରେ ଆଲୋଚନା ହେଇଥିଲା। ସେଠାରେ ବିଧାୟକମାନଙ୍କ ଦସ୍ତଖତ ରାଜ୍ୟ ସଭା ନିର୍ବାଚନ ଲାଗି ଆଗୁଆ ନିଆଯାଇଥିଲା। ବୈଠକ ବସିବା ଆଗରୁ ରାଜ୍ୟ ସଭା ନିର୍ବାଚନ ନିମନ୍ତେ ଦଳର ୫ ଜଣ ବିଧାୟକ ଯାଇ ୧୬ ସେଟ୍ ଫର୍ମ କିଣିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ, ଜଣେ ରାଜ୍ୟ ସଭା ପ୍ରାର୍ଥୀ ଚାହିଁଲେ, ସର୍ବାଧିକ ୪ ସେଟ୍ ଫର୍ମ ଦାଖଲ କରିପାରିବେ। ହେଲେ ଶାସକ ଦଳ ପ୍ରାର୍ଥୀ ଘୋଷଣା କରିବା ପାଇଁ କାହିଁକି ବିଳମ୍ବ କରୁଛି ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ମଧ୍ୟ ଉଠୁଛି।

ବିଜେଡି ପକ୍ଷରୁ ୪ର୍ଥ ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯିବା ପରେ ଭାଜପା ନିଷ୍ପତ୍ତି କ'ଣ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କାରଣ ବିଜେଡି ପକ୍ଷରୁ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମ କମନ୍(ମିଳିତ) ପ୍ରାର୍ଥୀ ଭାବେ ଘୋଷଣା କରାଯିବା ପରେ ଅନେକ କିଛି ରାଜନୈତିକ ଘଟଣା କଂଗ୍ରେସ ଭିତରେ ମଧ୍ୟ ଦେଖିବାକୁ ମିଳୁଛି। ଦତ୍ତେଶ୍ୱର ସୋମବାର କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗଦେଇ ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବା ଲାଗି ନିବେଦନ କରିସାରିଛନ୍ତି। କଂଗ୍ରେସ ବିଧାୟକମାନଙ୍କ ଭିତରେ ଦତ୍ତେଶ୍ୱରଙ୍କୁ ସମର୍ଥନ କରିବା ନେଇ ସେଭଳି କିଛି ବିଶେଷ ଅସନ୍ତୋଷ ଥିବାର ଦୃଶ୍ୟ ଏଯାଏ ଲୋକଲୋଚନକୁ ସିଧାସଳଖ ଆସିନାହିଁ। ଏଭଳି ଘଟଣା ଶାସକ ଭାଜପାକୁ ଅଡୁଆରେ ପକାଇବା ସ୍ୱାଭାବିକ। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ପକ୍ଷରୁ ଦାବି କରାଯାଇଥିଲା, ଯଦି ଦତ୍ତେଶ୍ୱର ସ୍ୱାଧୀନ ଭାବେ ଭାଜପା ବିରୋଧରେ ପ୍ରାର୍ଥୀ ହେବାକୁ ସ୍ଥିର କରାଯିବ ତା'ହେଲେ ତାଙ୍କ ଦଳର ସମର୍ଥନ ରହିବ ବୋଲି ସେ କହିଥିଲେ। କଂଗ୍ରେସ ବିଧାୟକ ଦଳ ବୈଠକ ଶେଷ ହେବାପରେ ମଧ୍ୟ ଦତ୍ତେଶ୍ୱର ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। ଅନ୍ୟପଟେ ସିପିଆଇ(ଏମ୍)ର ଜଣେ ବିଧାୟକ ବର୍ତ୍ତମାନ ବିଧାନସଭାରେ ଅଛନ୍ତି।

ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ବିରୋଧୀ ବିଜେଡି, କଂଗ୍ରେସର ଆଭିମୁଖ୍ୟ ଗଣତନ୍ତ୍ର ପ୍ରତି ସୁସ୍ଥ ପରମ୍ପରା ନୁହେଁ। ବିରୋଧୀ ଦଳ ସବୁ ରାଜନୈତିକ ଦଳ ସହ ଆଲୋଚନା କରିବା ଉଚିତ ଥିଲା ବୋଲି ସେ କହିଛନ୍ତି। ଏଥିରୁ ଗୋଟେ କଥା ବୁଝାପଡୁଛି, ନବୀନ ସ୍ୱାଧୀନ ପ୍ରାର୍ଥୀ ଦେବା ଏବଂ କଂଗ୍ରେସ ସମର୍ଥନ ମିଳିବା ପରେ ରାଜ୍ୟ ସଭା ଆସନରେ ପ୍ରାର୍ଥୀ ଚୟନଠାରୁ ଆରମ୍ଭକରି ଭୋଟିଂ ସରିବା ପର୍ଯ୍ୟନ୍ତ ଶାସକ ଦଳ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ରାଜ୍ୟ ସଭାରେ ବର୍ତ୍ତମାନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ୧୩୩ ଏମ୍‌ପି ରହିଛନ୍ତି। ସେଥିରୁ ଭାଜପା ପାଖରେ କେବଳ ୧୦୩ ଜଣ ଏମ୍‌ପି ଅଛନ୍ତି। ଇଣ୍ଡିଆ ମେଣ୍ଟ ପାଖରେ ବର୍ତ୍ତମାନ ୮୭ ଏମ୍‌ପି ରହିଛନ୍ତି। ତେଣୁ ରାଜ୍ୟ ସଭାରେ ଗୋଟିଏ ଏମ୍‌ପି ଆସନ କମ୍ ମିଳୁ, ଏକଥା ଶାସକ ଦଳର କେନ୍ଦ୍ରୀୟ ନେତାମାନେ ଚାହିଁବେ ନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଭାଜପାର ବୈଠକ ସମୟରେ କେତେଜଣ ବିଧାୟକଙ୍କୁ କୁଆଡ଼େ କୁହାଯାଇଥିଲା ଯେ, ଯଦି ସେମାନଙ୍କ ସହିତ ଅନ୍ୟ ଦଳର ବିଧାୟକମାନଙ୍କ ସମ୍ପର୍କ ଭଲ ଅଛି, ତେବେ ତାହା ଆଗକୁ ବଢାଇବା ଦରକାର। ଯିଏ ଯାହାସ୍ତରରେ ସବୁ ପ୍ରକାର ଚେଷ୍ଟା କର ବୋଲି କୁହାଯାଇଛି।

ଏ ପରିସ୍ଥିତିରେ ବିଜେଡି ଏବଂ କଂଗ୍ରେସ ଯଦି ମିଳିତ ଭାବେ ପ୍ରାର୍ଥୀ ଦେଇ ଆଗକୁ ବଢ଼ିବେ, ତେବେ ବିଜେଡିର ଗୋଟିଏ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇସାରିବା ପରେ ୪ର୍ଥ ଆସନ ଲାଗି କଂଗ୍ରେସ, ସିପିଆଇ(ଏମ୍)ର ୧୫ ଏବଂ ବିଜେଡିର ୧୮ ବିଧାୟକଙ୍କ ସମର୍ଥନ ସହିତ ସଂଖ୍ୟା ୩୩ ରହିବ। ଜଣେ ରାଜ୍ୟ ସଭା ଯିବା ପାଇଁ ୩୦ ଖଣ୍ଡ ଭୋଟ ଆବଶ୍ୟକ। ଭାଜପା ୨ଜଣ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ଜିତାଇ ସାରିବା ପରେ ଶାସକ ଦଳ ପାଖରେ ୩ୟ ଆସନ ଲାଗି ୨୨ ଖଣ୍ଡ ଭୋଟ ରହିବ। ତେବେ କିଭଳି ଭାଜପା ଆଉ ୮ଟି ଭୋଟ ଯୋଗାଡ଼ କରି ୪ର୍ଥ ଆସନଟିକୁ ହାତେଇବ ସେନେଇ ନାନା ଆକଳନ କରାଯାଉଛି। ଅନ୍ୟପଟେ ଶୁଣିବାକୁ ମିଳିଛି, ଦତ୍ତେଶ୍ୱର ହୋତା ରବିବାର ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟିବାର ଥିଲା। ହେଲେ ଶେଷ ସମୟରେ ଖାର୍ଗେ ଡାକିବା ବେଳକୁ ଦତ୍ତେଶ୍ୱର କୁଆଡ଼େ ବ୍ୟକ୍ତିଗତ ଅସୁବିଧା ଦର୍ଶାଇ ଆଉ ଭେଟି ନ ଥିଲେ। ତେଣୁ କେଉଁ ଅଦୃଶ୍ୟ ଶକ୍ତି ଦତ୍ତେଶ୍ୱରଙ୍କ ଉପରେ ଚାପ ପକାଇଲା ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

## ଘନଉଛି ତୈଳ...

ଉପରେ ଇରାନର ଆକ୍ରମଣ ଭୂ-ରାଜନୈତିକ ସ୍ଥିତିକୁ ଜଟିଳ କରିଛି। ଏଭଳି ସ୍ଥିତି ପରୋକ୍ଷରେ ବୈଶ୍ୱିକ ଅର୍ଥନୀତି ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା ବଢ଼ିଛି। ଇରାନ ସାଉଦି ଆରବ, ୟୁଏଇ, କାତାର, ବାହାରିନ୍, କୁଏତ୍ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ଉପରେ ଆକ୍ରମଣ ଜାରି ରଖିଛି। କିନ୍ତୁ ବିଶ୍ୱର ଅନ୍ୟତମ ପ୍ରମୁଖ ତୈଳ ରିଫାଇନେରି ସାଉଦି ଆରବର ଆରାମ୍‌କୋ ଏବଂ କାତାର୍‌ର ପ୍ରମୁଖ ଏଲଏନ୍‌ଜି ଗ୍ୟାସ୍ ଉତ୍ପାଦନକାରୀ ସଂସ୍ଥା ଉପରେ ସୋମବାର ଇରାନର ଆକ୍ରମଣ ସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଏଭଳି ସ୍ଥିତିରେ ସାଉଦି ଆରବ ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ସେହିପରି ୟୁଏଇର ପ୍ରମୁଖ ଭିତ୍ତିଭୂମି ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ସ୍ଥିତିକୁ ଜଟଳ କରିଥିଲା ବେଳେ ୟୁଏଇ ମଧ୍ୟ ଇରାନ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଅଣ୍ଟା ଭିଡିଛି। ଗୋଟିଏ ପଟେ ହୋର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନ ପ୍ରତିବନ୍ଧକ ଲଗାଇଥିବାରୁ ୟୁଏଇ, କାତାର୍, କୁଏତ୍, ଓମାନ ଏବଂ ବାହାରିନ୍ ଆଦି ଦେଶଗୁଡିକର ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଇରାନ ବିରୋଧରେ ସାଉଦି ଆରବ ଏବଂ ୟୁଏଇ ଆଦି ଦେଶ ଯଦି ଆକ୍ରମଣ ଆରମ୍ଭ କରନ୍ତି, ତେବେ ଉପସାଗରୀୟ ଅଞ୍ଚଳରୁ ଅନ୍ତର୍ଜାତୀୟ ବଜାରକୁ ତୈଳ ଯୋଗାଣ ଏକପ୍ରକାର ଠପ୍ ହୋଇଯିବ ବୋଲି ଆଶଙ୍କା ବଢ଼ିଛି। ଏଭଳି ସ୍ଥିତିରେ ସୋମବାର ବୈଶ୍ୱିକ ପୁଞ୍ଜି ବଜାରଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ତୈଳ ବଜାର ଭାରି ମାତ୍ରାରେ ପ୍ରଭାବିତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ୬ ପ୍ରତିଶତ ବୃଦ୍ଧି ଘଟି ବ୍ୟାରେଲ୍ ପିଛା ମୂଲ୍ୟ ୭୭.୦୮ ଡଲାର ଛୁଇଁଛି। ସେହିପରି ଡବ୍ଲ୍ୟୁଟିଆଇ( ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍) ମୂଲ୍ୟ ମଧ୍ୟ ୫.୫ ପ୍ରତିଶତ ବୃଦ୍ଧିରେ ବ୍ୟାରେଲ ପିଛା ମୂଲ୍ୟ ୭୦.୭୧ ଡଲାରରେ ପହଞ୍ଚିଛି। ବର୍ତ୍ତମାନ ସ୍ଥିତିକୁ ନେଇ ଆଗାମୀ ସପ୍ତାହକ ମଧ୍ୟରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଟପିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଦେଶୀ ପୁଞ୍ଜି ନିବେଶକାରୀ ବିଶ୍ୱର ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜଗୁଡିକରୁ ସୋମବାର ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଏହାଦ୍ୱାରା ବୈଶ୍ୱିକ ସ୍ତରରେ ନିବେଶ କ୍ଷେତ୍ର ମଧ୍ୟ ଭାରି ମାତ୍ରାରେ ପ୍ରଭାବିତ ହେବାର ଆଶଙ୍କା ବଢ଼ିବାରେ ଲାଗିଛି। ସେପଟେ ସୁନା ଏବଂ ରୁପା ମୂଲ୍ୟ ମଧ୍ୟ ପୁଣି ଆକାଶଛୁଆଁ ହେବା ଆଶଙ୍କା ବଢାଇଛି। ନିବେଶକମାନେ ଯୁଦ୍ଧ ପ୍ରଭାବିତ ଷ୍ଟକ୍‌ବଜାରରୁ ପୁଞ୍ଜି ପ୍ରତ୍ୟାହାର କରି ଏବେ ସୁନା ଏବଂ ରୁପାରେ ନିବେଶ କରିବାକୁ ଶ୍ରେୟ ମଣୁଥିବାରୁ ଏହି ଦୁଇଟି ଧାତୁର ଚାହିଦା ବଢ଼ିଛି। ସୋମବାର ଏମ୍‌ସିଏକ୍ସ ଏକ୍ସଚେଞ୍ଜରେ ସୁନା ମୂଲ୍ୟ ଅନ୍ୟୂନ ୫ ପ୍ରତିଶତ ବୃଦ୍ଧି ଘଟିଛି।

ଇରାନର ସର୍ବୋଚ୍ଚ ନେତା ଆୟୋତେଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ଆମେରିକା ଏବଂ ଇସ୍ରାଏଲର ଲକ୍ଷ୍ୟ ସାଧନ ହୋଇସାରିଥିବା ଆକଳନ କରାଯିବା ସହିତ ଯୁଦ୍ଧ ବିରତି ପାଇଁ ବାଟ ଖୋଲିପାରେ ବୋଲି ଆଶା କରାଯାଉଥିଲା। କିନ୍ତୁ ଆମେରିକା ସେନା ଆହୁରି ୪ ସପ୍ତାହ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇସାରିଥିବା କଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି। ସେପଟେ ଇରାନ ମଧ୍ୟ ନିଜ ଆଭିମୁଖ୍ୟରୁ ହଟିବା ଦେଖାଯାଉ ନାହିଁ। ଖାମେନେଇଙ୍କ ଅବର୍ତ୍ତମାନରେ ମଧ୍ୟ ଇରାନ ଆମେରିକା ବିରୋଧରେ ଗୋଟିଏ ପରେ ଗୋଟିଏ ଦେଶକୁ ଟାର୍ଗେଟ କରିଚାଲିଛି। ଏଭଳି ସ୍ଥିତି ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ଭୟଙ୍କର ସଙ୍କଟ ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି।

## 'କମନ୍' ପ୍ରାର୍ଥୀ...

ଦତ୍ତେଶ୍ୱରଙ୍କୁ ସବୁ ଦଳ ସମର୍ଥନ କରନ୍ତୁ ବୋଲି ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ। ଉକ୍ତଦିନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଏହାକୁ ସମର୍ଥନ ଜଣାଇଥିଲେ। ସୋମବାର ରାଜ୍ୟ କଂଗ୍ରେସ ଏନେଇ ସ୍ପଷ୍ଟ ଭାବେ ସମର୍ଥନ ଜଣାଇଛି। ଏହାପୂର୍ବରୁ ଦିନତମାମ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଦଳ ପକ୍ଷରୁ ବୈଠକ ବସି ମାନସମନ୍ଥନ ହେବା ପରେ ଡା. ହୋତାଙ୍କୁ 'କମନ୍' ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

ବିଜେଡି ଓ କଂଗ୍ରେସ ପକ୍ଷରୁ ଦତ୍ତେଶ୍ୱରଙ୍କୁ ମିଳିତ ପ୍ରାର୍ଥୀ ଘୋଷଣା ହେବା ପରେ ଏବେ ରାଜ୍ୟ ରାଜନୀତି ରୋଚକ ମୋଡ଼ ନେଇଛି। ସଂଖ୍ୟା ଗଣିତରେ ବିଜେଡିର ୫୦ଜଣ ବିଧାୟକଙ୍କ ମଧ୍ୟରୁ ୨ଜଣ ନିଲମ୍ବନ ହୋଇଥିବାବେଳେ ହାତରେ ୪୮ ବିଧାୟକ ରହିଛନ୍ତି। ସେହିପରି କଂଗ୍ରେସର ନିଜସ୍ୱ ୧୪ଜଣ ବିଧାୟକ ରହିଥିବାବେଳେ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ କଂଗ୍ରେସ ସମର୍ଥକ ରହିଛନ୍ତି। ଯଦି ସମସ୍ତ ବିଧାୟକଙ୍କୁ ମିଶାଯାଏ ତେବେ ସହଜରେ ଦତ୍ତେଶ୍ୱର ନିର୍ବାଚିତ ହୋଇପାରିବେ। ହେଲେ କଥା ଏଇଠାରେ ଶେଷ ହେଉନାହିଁ ବୋଲି ମନେ ହେଉଛି। କାରଣ ସୋମବାର ବୈଠକରେ ପିସିସି ସଭାପତି ଦାସଙ୍କ ଉପସ୍ଥିତିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଧ୍ୟକ୍ଷତା କରିଥିବାବେଳେ ବିଧାୟକ ରମେଶ ଚନ୍ଦ୍ର ଜେନା ଏବଂ ସୋଫିଆ ଫିର୍‌ଦୋସ୍ ଉପସ୍ଥିତ ନ ଥିଲେ। ଏହାସହ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ବୈଠକରେ ଯୋଗଦେଇ ନ ଥିଲେ। ଅନ୍ୟପକ୍ଷରେ ବୈଠକ ପରେ କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗଙ୍କ ପ୍ରତିକ୍ରିୟା ଦଳରେ ଅସନ୍ତୋଷକୁ ପଦାରେ ପକାଉଛି। ଗମାଙ୍ଗ କହିଛନ୍ତି, ରାଜ୍ୟ ସଭା ପ୍ରାର୍ଥୀ କିଏ ଚିହ୍ନିନାହିଁ। ବର୍ତ୍ତମାନ ସୁଦ୍ଧା କିଛି 'କ୍ଲିୟର ପିକ୍ଚର' ନାହିଁ। ଯେତେବେଳେ ନୋଟିଫିକେଶନ ହେବ ଏବଂ ଦଳ ଆମକୁ କହିବ ଯେ ଇଏ ଆମର ପ୍ରାର୍ଥୀ, ତାଙ୍କୁ ଭୋଟ ଦିଅନ୍ତୁ, ତା'ପରେ ଆମେ ମାନିବୁ। ପିସିସି ଯାହା ନିଷ୍ପତ୍ତି ନେବ। ଏ ପର୍ଯ୍ୟନ୍ତ ଜାଣିନାହିଁ ଯେ, ଦତ୍ତେଶ୍ୱର ଆମର ରାଜ୍ୟ ସଭା ପ୍ରାର୍ଥୀ ହେବେ କି କ'ଣ ବୋଲି ଗମାଙ୍ଗ କହିଛନ୍ତି। ବିଧାୟକମାନଙ୍କୁ ନେଇ ରାଜ୍ୟ ସଭା ନିର୍ବାଚନ ଆଲୋଚନାର ଆରମ୍ଭ ଦିନରୁ ଏଭଳି ଭିନ୍ନ ମତକୁ ଲକ୍ଷ୍ୟ କରାଯାଇଛି।

ବୈଠକରେ ପିସିସି ସଭାପତି ଓ କାଡ଼ାମଙ୍କ ସମେତ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଏଆଇସିସି ସମ୍ପାଦକ ମୟୂର ଜୟକୁମାର, ବିଧାୟକ ତାରାପ୍ରସାଦ ବାହିନୀପତି, ଡା. ସି. ଏସ୍. ରାଜନ୍ ଏକ୍କା, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗ, ପବିତ୍ର ସାଉଁତା, ଅଶୋକ ଦାସ, କାଦ୍ରାକା ଅପାଲସ୍ୱାମୀ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନୀ, ସତ୍ୟଜିତ ଗମାଙ୍ଗ ଓ ନୀଳମାଧବ ହିକକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଡା. ଦତ୍ତେଶ୍ୱର ହୋତା ମଧ୍ୟ ବୈଠକରେ ଉପସ୍ଥିତ ରହିବା ସହ ଭୋଜନରେ ଆପ୍ୟାୟିତ ହେଉଥିବା ଦେଖିବାକୁ ମିଳିଛି।

କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି, ଆଜିର ବୈଠକରେ ରାଜ୍ୟ ସଭା ନିର୍ବାଚନକୁ ନେଇ ଶାନ୍ତିପୂର୍ଣ୍ଣ ଆଲୋଚନା ହୋଇଛି। କଂଗ୍ରେସ ପ୍ରଥମରୁ ୫ଜଣ ନିର୍ବିବାଦୀୟ ପ୍ରାର୍ଥୀଙ୍କୁ ଛିଡ଼ା କରିବାପାଇଁ ଆଗଭର ହୋଇଥିଲା। ସେଥିରେ ଦତ୍ତେଶ୍ୱରଙ୍କ ନାମ ମଧ୍ୟ ରହିଥିଲା। ତେବେ କଂଗ୍ରେସ ଏକ ଜାତୀୟ ଦଳ। ପ୍ରାର୍ଥୀ ଘୋଷଣା ହେବା ପୂର୍ବରୁ ବିଜେଡି ଦତ୍ତେଶ୍ୱରଙ୍କ ଭଳି ଜଣେ ଅନ୍ତର୍ଜାତୀୟ ଚିକିତ୍ସକଙ୍କୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଆଜିର ବୈଠକର ନିଷ୍ପତ୍ତିକ୍ରମେ ଦତ୍ତେଶ୍ୱରଙ୍କୁ କଂଗ୍ରେସ ମଧ୍ୟ କମନ ପ୍ରାର୍ଥୀ ଭାବେ ଘୋଷଣା କରିବାକୁ ନିଷ୍ପତ୍ତି ନେଇଛି। ତେବେ ବିଧାୟକ ରମେଶ ଜେନା ଏବଂ ବିଧାୟିକା ସୋଫିଆଙ୍କ ଜରୁରୀ କାର୍ଯ୍ୟ ଥିବାରୁ ସେମାନେ ଅନୁପସ୍ଥିତି ଥିଲେ। କିନ୍ତୁ ସେମାନଙ୍କର ଦତ୍ତେଶ୍ୱରଙ୍କ ପ୍ରତି ସମର୍ଥନ ରହିଥିବା ଦାସ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା କାଡାମ କହିଛନ୍ତି, ଆଜିର ବିଧାୟକ ଦଳ ବୈଠକରେ ଦତ୍ତେଶ୍ୱର ଯୋଗଦେଇ ସମର୍ଥନ ମାଗିଥିଲେ। ସେ ଜଣେ ସୁନାମଧନ୍ୟ ଚିକିତ୍ସକ ହୋଇଥିବାରୁ ପିସିସି ସଭାପତି ତାଙ୍କୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାବାଦ୍ ଏଆଇସିସିର ମଧ୍ୟ ସମ୍ମତି ରହିଛି। ତେଣୁ ଦତ୍ତେଶ୍ୱର କଂଗ୍ରେସର 'କମନ' ପ୍ରାର୍ଥୀ ହେବେ। ତାଙ୍କର ନାମାଙ୍କନ ପତ୍ର ଦାଖଲ ଦିନ ଏବଂ ନିର୍ବାଚନରେ କଂଗ୍ରେସର ସମସ୍ତ ବିଧାୟକ ଉପସ୍ଥିତ ରହିବାକୁ ଦଳ ପକ୍ଷରୁ କୁହାଯାଇଛି। ବିଧାୟକ ରମେଶ ଜେନା ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ପହଞ୍ଚି ପିସିସି ସଭାପତିଙ୍କୁ ଭେଟି ତାଙ୍କ ସମ୍ମତି ଜଣାଇବେ ବୋଲି କାଡ଼ାମ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ବୈଠକ ପରେ କମନ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତା କହିଛନ୍ତି, 'ସମସ୍ତ ସଦସ୍ୟଙ୍କୁ ଭେଟିବାର ସୁଯୋଗ ପାଇଲି। କଂଗ୍ରେସ ହାଇକମାଣ୍ଡ ଓ ଦଳ ପାଖରେ ମତେ ପକ୍ଷ ରଖିବାର ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ସମସ୍ତଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବି। ମୋର ବିଶ୍ୱାସ ଅଛି, ନିବେଦନ କରୁଛି, ହେଲେ ନିଷ୍ପତ୍ତି ତାଙ୍କର। ପେସାରେ ଡାକ୍ତର, ସୁଯୋଗ ମିଳିଲେ ସେବା କରିବି।'

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମଡ଼ା ଗାଈ ଧରଷ**
**ମା' ହୋଇଛି ନା ବାପ ହୋଇଛି**
**ଜାଣିବି ଦେହ ପରାସ।**

ପିତାମାତା ବହୁ କଷ୍ଟ କରି ପିଲାଙ୍କ ଲାଳନପାଳନ କରିଥାନ୍ତି। ପିଲାଙ୍କୁ ଛୋଟରୁ ବଡ଼ କରାଇବାରେ ବହୁ କଷ୍ଟ ସହିଥାନ୍ତି। ତାଙ୍କ ଅଳିଅର୍ଦ୍ଦଳି ପୂରଣ କରାଇବାରେ ଦିନ ରାତି ଏକ କରି ଦେଇଥାନ୍ତି। ପିଲାଙ୍କୁ ସମ୍ଭାଳିବା ଏକ ଦାୟିତ୍ୱର କାର୍ଯ୍ୟ ହୋଇଥାଏ। ପରୋକ୍ଷରେ ଯିଏ ଦାୟିତ୍ୱ ମୁଣ୍ଡାଏ ସେ ହିଁ କେବଳ କଷ୍ଟ କ'ଣ ଜାଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଦିଆ ଗୋସେଇଁ**
**ଚାଳ ସନ୍ଧିରୁ କଥା କାଢ଼ନ୍ତି।**

କେତେଜଣ ଲୋକ ଦେବା ନାଁ କଥା ଶୁଣିଲେ ମୁହଁ ଫୁଲାଇଥାନ୍ତି। କ'ଣ କେମିତି କଲେ ଏଥିରୁ ବର୍ତ୍ତିଯାଇହେବ ସେନେଇ ପ୍ରସ୍ତୁତି ଚଳେଇଥାନ୍ତି। ଦେବାର ମନୋବୃତ୍ତି ରଖୁ ନ ଥିବା ଲୋକ କୌଣସି ଛଳର ଆଶ୍ରୟ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପାପଗ୍ରହଯୁକ୍ତ ଚନ୍ଦ୍ର କୋଣଭାବରେ ରହିଥିବାରୁ ପାରିବାରିକ ସ୍ତରରେ ସାଧାରଣ ବ୍ୟତିକ୍ରମ ବେଶି କ୍ଷଣ ତିଷ୍ଠିରହିବ ନାହିଁ। କଥା ପ୍ରସଙ୍ଗରେ ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ଶ୍ରବଣ କରି ସାମୟିକ ବ୍ୟସ୍ତତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଗୃହ ଭୂମି ସମ୍ପର୍କିତ ଆଲୋଚନା ପ୍ରାୟତଃ ଅନୁକୂଳ ରହିବ।

**ବୃଷ** – କର୍ମଭାବର ଶୁଭଦ୍ୱ ଆପଣଙ୍କୁ ନୂତନ ଦାୟିତ୍ୱ ପ୍ରଦାନ ପୂର୍ବକ ସମ୍ମାନଜନକ ସ୍ଥିତିରେ ଅବସ୍ଥାପିତ କରାଇବ। ସ୍ନାୟବିକ ଦୁର୍ବଳତା ଅନୁଭବ ସହ ସୁଯୋଗ ପାଇଲେ ମଧ୍ୟ ସଦୁପଯୋଗ କରିବା କଷ୍ଟକର ହୋଇପାରେ। ଦୂରଯାତ୍ରା, ଶିଳ୍ପ ଏବଂ ବାଣିଜ୍ୟ, ବ୍ୟବସାୟ ଓ ବିବାଦୀୟ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** – ବୁଧ କର୍ମାଧିପଙ୍କ ନକ୍ଷତ୍ରରେ ରହିଥିବାରୁ କାର୍ଯ୍ୟ ହାସଲ ସକାଶେ ଅନ୍ୟମାନଙ୍କ ସାହାଯ୍ୟ, ସହଯୋଗ ପାଇପାରିବେ। ଆନୁଷ୍ଠାନିକ କାମ କିମ୍ବା ଆଲୋଚନା ପରିସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଜମିଜମା କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟାକୁ ନେଇ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ** – କର୍ମାଧିପ ଉଚ୍ଚସ୍ଥ ହୋଇ ଅଷ୍ଟମସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କିମ୍ବା ବିଳାସବ୍ୟସନ ଦିଗକୁ ମନ ଢଳିପାରେ। ପରିବାର ସହ ଆଲୋଚନାକ୍ରମେ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟୟ ଅଟକଳ କରିବେ। ରାଜନୀତି, ସଂଗଠନ, ସଭାସମିତି ଏବଂ ବାଣିଜ୍ୟରେ ଉଚ୍ଚଫଳ ପ୍ରାପ୍ତି ହେବ।

**ସିଂହ** – ବ୍ୟୟାଧିପ ରାଶିସ୍ଥ ଯୋଗୁ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିପାରନ୍ତି। କାର୍ଯ୍ୟାରମ୍ଭ ସକାଶେ ପରିବାରର ସମର୍ଥନ ହାସଲ କରିବେ। ରାଶ୍ୟାଧିପ ଏକାଧିକ ଗ୍ରହଙ୍କ ସଂଯୋଗ ହେତୁ ସ୍ୱାସ୍ଥ୍ୟରେ ଉନ୍ନତି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆଶା ପୂରଣ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ଜମିଜମା କାରବାର କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ।

**କନ୍ୟା** – କର୍ମସ୍ଥାନରେ ବୃହସ୍ପତି ରାଶ୍ୟାଧିପତିଙ୍କୁ ଅବଲୋକନ କରୁଥିବାରୁ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ତୀର୍ଥାଟନ ସକାଶେ ମାର୍ଗ ଉନ୍ମୁକ୍ତ କରିପାରନ୍ତି। ସ୍ୱସ୍ଥାନହନ୍ତା ବୃହସ୍ପତି ଭ୍ରାତୃ ସମ୍ପର୍କ ହାନି, ପଡ଼ୋଶୀଙ୍କ ସହ କଳହ, ଏବଂ ଦୁଃସାହସିକ କାମରେ ପ୍ରବୃତ୍ତ କରାଇବ। ସମ୍ପର୍କୀୟଙ୍କ ନିକଟରୁ ଧୋକା ଖାଇପାରନ୍ତି।

**ତୁଳା** – ଧନ ସପ୍ତମାଧିପତି ମଙ୍ଗଳ କୋଣଭାବସ୍ଥ ଯୋଗୁ ଉନ୍ନତ ବ୍ୟବସାୟିକ ସ୍ଥିତି ଏବଂ ଜମିଜମା କାରବାରରେ ଉନ୍ନତ ଫଳ ପାଇବେ। ସଭାସମିତିରେ ଯୁକ୍ତିତର୍କ ମାଧ୍ୟମରେ ନିଜର ମତ ସାବ୍ୟସ୍ତ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସମର୍ଥନରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ବିଛା** – ବୃହସ୍ପତିଙ୍କ ଧନସ୍ଥାନ ପ୍ରତି ଦୃଷ୍ଟି ଆପଣଙ୍କ ଆଶା ଓ କାମନାକୁ ପୂରଣ କରିବାରେ ସାହାଯ୍ୟ କରିବ। କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିକୁ ସୁଧାରି ନେଇ ସଫଳତା ପାଇପାରିବେ। ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହି ନ ପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବାର ସୂଚନା ରହିଛି।

**ଧନୁ** – ତୃତୀୟସ୍ଥ ଗ୍ରହ ପ୍ରଭାବରୁ ପଡ଼ୋଶୀଙ୍କ ସ୍ନେହ, ଆଦର ଏବଂ ସହକର୍ମୀଙ୍କ ସୌଜନ୍ୟତା ମନୋବଳ ବୃଦ୍ଧିରେ ସହାୟକ ହେବ। ଆଜି ବକେୟା ଅର୍ଥ, ମିଷ୍ଟାନ୍ନ ଭୋଜନ, ବସ୍ତ୍ର ଭୂଷଣାଦି ଲାଭ କରିବାର ସୌଭାଗ୍ୟ ଅର୍ଜନ କରିବେ। କୌଣସି ଆଗନ୍ତୁକଙ୍କ ସହ ତର୍କବିତର୍କ ଜନିତ ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ।

**ମକର** – ଆଜିର ଗ୍ରହସ୍ଥିତି ଶୁଭଖବର ଏବଂ ଅଭିଳାଷ ପୂରଣର ସୂଚନା ଦେବ। ଉଚ୍ଚସ୍ଥ ମଙ୍ଗଳ ଆପଣଙ୍କୁ ମାଙ୍ଗଳିକ କାମ, ଆନୁଷ୍ଠାନିକ ସହଯୋଗ, କାର୍ଯ୍ୟସିଦ୍ଧି ହେତୁକ ଶୁଭଫଳ ପ୍ରଦାନ କରିବ। ଶନି କ୍ଷେତ୍ରସ୍ଥ ରବି ଯେକୌଣସି ପରିସ୍ଥିତିକୁ ସୁଧାରି ନେବାରେ ସମର୍ଥ ହେବେ। ବନ୍ଧୁଙ୍କ ଅନୁରୋଧକ୍ରମେ ଜନହିତକର କାର୍ଯ୍ୟରେ ଲିପ୍ତ ରହିବେ।

**କୁମ୍ଭ** – ରାଶିରେ ପଞ୍ଚଗ୍ରହଙ୍କ ସ୍ଥିତି କର୍ମକ୍ଷେତ୍ରରେ ମର୍ଯ୍ୟାଦାଜନକ ସ୍ଥିତିରେ ପଦାର୍ପଣ କରାଇପାରନ୍ତି। ସରକାରୀ ସହାୟତା, ଉପରିସ୍ଥଙ୍କ ଅନୁକମ୍ପା ସ୍ଥଗିତ କାମକୁ ଅଗ୍ରଗାମୀ କରାଇବ। ଅତୀତକୁ ଧରିବସିଲେ ସୁବିଧା, ସୁଯୋଗ ହରାଇବାକୁ ପଡ଼ିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାର ସୁଯୋଗ ମିଳିବ।

**ମୀନ** – ଭାଗ୍ୟାଧିପ ଦ୍ୱାଦଶସ୍ଥ ଯୋଗୁ ଆଜି ଆପଣ ଯେଉଁ କାମରେ ହାତ ଦେବେ ସଫଳତା ପାଇବା କଷ୍ଟକର ହେବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇପାରନ୍ତି। ଆଇନ ବିଭାଗର ଗ୍ରହ ଶନି ରାଶିରେ ରହିଥିବାରୁ କଚେରି ମାମଲାରେ ବାଇଦା ପଡ଼ିପାରେ। ଆଜିର ଯାତ୍ରା ଲକ୍ଷ୍ୟ ପୂରଣ ପାଇଁ ଅନୁକୂଳ ସ୍ଥିତି ଉପୁନ୍ନ କରିବ।

ଆଜି ମାର୍ଚ୍ଚ ୩ ତାରିଖ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ଦୋଳପୂର୍ଣ୍ଣିମା, ମଙ୍ଗଳବାର, ଦୋଳଯାତ୍ରା, ଶ୍ରୀମନ୍ଦିରରେ ରାଜବେଶ, ବସନ୍ତରାସ, ବସନ୍ତ ଉତ୍ସବ, ଶ୍ରୀ ଚୈତନ୍ୟଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ଦିବା ଘ.୦୭।୩୧ମି. ଗତେ ପୂର୍ବାଫାଲଗୁନୀ/ସିଂହ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୦୩ମି. ଗତେ ଘ.୧୦।୪୮ମି. ମଧ୍ୟେ, ଘ.୦୧।୦୮ମି. ଗତେ ଘ.୦୧।୨୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨/୫୩ମି. ଗତେ ଘ.୦୪।୨୧ମି. ମଧ୍ୟେ ରାହୁକାଳ।

DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩ /୨୦୨୬ Bhubaneswar, Tuesday, March 3/2026 



**ରଙ୍ଗ ଭରିଦେଲା ପରୀକ୍ଷା ଖୁସି:** ସୋମବାର ମାଟ୍ରିକ ପରୀକ୍ଷା ଶେଷ ଦିନ ଭୁବନେଶ୍ୱରସ୍ଥିତ ୟୁନିଟ୍-୧ କ୍ୟାପିଟାଲ ହାଇସ୍କୁଲ କେନ୍ଦ୍ର ବାହାରେ ପରୀକ୍ଷାର୍ଥୀମାନେ ପରସ୍ପରକୁ ରଙ୍ଗ ବୋଳି ହୋଲି ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ- ବିକାଶ ନାୟକ)

# ବିଟେକ୍ ପାଠ ଛାଡ଼ି ସିମ୍ ବକ୍ସ କାରବାର

## ଭୁବନେଶ୍ୱରରୁ ୧୨ ସିମ୍ ବକ୍ସ ଜବତ, ୨କେରଳୀ ଯୁବକ ଗିରଫ

- **ଚାଇନାର ହାର୍ଡୱେର ହୋଇଥିବାବେଳେ ବାଂଲାଦେଶର ସଫ୍ଟୱେର**
- **ଇଣ୍ଟରନ୍ୟାଶନାଲ କଲ୍‌କୁ ଲୋକାଲ କଲରେ ପରିବର୍ତ୍ତନ କରୁଥିଲେ**
- **ବଏଜ ହଷ୍ଟେଲରେ ଘର ଭଡ଼ା ନେଇ ରହି ଚଳାଇଥିଲେ ନେଟୱର୍କ**

ଭୁବନେଶ୍ୱର,୨।୩ (ତ୍ରିନାଥ ମହାନ୍ତି)

ରାଜଧାନୀର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ସୋମବାର ଏକ ସାଇବର ର୍‌ୟାକେଟ ଠାବ କରାଯାଇଛି। ବିଟେକ୍ ପାଠ ଅଧାରୁ ଛାଡ଼ି ସିମ୍ ବକ୍ସ କାରବାରରେ ସାମିଲ ଥିବା ୨କେରଳ ଯୁବକଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୨ଟି ସିମ୍ ବକ୍ସ, ୩ ହଜାରରୁ ଊର୍ଦ୍ଧ୍ୱ ସିମ୍, ଲାପ୍‌ଟପ୍, ୱାଇଫାଇ ରାଉଟର, ମୋଡେମ ଏବଂ କନେକ୍ଟର ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଉମର ଏମ୍ ଏବଂ ସିଆଉଲ୍ ହକ୍। ପଟିଆ ସୁଜର ପ୍ଲାଜା ପଛରେ ଥିବା ଏକ ବଏଜେ ହଷ୍ଟେଲରେ ଗତ ୪ ମାସ ହେଲା ଉମର ଏବଂ ସିଆଉଲ୍ ରୁମ୍ ଭଡ଼ା ନେଇ ସିମ୍ ବକ୍ସ ର୍‌ୟାକେଟ ଚଳାଉଥିଲେ। ଖବରପାଇ ସ୍ପେଶାଲ ସ୍କ୍ୱାଡ୍ ଟିମ୍, ଚନ୍ଦଶେଖରପୁର ପୋଲିସ ଏବଂ ଇନ୍‌ଫୋସିଟି ଥାନା ପୋଲିସ ମିଳିତ ଚଢ଼ାଉ କରିଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ପୋଲିସ ଏକ ମାମଲା



ଜବତ ସିମ୍‌ବକ୍ସ, ସିମ୍ ସହ ଗିରଫ ୨ ଅଭିଯୁକ୍ତ ।

ରୁଜୁ କରି ତଦନ୍ତ କରୁଛି। ଜବତ ସିମ୍ କାର୍ଡଗୁଡ଼ିକ ଆସାମ ଏବଂ ଆନ୍ଧ୍ରପ୍ରଦେଶରେ ରେଜିଷ୍ଟ୍ରେଶନ ରହିଛି। ସମସ୍ତ ସିମ୍‌କାର୍ଡକୁ ଉମର ଏବଂ ସିଆଉଲ୍ ବେଆଇନ ଭାବେ ଆଣିଥିବା ତଦନ୍ତରୁ ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଏହି ପୂରା ନେଟ୍‌ୱର୍କ ଚାଇନାରୁ ଅପରେଟ୍ ହେଉଥିଲା। ଚାଇନା ହାର୍ଡୱେର ଭାରତକୁ ପଠାଉଥିବାବେଳେ ବାଂଲାଦେଶ ସଫ୍ଟୱେରରେ ଚାଲୁଥିଲା। ଭିଓଏସ୍ ୩ହଜାର ଆପ୍ଲିକେଶନ ମାଧ୍ୟମରେ ସିମ୍ ବକ୍ସ ପୁରା ନେଟ୍‌ୱର୍କ କାମ କରୁଥିଲା। ଭିଓଏସ୍ ୩୦୦୦ ସଫ୍ଟୱେରକୁ ଲାପ୍‌ଟପ୍‌ରେ ଇନ୍‌ଷ୍ଟଲ କରିବା ପରେ ଏହି ସିମ୍‌ବକ୍ସକୁ କଣ୍ଟ୍ରୋଲ କରାଯାଉଥିଲା। ଏହି ସିମ୍ ବକ୍ସ ମାଧ୍ୟମରେ ଇଣ୍ଟରନ୍ୟାଶନାଲ କଲ୍‌କୁ ଲୋକାଲ କଲରେ ବାଇପାସ୍ କରାଯାଉଥିଲା। ଗୋଟିଏ ସିମ୍ ବକ୍ସରେ ୯୦ରୁ ଊର୍ଦ୍ଧ୍ୱ ସିମ୍ ପଡ଼ି ପାରୁଥିଲା। ଓଡ଼ିଶାରେ ରହି ବେଆଇନ ଭାବେ ଆମେରିକା, ୟୁରୋପଠୁ ଆରମ୍ଭ କରି ବିଭିନ୍ନ ଦେଶ ସହ ଯୋଗାଯୋଗ କରାଉଥିଲେ। ବେଆଇନ ଭାବେ ☞ପୃଷ୍ଠା-୧୧

# ସରିଲା ମାଟ୍ରିକ୍ ପରୀକ୍ଷା, ୧୯ରୁ ଖାତାଦେଖା

## ମେ' ୨ୟ ସପ୍ତାହ ସୁଦ୍ଧା ପରୀକ୍ଷାଫଳ

କଟକ,୨।୩ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ଏହି ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇଥିଲା। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ସୂଚନା ଅନୁସାରେ, ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସବ୍‌ଜେକ୍ଟିଭ ପରୀକ୍ଷା ଖାତା ମୂଲ୍ୟାୟନ ଆସନ୍ତା ୧୯ରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟରେ ମୋଟ ୫୫ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଖାତାଦେଖା କାର୍ଯ୍ୟରେ ପ୍ରାୟ ୧୫,୦୦୦ ପରୀକ୍ଷକ ନିଯୁକ୍ତି କରିବାକୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଖାତାଦେଖା ଶେଷ ହେବା ପରେ ମୂଲ୍ୟାୟନ କେନ୍ଦ୍ରରୁ ଅନ୍‌ଲାଇନ ଜରିଆରେ ପରୀକ୍ଷାର୍ଥୀମାନଙ୍କ ମାର୍କ ଅପ୍‌ଲୋଡ୍ କରାଯିବ। ଏତଦ୍ୱାରା ବିଭିନ୍ନ ବିଷୟର ମାର୍କ ପ୍ରସେସିଂ ଫାର୍ମକୁ ସିଧାସଳଖ ପହଞ୍ଚି ପାରିବ। ସେହିପରି ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ☞ପୃଷ୍ଠା-୧୧

# ଆଜି ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ

ଭୁବନେଶ୍ୱର, ୨।୩ (ସୁଚିସ୍ମିତା ସାହୁ)

ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ ମଙ୍ଗଳବାର ସଙ୍ଗଠିତ ହେବ। ଅପରାହ୍ନ ୩ଟା ୨୦ରେ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ରେ ସର୍ବମୋକ୍ଷ ହେବ। ସମୁଦାୟ ଗ୍ରହଣ ସମୟ ୩ ଘଣ୍ଟା ୨୭ ମିନିଟ ଓ ପୂର୍ଣ୍ଣ ଗ୍ରାସ ସମୟ ପ୍ରାୟ ୫୯ ମିନିଟ୍ ରହିବ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଗ୍ରହଣ ଆରମ୍ଭର ୯ ଘଣ୍ଟା ପୂର୍ବରୁ ଘାତ କାଳ ଆରମ୍ଭ ହୁଏ। ସେହି ଅନୁସାରେ ସକାଳ ୬ଟା ୨୦ରୁ ଘାତ ସମୟ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୬ ମିନିଟ ପର୍ଯ୍ୟନ୍ତ ରହିବ। ତେଣୁ ସୂର୍ଯ୍ୟୋଦୟରୁ ☞ପୃଷ୍ଠା-୧୧

# ଝାରସୁଗୁଡ଼ା ବିମାନବନ୍ଦର ସମ୍ମୁଖ ଜଙ୍ଗଲରେ ନିଆଁ



ବିମାନବନ୍ଦର ସମ୍ମୁଖ ଜଙ୍ଗଲରେ ଲାଗିଥିବା ନିଆଁ।

ଝାରସୁଗୁଡ଼ା, ୨।୩
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ସମ୍ମୁଖ କୁଟି ଜଙ୍ଗଲ ଓ ବୁଦାରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ଜଙ୍ଗଲରେ ଥିବା ଶୁଖିଲା ଗଛ ଜଳିଯାଇଛି। ଅଗ୍ନିଶମ କର୍ମଚାରୀମାନେ ୫ଟି ଦମକଳ ଗାଡ଼ି ସହାୟତାରେ ପ୍ରାୟ ୪ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ କେହି ଦୁର୍ବୃତ୍ତ ସିଗାରେଟ୍ ଟାଣି ଫିଙ୍ଗିଦେଇଥିବାରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ବିମାନବନ୍ଦର ନିକଟ ତଥା ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ଡିପୋଠାରୁ ଅଳ୍ପ ଦୂର କୁଟି ଜଙ୍ଗଲ ଓ ବୁଦାରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ନିଆଁ ଲାଗିଯାଇଥିଲା। ଧୀରେ ଧୀରେ ଏହି ନିଆଁ ଚାରିଆଡ଼େ ବ୍ୟାପିବାରୁ ଭୟଙ୍କର ରୂପ ଧାରଣ କରିଥିଲା। ଖବରପାଇ ଝାରସୁଗୁଡ଼ା ଅଗ୍ନିଶମ କେନ୍ଦ୍ରର ୨ଟି, ବିମାନବନ୍ଦରର ଗୋଟିଏ ଏବଂ ବେଦାନ୍ତ କମ୍ପାନୀର ୨ଟି ଦମକଳ ଗାଡ଼ି ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀମାନେ ପରିଶ୍ରମକରି ଅପରାହ୍ନ ପ୍ରାୟ ୩ଟାରେ ନିଆଁକୁ ☞ପୃଷ୍ଠା-୧୧

# ୩୮ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର,୨।୩ (ବନ୍ଦନା ସେଠୀ)

ରାଜ୍ୟରେ ଦିନକୁ ଦିନ ଖରା ପ୍ରକୋପ ବଢିବାରେ ଲାଗିଛି। ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ କରିଥିବାବେଳେ ଏବେଠୁ ଏପରି ସ୍ଥିତି ଅନୁଭବ ହେଲାଣି। ମାର୍ଚ୍ଚ ଆରମ୍ଭରୁ ହିଁ ରାଜ୍ୟରେ ପାରଦ ୩୬ ଡିଗ୍ରୀ ଛୁଇଁଥିବାବେଳେ ଅଧିକାଂଶ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି। ରବିବାର ୧୨ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବାବେଳେ ସୋମବାର ୧୧ ସହରର ତାପମାତ୍ରା ୩୬ ଡିଗ୍ରୀ ଟପିଥିଲା। ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ☞ପୃଷ୍ଠା-୧୧






"ଯୀଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା- ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ- ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ।-ଶ୍ରୀଅରବିନ୍ଦ

-ଦୋଳ ପୂର୍ଣ୍ଣିମା, ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ, ଶ୍ରୀଜୀଉଙ୍କ ରାଜାଧିରାଜ ବେଶ ଓ ଚନ୍ଦ୍ର ଗ୍ରହଣ



# ତେଲ ମାରିଲା

ଇରାନ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ପରେ ଯୁଦ୍ଧର ପରିସର ବ୍ୟାପକ ହୋଇଛି। କେତେକ ସୂତ୍ର ଇରାନ୍‌ରେ ୫୫୦ ମୃତାହତ କହୁଥିବା ବେଳେ ଆଉ କିଛି ସୂତ୍ର ୮୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ସୂଚାଉଛନ୍ତି। ଏହି ସଂଖ୍ୟା ମାତ୍ର ୩ ଦିନ ଯୁଦ୍ଧରେ ଘଟିଛି। ଆମେରିକାର ୩ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଥିବା ବେଳେ ଉପସାଗରୀୟ ରାଷ୍ଟ୍ରରେ ଇରାନ୍ ଆକ୍ରମଣରେ ୧୦ରୁ ୧୧ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିଜ କ୍ଷତିକୁ ଆମେରିକା ଭଳି ରାଷ୍ଟ୍ର ସ୍ୱୀକାର କରିଛି। ଯୁଦ୍ଧରେ ପ୍ରତିଟି ପକ୍ଷର କ୍ଷତି ଘଟିବା ଥୟ। ଅନେକ ସମୟରେ କିଛି ଦେଶ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଯାଇ ସତକୁ ସ୍ୱୀକାର କରି ନ ଥାଆନ୍ତି। ଆଜିର ସୁପର ପ୍ରଯୁକ୍ତି ପ୍ରଦର୍ଶନ ଯୁଗରେ କୌଣସି ବିଷୟକୁ ଲୁଚାଇ ରଖିହେବ ନାହିଁ। ବ୍ୟକ୍ତିର ଆଖିକୁ ଉଚ୍ଚ ପ୍ରଯୁକ୍ତି ଜ୍ଞାନକୌଶଳ ମାଧ୍ୟମରେ ପଢ଼ି ହେଉଥିବାରୁ ଯାହାକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଉଛି, ତାହା ଠିକ୍ ସ୍ଥାନରେ ବାଜିବା ସୁନିଶ୍ଚିତ। ତାହାକୁ ଇଂଲିଶରେ ପ୍ରିସିଶନ ବା ତ୍ରୁଟିଶୂନ୍ୟତା ବୋଲି କୁହାଯାଉଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ଯେଭଳି ଭାବେ ଏକାଥରେ ଟାର୍ଗେଟ କରି ମାରିଦିଆଗଲା ସେଥିରୁ ବୁଝିବାକୁ ହେବ ଯେ, ଯୁଦ୍ଧ ଆଉ ଅନୁମାନ ନୁହେଁ ଯଥାର୍ଥ ଜାଗାରେ ବାଜି କ୍ଷତି କରିପାରୁଛି। ଗତ କିଛିବର୍ଷର ଯୁଦ୍ଧ ପରିସରକୁ ଦେଖିଲେ ରୁଷିଆ-ୟୁକ୍ରେନ୍, ଇସ୍ରାଏଲ-ହମାସ ଯୁଦ୍ଧ ପରେ ଏବର ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଭୂରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ସହ ଅନ୍ତର୍ଜାତୀୟ ଆର୍ଥିକ ଦୁନିଆକୁ ଦୋହଲାଇ ଦେଇଛି। ଯୁଦ୍ଧର ଶାରୀରିକ କ୍ଷତି ଲଢ଼େଇ ହେଉଥିବା ରାଷ୍ଟ୍ର ଭିତରେ ସୀମିତ ରହୁଥିବା ବେଳେ ଆର୍ଥିକ କ୍ଷତି ବିଶ୍ୱ ଭୋଗିବା ଜଳଜଳ ଦିଶୁଛି।

ଇରାନ ବିରୋଧରେ ଆମେରିକା-ଇସ୍ରାଏଲ ଯୁଦ୍ଧର ତୃତୀୟ ଦିନରେ ତେଲ ଦର ଗୁରୁତର ଭାବେ ବୃଦ୍ଧି ପାଇଛି। ଏହା ଜଣାଶୁଣା ଯେ, ତେଲ ପ୍ରଗତିର ସଙ୍କେତ ଦେଇଥାଏ। କାରଣ ଏହା ଶକ୍ତି କ୍ଷେତ୍ରକୁ ପ୍ରତିନିଧିତ୍ୱ କରେ। ବିଶ୍ୱରେ ତେଲର ମାନକ ଖୋଜିଲେ ଏକାଧିକ ଥିବା ବେଳେ ମୁଖ୍ୟତଃ ତିନୋଟି ଉପରେ ବ୍ୟବସାୟ କେନ୍ଦ୍ରିତ ହୋଇଥାଏ। ସେଗୁଡ଼ିକ ହେଉଛି ୱେଷ୍ଟ୍ ଟେକ୍ସାସ୍ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ), ବ୍ରେଣ୍ଟ କ୍ରୁଡ୍ ଏବଂ ମିଡିୟମ୍ ସାୱାର କ୍ରୁଡ୍। ଡବ୍ଲ୍ୟୁଟିଆଇ ହେଉଛି ଆମେରିକା ଦ୍ୱାରା ଉଚ୍ଚ ଗୁଣବତ୍ତାର ଅଶୋଧିତ ତୈଳ। ଏହା ବୈଶ୍ୱିକ ତେଲ ବଜାରରେ ବିଶେଷ ଭାବେ ଆମେରିକା ତୈଳର ମୂଲ୍ୟ ପାଇଁ ଏକ ପ୍ରମୁଖ ମାନକ ରୂପେ ଉପଯୋଗ କରାଯାଏ। ବୈଷୟିକ ଭାଷାରେ ଏହାକୁ ଲାଇଟ୍ ସୁଇଟ୍ ଅଶୋଧିତ ତେଲ ଭାବେ ଗଣାଯାଏ। ବ୍ରେଣ୍ଟ କ୍ରୁଡ୍ ହେଉଛି ଅନ୍ୟତମ ତୈଳ ବୈଶ୍ୱିକ ମାନକ। ସାଧାରଣତଃ ବ୍ୟବସାୟଭିତ୍ତିକ ତେଲର ପ୍ରାୟ ୭୫ ପ୍ରତିଶତ ମୂଲ୍ୟ ଏହା ନିର୍ଦ୍ଧାରଣ କରେ। ବିଶେଷକରି ୟୁରୋପ ଓ ଆଫ୍ରିକାର ବେଞ୍ଚମାର୍କ ଭାବେ ବ୍ୟବହାର କରାଯାଏ। ଦୁବାଇ-ଓମାନ୍ ମାନକ ସାଧାରଣତଃ ମିଡିୟମ୍ ସାୱାର କ୍ରୁଡ୍ ଅଏଲ୍ ବା ମଧ୍ୟମ ଅଶୋଧିତ ତୈଳକୁ ସୂଚିତ କରେ, ଯାହା ବିଶେଷକରି ମଧ୍ୟପ୍ରାଚ୍ୟରୁ ଏସିଆକୁ ଆସୁଛି। ଇତିମଧ୍ୟରେ ବିଶ୍ୱର ପ୍ରମୁଖ ତୈଳ ବିଶୋଧନାଗାର ସାଉଦି ଆରାମ୍‌କୋ ଓ କ୍ୱାତାରି ଅଏଲ୍ ରିଫାଇନାରି ଉପରେ ଇରାନର ଡ୍ରୋନ୍ ଆକ୍ରମଣ ସହ ଗଲ୍ଫ ଅଫ୍ ଓମାନରେ ତୈଳ ଟ୍ୟାଙ୍କର କ୍ଷତିଗ୍ରସ୍ତ ହେବା ତେଲ ଦର ବୃଦ୍ଧିକୁ ଇନ୍ଧନ ଯୋଗାଇଛି। ବର୍ତ୍ତମାନର ସ୍ଥିତି ଦେଖିଲେ ଡବ୍ଲ୍ୟୁଟିଆଇ ୬ ପ୍ରତିଶତ ବଢ଼ି ବ୍ୟାରେଲ ପିଛା ୭୭.୦୮ ଡଲାର ହୋଇଥିବା ବେଳେ ବ୍ରେଣ୍ଟ ୫.୩୫ ପ୍ରତିଶତ ବଢ଼ି ୭୮.୨୫ ଡଲାର ଛୁଇଁଛି। ସେହିପରି ଦୁବାଇ-ଓମାନ୍ ମିଡିୟମ୍ ସାୱାର କ୍ରୁଡ୍ ଅଏଲ୍ ପ୍ରାୟ ୯ ପ୍ରତିଶତ ବଢ଼ି ବ୍ୟାରେଲ ପିଛା ୭୯.୩୦ ଡଲାର ଯାଏ ବଢ଼ିଛି। ଯୁଦ୍ଧର ଗତି ଓ ଆକାର ବଢ଼ିଚାଲିଲେ ସପ୍ତାହକ ମଧ୍ୟରେ ଆଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିବ ବୋଲି ତୈଳ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏହା ହେଲେ ତୈଳ ଆମଦାନୀ ଉପରେ ବିଶେଷ ନିର୍ଭର କରୁଥିବା ଭାରତ ସମେତ ଅନେକ ଦେଶ ଅତ୍ୟଧିକ କ୍ଷତିଗ୍ରସ୍ତ ହେବେ। ଆଉ ଏକ ସମସ୍ୟା ହେଲା ଅନ୍ତର୍ଜାତୀୟ ଆର୍ଥିକ ଅସ୍ଥିରତାକୁ ଦେଖି ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ପୁଞ୍ଜିବଜାରରୁ ଅର୍ଥ ଉଠାଇ ନେଇ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍) ଯଥା ସୁନା ଆଦିରେ ନିବେଶ କରିବାରେ ଲାଗିଲେଣି। ଫଳରେ ସୁନା ଦର ବହୁମାତ୍ରାରେ ବଢ଼ିବା ସହ ଭାରତୀୟ ପୁଞ୍ଜିବଜାର ଅତ୍ୟଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ।

ଏଭଳି ଏକ ସ୍ଥିତିରେ ଭାରତ ଯେଉଁଭଳିଭାବେ ଇସ୍ରାଏଲ ସହ ମିଶି ଏକ ନୂଆ ପର୍ଯ୍ୟାୟ ଆରମ୍ଭ କରିବାକୁ ଚେଷ୍ଟା କରୁଥିଲା ତାହା ସମ୍ଭବତଃ ତ୍ରୁଟିପୂର୍ଣ୍ଣ ବୋଲି ସମୟ ଦର୍ଶାଇ ଦେଇଛି। ଅନ୍ତର୍ଜାତୀୟ ରାଜନୀତିରେ ସମୟ ହେଉଛି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଭାରତ ଏହି ଖେଳରେ ବାରମ୍ବାର ପଛୁଆ ପଡ଼ିଯାଉଥିବା ଭଳି ମନେହେଉଛି। ବିଶେଷକରି ନିକଟ ଅତୀତରେ ରୁଷିଆଠାରୁ, ଆମେରିକା ଚାପରେ, ଭାରତ ତୈଳ କିଣିବା ହ୍ରାସ କରିଦେଇଛି। ମଧ୍ୟପ୍ରାଚ୍ୟରୁ କିଣିବାକୁ ଗଲାବେଳକୁ ଯୁଦ୍ଧ ପରିସ୍ଥିତି ଜନ୍ମ ନେଲା। ପୁନର୍ବାର ରୁଷିଆର ଦ୍ୱାରସ୍ଥ ହେବା କେତେଦୂର ପର୍ଯ୍ୟନ୍ତ ସମ୍ଭବପର ତାହା କହିବା ଏବେ କଷ୍ଟକର। ଅପରପଟେ ଚାଇନା ମଧ୍ୟ ଇରାନଠାରୁ ତାହାର ଚାହିଦାର ୧୩.୫ ପ୍ରତିଶତ ତେଲ କିଣୁଥିଲା। ଏବେ ସେହି ପରିମାଣର ତେଲ ରୁଷିଆଠାରୁ କିଣି ପାରିବ। ଏହା ବ୍ୟତୀତ ଚାଇନା ତା'ର ତୈଳ ବ୍ୟବହାରର ପ୍ରାୟ ୫ ପ୍ରତିଶତ କମାଇବାରେ ସଫଳ ହୋଇପାରିଛି। ଏହା ସମ୍ଭବପର ହୋଇଛି ଇଲେକଟ୍ରିକ୍ ଗାଡ଼ି ଓ ଯାନବାହନ ବ୍ୟବହାର ପଦ୍ଧତିରେ ପରିବର୍ତ୍ତନ ଆଣିକରି। ମଧ୍ୟପ୍ରାଚ୍ୟର ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହେବବୋଲି କହିବା ସମ୍ଭବପର ନୁହେଁ। କିନ୍ତୁ ଭାରତ ତା'ର ଆଭ୍ୟନ୍ତରୀଣ ଶକ୍ତି ସୃଷ୍ଟି କରିବା ଉପରେ ଅଧିକ ଗୁରୁତ୍ୱ ଦେଇପାରିଲେ ଅନ୍ତର୍ଜାତୀୟ ସ୍ତରରେ ଶକ୍ତିଶାଳୀ ଦେଶ ଭାବେ ପରିଗଣିତ ହେବାର ସ୍ୱପ୍ନ ସାକାର ସମ୍ଭାବନା ରହିଛି। ନଚେତ୍ ଫମ୍ପା ଧ୍ୱନିରେ ଏମିତି ଦୁର୍ବଳ ହୋଇ ଏହି ଦେଶ ରହିଯିବ।

# ଆଧୁନିକ ଭସ୍ମାସୁର



ନିରଞ୍ଜନ ସାହୁ

ଭସ୍ମାସୁର ଗପ ଆମେ ସମସ୍ତେ ପଢ଼ିଛନ୍ତି ପିଲାବେଳେ କିମ୍ବା ଶୁଣିଛନ୍ତି ଗୁରୁଜନଙ୍କ ପାଖରୁ। ଭାରତୀୟ ପୁରାଣ ସାହିତ୍ୟରେ ଥିବା ରାଶିରାଶି ଗଳ୍ପରାଜି ଭିତରୁ ଏହା ଏକ ପ୍ରତୀକାତ୍ମକ ପ୍ରସଙ୍ଗ। ଜଣେ ଅସୁର ବହୁ ସାଧନା କରି ଶିବଙ୍କଠାରୁ ଗୋଟିଏ ବର ପାଇଥିଲା, ବରଟି ଥିଲା ଏମିତି ଯେ ଅସୁର ଯେକୌଣସି ବ୍ୟକ୍ତିର ମୁଣ୍ଡକୁ ଛୁଇଁଦେବା ମାତ୍ରେ ତା'ର ମୁଣ୍ଡ ପାଉଁଶରେ ପରିଣତ ହୋଇଯାଉଥିଲା। ଏଇ ବର ପାଇବା ପରେ ସଂପୃକ୍ତ ଅସୁରଟି ତା'ର ଶତ୍ରୁମାନଙ୍କୁ ବିନାଶ କରିବାର ସହଜସାଧ୍ୟ ଉପାୟଟିଏ ପାଇଗଲା, କ୍ରମେ ତା'ର ଗୋଟିଏ ନାଁ ହୋଇଗଲା ଭସ୍ମାସୁର । ତା'ର ଅହଂକାର ଏତେ ବଢ଼ିଗଲା ଯେ ସେ ଚାହିଁଲା ସେଇ ବରକୁ ବରଦାତା ଶିବଙ୍କ ଉପରେ ପ୍ରୟୋଗ କରିବ। ଶିବ ଏହା ଜାଣିପାରିଲେ, ସେ ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ବିଷ୍ଣୁ କାଳବିଳମ୍ବ ନ କରି ନିଜକୁ ଜଣେ ସୁନ୍ଦରୀ ନୃତ୍ୟାଙ୍ଗନା ଭାବରେ ରୂପ ବଦଳେଇ ଦେଲେ ଏବଂ ଭସ୍ମାସରକୁ କହିଲେ ସେ ଯଦି ନୃତ୍ୟରେ ତାଙ୍କୁ ପରାଜିତ କରିପାରିବେ ତା'ହେଲେ ତାଙ୍କର ପାଣିଗ୍ରହଣ କରିବାକୁ ସେ ରାଜି। ଭସ୍ମାସୁର ଭାବିଲା ସେ ବି ନୃତ୍ୟରେ ସେଇ ନର୍ତ୍ତକୀକୁ ପରାସ୍ତ କରିପାରିବ। ତେଣୁ ସେ ନୃତ୍ୟ ପଟ୍ଟିୟସୀକୁ ଅନୁକରଣ କରି ନାଚିବାକୁ ଲାଗିଲେ । ପ୍ରଥମେ ପ୍ରଥମେ ସେଇ ନର୍ତ୍ତକୀ (ମୋହିନୀ : ବିଷ୍ଣୁଙ୍କ ପ୍ରତିରୂପୀ) ତାଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ଏଇ ଆତ୍ମ ପ୍ରଶଂସାରେ ଖୁସି ଥିବାବେଳେ ମୋହିନୀ ନିଜ ମୁଣ୍ଡକୁ ଛୁଇଁ ଦେବାରୁ ଭସ୍ମାସୁର ଅନୁରୂପ ଅଭିନୟ କରିବାକୁ ଆଗେଇ ଆସିଲେ ଏବଂ କିଛି ବୁଝିବା ପୂର୍ବରୁ ଭସ୍ମାସୁର ନିଜେ ଭସ୍ମ ହୋଇ ସାରିଥିଲା। ପୁରାଣର ଏଇ କଥାବସ୍ତୁକୁ ପୁନର୍ବାର ଅଧ୍ୟୟନ କଲା ପରେ ଆଉ କ'ଣ ବୁଝିବାକୁ ବାକି ରହିବ ଯେ ଅନ୍ୟ କେହି ମଣିଷ ଛଡ଼ା ଭସ୍ମାସୁରର ଅଭିନୟ କରିପାରିବ? ଏହା କୌଣସି ନାଟକର ଅଭିନୟ ନୁହେଁ ଏହା ହେଉଛି ସତସତିକା ଅଭିନୟ, ଯାହା ମଣିଷ କରି ଚାଲିଛି।

ମଣିଷ ଯେଉଁ ବରଦାନ ପାଇ ନିଜକୁ କ୍ଷମତାଶାଳୀ ବୋଲି ଭାବୁଛି ସେ ସବୁ ପ୍ରକୃତିରୁ ନୁହେଁ କି? ସେ ଖାଦ୍ୟ ହେଉ ବା ପାନୀୟ, ହେଉ ସେ ବସ୍ତ୍ର ଅଥବା ବାସଗୃହ – ସବୁକିଛି ସେ ପାଉଛି ସେଇ ପ୍ରକୃତିରୁ। ଅଥଚ ପ୍ରକୃତିକୁ କାବୁ କରି ତାକୁ ଧ୍ୱଂସ କରିବାକୁ ଚାହୁଁଛି ପ୍ରତିନିୟତ। ତା'ର ଧାରଣା ହୁଏତ ସେଇ ପୌରାଣିକ ଚରିତ୍ର ଭସ୍ମାସୁରର ଚିନ୍ତାର ଅନୁରୂପ – ସେ ଯଦି ବରଦାତା ଶିବଙ୍କୁ ଧ୍ୱଂସ କରିପାରିବ, ତାହେଲେ ସିନା ସେ ଶିବଙ୍କଠାରୁ ଅଧିକ କ୍ଷମତାଶାଳୀ ବୋଲି ବିବେଚିତ ହେବ । ଏଇ କ୍ଷମତା ଆହରଣ ଓ ତା'ର ପ୍ରମାଣ ଭିତରେ ନିମଜ୍ଜମାନ ମଣିଷ ଆଧୁନିକ ଭସ୍ମାସୁର ନୁହେଁ ତ ଆଉ କ'ଣ!



ଆପଣଙ୍କୁ ଅବିଶ୍ୱାସ୍ୟ ଲାଗିଲେ ବି ସତ ଯେ ସଦ୍ୟ ପ୍ରକାଶିତ ୟୁଏନ୍‌ଇପି (ୟୁନାଇଟେଡ ନେସନ୍ସ ଏନଭାଇରନମେଣ୍ଟ ପ୍ରୋଗ୍ରାମ)ରିପୋର୍ଟରେ ଦର୍ଶାଇଛି ଯେ, ସାରା ବିଶ୍ୱରେ ପର୍ଯ୍ୟାବରଣ ସଂରକ୍ଷଣ ପାଇଁ ଏକ ଡଲାର ଖର୍ଚ୍ଚ ହେଉଥିବା ବେଳେ ଏହାକୁ ଧ୍ୱଂସ କରିବା ପାଇଁ ୩୦ ଡଲାର ଖର୍ଚ୍ଚ କରାଯାଉଛି। ଅର୍ଥାତ୍ ଧ୍ୱଂସ ପାଇଁ ଖର୍ଚ୍ଚ ସଂରକ୍ଷଣର ୩୦ଗୁଣ। ମିଳିତ ଜାତିସଂଘର ପର୍ଯ୍ୟାବରଣ କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଇଙ୍ଗର ଆଣ୍ଡରସନ୍‌ଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ସାରା ବିଶ୍ୱ ୨୦୨୩ ମସିହାରେ ୭.୩ ଟ୍ରିଲିୟନ ଡଲାର ପର୍ଯ୍ୟାବରଣକୁ କ୍ଷତି କରୁଥିବା ପଦକ୍ଷେପରେ ବିନିଯୋଗ କରିଛି। ତନ୍ମଧ୍ୟରୁ ବ୍ୟକ୍ତିଗତ ଉଦ୍ୟୋଗ ମାଧ୍ୟମରେ ୪.୯ ଟ୍ରିଲିଅନ ଡଲାର ବିନିଯୋଗ ହୋଇଛି ମୁଖ୍ୟତଃ ଶିଳ୍ପ ସ୍ଥାପନରେ, ଇନ୍ଧନ ଖୋଜିବାରେ ବା ଖଣିଖାଦାନରେ। ଏହା ଛଡ଼ା ବିଭିନ୍ନ ଦେଶ ରାଷ୍ଟ୍ରୀୟ ଅର୍ଥ ଖର୍ଚ୍ଚ କରିଛନ୍ତି ପ୍ରାୟ ୨.୪ ଟ୍ରିଲିୟନ ଡଲାର, ଯାହାର ବିନିଯୋଗ ହୋଇଛି ଫସିଲ ଫୁଏଲ ସବ୍‌ସିଡି, କୃଷି, ଜଳ, ଗମନାଗମନ ଏବଂ ନିର୍ମାଣ କାର୍ଯ୍ୟରେ। ଏହି ଅର୍ଥର ତିରିଶ ଭାଗରୁ ଭାଗେ ଖର୍ଚ୍ଚ ହୋଇଛି ପ୍ରକୃତିର ସଂରକ୍ଷଣଜନିତ ବିଭିନ୍ନ କାର୍ଯ୍ୟକ୍ରମରେ। ଆମର କାର୍ଯ୍ୟକ୍ରମ ସୂଚେଇ ଦେଉଛି ଆମେ କେମିତି ଧ୍ୱଂସ ଦିଗରେ ଅଗ୍ରସର ହେଉଛନ୍ତି।

କାହାକୁ ଅଜଣା ନାହିଁ ଯେ ୨୦୦୦ ମସିହାରେ ସହସ୍ରାବ୍ଦର ବିକାଶ ଲକ୍ଷ୍ୟ ସମ୍ବଳିତ ଏକ ଶପଥ ପତ୍ର ମିଳିତ ଜାତିସଂଘ ତରଫରୁ ଜାରି କରାଯାଇଥିଲା। ଏହାକୁ ସଂକ୍ଷେପରେ ଏମ୍‌ଡିଜି (ମିଲେନିୟମ ଡେଭଲପ୍‌ମେଣ୍ଟ ଗୋଲ୍ସ) ବୋଲି କୁହାଯାଉଥିଲା। ସେତେବେଳେ ଆଠଗୋଟି ଲକ୍ଷ୍ୟ ପୂରଣ କରିବାକୁ ସହଯୋଗୀ ରାଷ୍ଟ୍ରମାନେ ଅଙ୍ଗୀକାରବଦ୍ଧ ହୋଇଥିଲେ ଏବଂ ଦୁଇହଜାର ପନ୍ଦର ସୁଦ୍ଧା ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପୂରଣ ହୋଇ ନ ପାରିବାରୁ ୨୦୧୫ରେ ଏକ ପରିବର୍ଦ୍ଧିତ କାର୍ଯ୍ୟକ୍ରମ ହାତକୁ ନିଆଗଲା ଯାହା ୨୦୩୦ ସୁଦ୍ଧା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହାକୁ ଏସ୍‌ଡିଜି ବା ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଗୋଲ୍ସ ବୋଲି କୁହାଯାଏ। ଏଥିରେ ସତର ଗୋଟି ଲକ୍ଷ୍ୟ ଲିପିବଦ୍ଧ ହୋଇଥିଲା। ସିଧା ସଳଖ ଭାବରେ ପାଞ୍ଚଟି ଏହା ଭିତରୁ ପର୍ଯ୍ୟାବରଣର ବିକାଶ ସହିତ ସଂଯୁକ୍ତ। ମାତ୍ର ପରୋକ୍ଷ ବିଚାରକୁ ଗଣିଲେ ସବୁତକ ପରିବେଶ ସମ୍ପର୍କିତ।

ପରିବେଶ ଅନୁକୂଳ ବିକାଶର ନକ୍‌ସା ଦିନକୁ ଦିନ ରୁଗ୍‌ଣ ହେବାର ମୁଖ୍ୟ କାରଣ ହେଲା ଯେଉଁ ଦେଶମାନେ ସମୃଦ୍ଧ ତାଲିକାରେ ଅଛନ୍ତି ସେମାନେ ସଂପୃକ୍ତ କାର୍ଯ୍ୟ ପାଇଁ ବ୍ୟୟ ବରାଦ କରିବାକୁ ଅନିଚ୍ଛୁକ। ୨୦୧୫ରେ ପ୍ୟାରିସ୍ ବୁଝାମଣା ନାଁରେ ଗୋଟିଏ ନିର୍ଦ୍ଧାରଣ ପତ୍ର ପାରିତ ହୋଇଥିଲା ବିଶ୍ୱର ରାଷ୍ଟ୍ରମାନଙ୍କ ଦ୍ୱାରା। ଏଥିରେ ବିଶ୍ୱତାପନ ପ୍ରଭାବକୁ ନ୍ୟୂନତମ ସ୍ତରକୁ ନେବା ପାଇଁ ବିବିଧ ବ୍ୟବସ୍ଥା ରହିଥିଲା। ୨୦୧୭ ରେ ଆମେରିକାର ସେତେବେଳର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଇ ରାଜିନାମାରୁ ଯୁକ୍ତରାଷ୍ଟ୍ର ଓହରିଗଲା ବୋଲି ଘୋଷଣା କଲେ । ତାଙ୍କର ଯୁକ୍ତି ଥିଲା ଏହା ଫଳରେ ଆମେରିକାକୁ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼ିବ ଏବଂ ଆମେରିକା ଅର୍ଥନୀତି କ୍ଷତିଗ୍ରସ୍ତ ହେବ। ପରବର୍ତ୍ତୀ ସମୟରେ ପୂର୍ବତନ ରାଷ୍ଟ୍ରପତି ବାଇଡ଼େନ୍ ଏହି ଚୁକ୍ତିକୁ ସମର୍ଥନ କରିଥିଲେ ମଧ୍ୟ ପୁନର୍ବାର ଟ୍ରମ୍ପ ନିର୍ବାଚିତ ହେଲା ପରେ ଏହି ରାଜିନାମାକୁ ଶକ୍ତ ଧକ୍କା ଲାଗିଛି।

ବିକଶିତ ଦେଶର ଲୋକମାନେ ବୋଧହୁଏ ଅନୁଭବ କରିପାରନ୍ତି ନାହିଁ ଯେ ସେମାନଙ୍କ ଦ୍ୱାରା ପୃଥିବୀର କେତେ ଅଧିକ ଶକ୍ତି ଉପଯୋଗ ହୁଏ। ଆମେରିକାର ପ୍ରତି ପରିବାରରେ ବହୁ ସଂଖ୍ୟକ ଦାମୀ ଗାଡ଼ି ଥାଏ ଏବଂ ସେମାନେ ବହୁ କୋଠରି ବିଶିଷ୍ଟ ଘରେ ବସବାସ କରନ୍ତି । ସେହି ଘରଗୁଡ଼ିକୁ ଉଷ୍ଣମ ରଖିବାକୁ ଏବଂ ଗାଡ଼ିଗୁଡ଼ିକୁ ଚଳନକ୍ଷମ କରିବା ପାଇଁ ଯାହା ଖର୍ଚ୍ଚ ହୁଏ ତାହାର ଆକଳନ ସାଧାରଣଠାରୁ ଯଥେଷ୍ଟ ଅଧିକ। ସେମାନଙ୍କର ଉର୍ଜା ବ୍ୟବହାରକୁ ଲକ୍ଷ୍ୟ କଲେ ଅନୁଭବ ହୋଇପାରେ, ପୁରାଣରେ ଆଲୋଚିତ କୁମ୍ଭକର୍ଣ୍ଣ ପରି ଅସୁରଠାରୁ ସେମାନେ ଜଣେ ଜଣେ କମ୍ ନୁହନ୍ତି।

ମାଟିରୁ ଆକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ପ୍ରକୃତିର ପରିଧି। ଜଳକୁ ଆମର ଜୀବନ କୁହାଯାଏ। ପାନୀୟ ଜଳ ବିନା ମଣିଷ ବଞ୍ଚିବା ଅସମ୍ଭବ । ମାତ୍ର ବିଶ୍ୱରେ ଯେତିକି ଜଳ ଅଛି ତାହା ମଧ୍ୟରୁ ମାତ୍ର ଏକ ପ୍ରତିଶତ କେବଳ ପାନୀୟ ଜଳ ପାଇଁ ଉପଯୋଗୀ। ଜଳଉତ୍ସଗୁଡ଼ିକ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆମେ ଜାଣିପାରନ୍ତି ନାହିଁ କାରଣ ଆମର ଭୁଲ୍ ଧାରଣା ଯେ ଆମର ସାଗର ମହାସାଗରଗୁଡ଼ିକ ଅଛନ୍ତି। ମାତ୍ର ସାଗରର ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରିବା ପାଇଁ ଏତେ ଖର୍ଚ୍ଚ ହେବ ତାହାର କଳନା କରାଯାଇପାରିବ ନାହିଁ।

ଆମର ବାୟୁମଣ୍ଡଳ ଏବେ ପ୍ରଦୂଷିତ। ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଆମେ ମାଟି ଉପରେ ନିର୍ଭରଶୀଳ, ମାତ୍ର ମୃତ୍ତିକାକ୍ଷୟ ବିପଜ୍ଜନକସ୍ତରରେ। ବାୟୁକୁ ଆହୁରି ବିଷାକ୍ତ କରୁଛି ଯୁଦ୍ଧର ବିଭୀଷିକା। ଏସବୁକୁ ଲକ୍ଷ୍ୟ କଲେ ଲାଗିବ ମଣିଷ ଭସ୍ମାସୁର ପାଲଟିଯାଇଛି ଏବଂ ସେ ନିଜକୁ ମାରିବା ପାଇଁ ଯେମିତି ଉତ୍ସାହରେ ଆଗେଇ ଚାଲିଛି। ବିକାଶ ଧାରା ପ୍ରକାରାନ୍ତରେ ପାଲଟିଛି ବିନାଶର ଜୟଯାତ୍ରା। ଏଥିରୁ କ'ଣ ମୁକ୍ତି ମିଳିବ?

**ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ**
**ମୋ: ୯୪୩୮୪୮୨୯୧୧**

# ପ୍ରେମ ଓ ଫଲ୍‌ଗୁର ଯାତ୍ରା



ଡ. ଅରୁନ୍ଧତୀ ଦେବୀ

ଆଜକୁ ୮୦୦ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳନ ହୋଇଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଏବଂ କୃଷ୍ଣ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥା'ନ୍ତି। ପୁରାଣବିତ୍‌ଙ୍କ ମତରେ, ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଏହାର ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ୍ ଶ୍ରୀନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ୍ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜି ଯାଉଥିଲେ ତ ପୁଣି କେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳନ ହୋଇଥାଏ ଦୋଳଯାତ୍ରା।

ଏହି ଯାତ୍ରା ପାଞ୍ଚଦିନ ପାଇଁ ପାଳନ ହୋଇ ପଞ୍ଚଦୋଳ ନାମରେ ନାମିତ ହୋଇ ଏହାର ପରିସମାପ୍ତି ଘଟାଇଥାଏ। ରାଜ୍ୟର କିଛି ସ୍ଥାନରେ ନବଦୋଳ ଭାବରେ ନଅଦିନ ବ୍ୟାପୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏପରିକି ସାତଦିନ ଓ ଦଶଦିନ ଧରି ଦୋଳଯାତ୍ରା କିଛି ସ୍ଥାନରେ ଆୟୋଜନ ହୋଇଥାଏ। ଫାଲ୍‌ଗୁନ ଶୁକ୍ଳ ତିଥିଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୁଏ। ଏହି ପର୍ବର ମୁଖ୍ୟ ଆରାଧ୍ୟ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅବିର ଅର୍ପଣ କରାଯାଇଥାଏ। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବମୁଖର ହୋଇଉଠିଥାଏ। ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦନ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚିଯାଆନ୍ତି। ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦନ କରିଥା'ନ୍ତି, ଠିକ୍ ସେହିପରି ଶ୍ରୀକୃଷ୍ଣ ଭକ୍ତମାନଙ୍କଠାରୁ ଭୋଗ ନେବା ପାଇଁ ଦୋଳ ଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥା'ନ୍ତି। ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା



ଦେବଅଗ୍ନି ପ୍ରଥା ମଧ୍ୟ ଭାରତର ସର୍ବତ୍ର ପ୍ରଚଳିତ। ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ-ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ, ଯାହାର ନାମ ଦୋଳମଣ୍ଡପ। ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅବିର ଅର୍ପଣ କରିଥାନ୍ତି।

ଦୋଳଯାତ୍ରା ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ଲୀଳାଖେଳା ରଚିଥିବା ଗୋପାଳ ଜାତିର ପରିବାରଙ୍କ ପାଇଁ ଏକ ପବିତ୍ର ଦିବସ। ଗୋମାତାର ଜନ୍ମ ଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି। ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟଖଣ୍ଡରେ କବି ଲେଖିଛନ୍ତି ''ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଈମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ। ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେଣୁ କରି ଗୋପ ଲୋକେ ଗମନ୍ତି ଉଷତେ।'' ଦୋଳପୂର୍ଣ୍ଣିମା ଦିନ ରାତିରେ ଠାକୁରମାନଙ୍କ ମିଳନ ହୋଇଥାଏ। ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଳଣ ପଡ଼ିଆକୁ ନିଆଯିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଓ ଚିତ୍ତାକର୍ଷକ। ପାଟପଟୁଆର, ରୋଶଣି, ଲୁପ୍ତପ୍ରାୟ ଲୋକନୃତ୍ୟ, ସଂକୀର୍ତ୍ତନ ପୂର୍ବକ ଶ୍ରୀକୃଷ୍ଣଙ୍କ ବନ୍ଦନା ସହ ଖୋଳକୀର୍ତ୍ତନ ଭିତରେ ବିମାନରେ ପ୍ରେମମୟ ଶ୍ରୀକୃଷ୍ଣ ଅତ୍ୟନ୍ତ ବିମୋହିତ ଭାବରେ ଭକ୍ତଙ୍କ ସହିତ ସତେଯେପରି ଏକାକାର ହୋଇଯାଆନ୍ତି। ଓଡ଼ିଶାର ବିଭିନ୍ନ ମେଳଣ ଭିତରେ ଧର୍ମଶାଳାର ମୁନ୍‌ସିମେଳଣ, ପଞ୍ଚପାଣ୍ଡବ ସନ୍ନିକଟ ଓଳକଣା ମେଳଣ ଓ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମର ଅଙ୍କୁରା ମେଳଣ ସହ ଗାଁ ମାଟିର ଗୃହ ଦେବତା ପ୍ରେମମୟ ରାଧାକାନ୍ତ ମଦନମୋହନଙ୍କୁ ନେଇ ଆୟୋଜନ ହୁଏ ଭୂୟାଁ ମେଳଣ। ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗଖେଳ। ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା।

ଦୋଳଯାତ୍ରାର ସ୍ମୃତି ମୋ ପିଲାଦିନରୁ ରହିଛି। ସେତେବେଳେ ଆଜିକା ସମୟ ପରି ଆଲୁଅର ଆକର୍ଷଣୀୟ ଯାତ୍ରା ନଥିଲା। ଗୋପାଳମାନେ ଠାକୁରଙ୍କୁ କାନ୍ଧେଇ ଘରକୁ ଘର ବୁଲାଇ ନେଉଥିଲେ। ଖୁବ୍ ହେଲେ ଲଣ୍ଠନ ନ ହେଲେ ଶୁଖିଲା କପଡ଼ା ଗୁଡ଼ା ହୋଇ ଜଡ଼ାତେଲର ବଡ଼ ବଡ଼ ଦୀପ ବଳିତା। ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀମାନଙ୍କୁ ଶୁଭାଶୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲ୍‌ଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା।

**ନିର୍ଦ୍ଦେଶିକା ଓ ସମ୍ପାଦିକା, ଅନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ**
**ମୋ: ୯୯୩୭୧୭୨୮୧୦**

## ଏଇ ଭାରତରେ

ଏକାଗ୍ରତାର ସହ ଚେଷ୍ଟା କରାଗଲେ ସଫଳତା ମିଳିଥାଏ, ଯାହା ପ୍ରମାଣ କରିଛନ୍ତି କଶ୍ମୀରର ଶବନମ୍ ବଶିର। ସେ କଶ୍ମୀର ବାନ୍ଦିପୋରର ପାହାଡ଼ିଆ ଅଞ୍ଚଳରେ ଆଡୁଆଳରେ ରହିଯାଇଥିବା ଅନେକ ଛୋଟ ଭ୍ୟାଲି ବା ସମତଳ ଜାଗାକୁ ଲୋକଲୋଚନକୁ ଆଣିପାରିଛନ୍ତି। କେବଳ ସେତିକି ନୁହେଁ, ସେଠାରେ ହୋମ୍‌ଷ୍ଟେର ବ୍ୟବସ୍ଥା ମଧ୍ୟ କରାଇଛନ୍ତି। ସମୟ ଏମିତି ଥିଲା-ହାତରେ ମୋବାଇଲ ଓ ଏକ ଡାଏରୀ ଧରି ସବୁଦିନ ପାହାଡ଼ ଚଢ଼ୁଥିବା ଜଣେ ଝିଅ(ଶବନମ୍)କୁ 'ତୁ କୁଆଡ଼େ ଏକୁଟିଆ ଯାଉଛୁ' ବୋଲି ଲୋକେ ପଚାରୁଥିଲେ। ହେଲେ ସେ କାହା କଥା ନ ଶୁଣି ନୀରବରେ ଆଗକୁ ଚାଲୁଥିଲେ ତାଙ୍କ ଲକ୍ଷ୍ୟପଥରେ। ବିସ୍ତୀର୍ଣ୍ଣ ପାହାଡ଼ିଆ ଅଞ୍ଚଳରେ ସୁନ୍ଦର ସ୍ଥାନର ସନ୍ଧାନ ଥିଲା ତାଙ୍କ ମୁଖ୍ୟ ଲକ୍ଷ୍ୟ। ସେହି ଲକ୍ଷ୍ୟ ତାଙ୍କର ପୂରଣ ହୋଇଛି ଏବଂ ସେ ୧୬ଟି ଲୁକ୍କାୟିତ ଭ୍ୟାଲିକୁ ସାମ୍ନାକୁ ଆଣି ସେଠାରେ ୪୦ଟି ହୋମ୍‌ଷ୍ଟେ ବ୍ୟବସ୍ଥା କରାଇପାରିଛନ୍ତି। ଏବେ ବାହାରୁ ପର୍ଯ୍ୟଟକ ଆସି ସେଠାରେ ରହି ଭ୍ୟାଲିଗୁଡ଼ିକର ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ଏହାଦ୍ୱାରା ସ୍ଥାନୀୟ ଗୁଜର ବକ୍ରୱାଲ ସମ୍ପ୍ରଦାୟର ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୩ ମାର୍ଚ୍ଚ ୧୯୭୭**

- ନିର୍ବାଚନ ବ୍ୟବସ୍ଥା ତଦାରଖ କରିବା ନିମନ୍ତେ ଏକ ସର୍ବଦଳୀୟ ନିର୍ବାଚନ କମିଟି ଗଠନ କରାଯିବା ଲାଗି ବାମପନ୍ଥୀ ଦଳର ଦାବିକୁ ମୁଖ୍ୟ ନିର୍ବାଚନ କମିଶନର ସ୍ୱାମୀନାଥନ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।
- ବୈଦେଶିକ ମନ୍ତ୍ରୀ ୱାଇ. ବି. ଚଭନଙ୍କ ବ୍ୟକ୍ତିଗତ ସେକ୍ରେଟାରୀ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | |
| 3 | | 9 | 1 | | 5 | | | 6 |
| 8 | | 2 | | 7 | | | | |
| 4 | | | 6 | 2 | | | 3 | 9 |
| 2 | | | 4 | | | 6 | | 8 |
| | 1 | 6 | | 3 | 8 | | | 5 |
| | | | 8 | 1 | | 3 | | 2 |
| 6 | | 7 | | 9 | 2 | | 4 | |
| | | | | | 4 | 5 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 4 | 2 | 9 | 1 | 8 | 7 | 6 |
| 8 | 1 | 2 | 6 | 7 | 3 | 9 | 5 | 4 |
| 9 | 6 | 7 | 4 | 8 | 5 | 2 | 3 | 1 |
| 4 | 8 | 6 | 7 | 5 | 2 | 3 | 1 | 9 |
| 2 | 7 | 3 | 9 | 1 | 4 | 5 | 6 | 8 |
| 1 | 5 | 9 | 3 | 6 | 8 | 7 | 4 | 2 |
| 3 | 2 | 8 | 5 | 4 | 6 | 1 | 9 | 7 |
| 6 | 9 | 5 | 1 | 2 | 7 | 4 | 8 | 3 |
| 7 | 4 | 1 | 8 | 3 | 9 | 6 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭକ୍ତକବିଙ୍କ ପ୍ରତି ଅବମାନନା

ମହାଶୟ,

ଶିଶୁମାନଙ୍କ ଓଡ଼ିଆ ବର୍ଣ୍ଣ ଶିକ୍ଷାର ପ୍ରଥମ ପୁସ୍ତକ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ବର୍ତ୍ତମାନ ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ବିଭିନ୍ନ ଆକାର(ସାନ ଓ ବଡ଼) ଏବଂ ବିଭିନ୍ନ ରୂପ(ରଙ୍ଗିନ, କଳାଧଳା)ରେ ପ୍ରକାଶିତ ହୋଇ ବିପଣୀସ୍ଥ ହୋଇଛି। ଏହି ବହିରେ କେତେଜଣ ପ୍ରକାଶକ ଭକ୍ତକବିଙ୍କ ନାମ ଉଲ୍ଲେଖ କରି ପ୍ରକାଶ କରିଛନ୍ତି ତ ଆଉ କେତେଜଣଙ୍କର କେବଳ ବର୍ଣ୍ଣବୋଧ ନାମରେ ପ୍ରକାଶ ପାଇଛି। ଏହାସହ ସମସ୍ତେ ନିଜ ନିଜ ପ୍ରକାଶିତ ଏହି ଶିଶୁ ପୁସ୍ତକଟିକୁ ଭକ୍ତକବିଙ୍କ ରଚିତ ମୂଳ ବର୍ଣ୍ଣବୋଧର ଅବିକଳ ନକଲ ବୋଲି ଦାବିକରି ବିକ୍ରି କରିଚାଲିଛନ୍ତି। ସୂଚନାଥାଉ କି, ଏହି ପତ୍ରପ୍ରେରକ ଶିଶୁ ଶ୍ରେଣୀରେ ବିଲେଇ ଚିତ୍ର ମଲାଟ ଥିବା ଛବିଳ ମଧୁ ବର୍ଣ୍ଣବୋଧ ଓ ଦୀପ ମଲାଟ ଚିତ୍ର ଥିବା ବର୍ଣ୍ଣବୋଧ ପଢ଼ିଥିଲେ। ଏଇ ନିକଟରେ ପରିବାରର ଜଣେ ଶିଶୁର ଅକ୍ଷର ଶିକ୍ଷା ନିମନ୍ତେ ବର୍ଣ୍ଣବୋଧ ଖଣ୍ଡିଏ ଆଣିବା ପାଇଁ ଆମେ ସ୍ଥାନୀୟ ବଜାରର ଏକ ବଡ଼ ପୁସ୍ତକ ଦୋକାନ ଯାଇ ସେଠାରେ ଉପଲବ୍ଧ(୨୦୨୫, ଡିସେମ୍ବର ସୁଦ୍ଧା) ଛଅ ପ୍ରକାରର ବିଭିନ୍ନ ପରିପାଟୀ ଓ ମଲାଟର ବର୍ଣ୍ଣବୋଧ ଦେଖିଲୁ। ସେଥିରୁ କିଛି ଖୁବ୍ ସୁନ୍ଦର ପରିପାଟୀର ଥିଲେ ମଧ୍ୟ ଦାମ୍ ଅତ୍ୟଧିକ ଥିଲା। ତେବେ ହଠାତ୍ ଆଗ୍ରହ ସୃଷ୍ଟିହେବାରୁ ଆମ୍ଭେ ଇଣ୍ଟରନେଟ୍‌ରୁ ଭକ୍ତକବିଙ୍କ ରଚିତ ୧୮୯୫ ଓ ୧୯୦୧ ମସିହାରେ ପ୍ରକାଶିତ ଦୁଇଟି ମୂଳ ବର୍ଣ୍ଣବୋଧ ସହ ଉପରୋକ୍ତ ଛଅ ପ୍ରକାର ବର୍ଣ୍ଣବୋଧ ବହିକୁ ମିଳାଇଲୁ। ମାତ୍ର କେଉଁଟି ଭକ୍ତକବିଙ୍କ ମୂଳ ବର୍ଣ୍ଣବୋଧ ନ ଥିଲା। ଆଜିପର୍ଯ୍ୟନ୍ତ ପ୍ରକାଶକମାନେ କିପରି ପ୍ରହସନ କରି ଭକ୍ତକବିଙ୍କ ମୂଳ ପୁସ୍ତକ ବୋଲି ଦାବିକରି ନିଜ ନିଜ ବର୍ଣ୍ଣବୋଧ ବିକ୍ରି କରିଚାଲିଛନ୍ତି। ଏହା ଭକ୍ତକବିଙ୍କ ପ୍ରତି ଘୋର ଅବମାନନା ନୁହେଁ ତ।

**-ଧନେଶ୍ୱର ବାରିକ, ଏରେଇଁ, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ତଥାପି କାହିଁ ତ ନ ଲଭେ ପରାଣ ତୃପତି
ସବୁ ପାଇ
ବୁଝାଇ ନିଜକୁ କରିଥିଲି କେତେ ଯୁକତି
ମନେ ନାହିଁ ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଦଶପଲ୍ଲା ବିଡିଓଙ୍କ ଅଫିସ୍‌ରେ ଗଣ୍ଡଗୋଳ**

ନୟାଗଡ଼,୨।୩(ଲୋକନାଥ ମିଶ): ନୟାଗଡ଼ ଜିଲା ଦଶପଲ୍ଲା ବିଡିଓଙ୍କ ଚାମ୍ବରରେ ସୋମବାର ପୂର୍ବାହ୍ନରେ ପ୍ରାୟ ଅଧଘଣ୍ଟା ଧରି ପୁରୁଣା ଏକ କାମର ବିଲ୍‌କୁ ନେଇ ଶାସକ ବିରୋଧୀ ଗୋଷ୍ଠୀ ହାତାହାତି ହୋଇଛନ୍ତି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁଙ୍କ ଉପସ୍ଥିତିରେ ବିଡିଓଙ୍କ ଚାମ୍ବର ପାଲଟିଥିଲା ରଣକ୍ଷେତ୍ର। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରି ଗଣ୍ଡଗୋଳକାରୀଙ୍କୁ ଚାମ୍ବର ଭିତରୁ ହଟାଇଥିଲା।

# ରାଜ୍ୟ ସଭା ନିର୍ବାଚନ:୪ ଆସନ ପାଇଁ ଗଲାଣି ୩୦ ସେଟ୍ ଫର୍ମ

ଭୁବନେଶ୍ୱର,୨।୩ (ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇ ଉଠିଛି। ରାଜ୍ୟର ପ୍ରମୁଖ ୩ଦଳ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରୁ ବିଜେଡି ଓ କଂଗ୍ରେସର ପ୍ରାର୍ଥୀ ସ୍ପଷ୍ଟ ହୋଇଥିବାବେଳେ ଭାଜପା ପକ୍ଷରୁ ପ୍ରାର୍ଥୀ ମନୋନୟନ ନେଇ ତୁହାକୁ ତୁହା ବୈଠକ ବସୁଛି। ତେବେ ରାଜ୍ୟ ସଭା ପାଇଁ ଫେବୃଆରୀ ୨୬ରେ ବିଜ୍ଞପ୍ତି ଜାରି ହେବା ପରେ ବିଭିନ୍ନ ଦଳ ପକ୍ଷରୁ ଉତ୍ସୁକତା ଦେଖିବାକୁ ମିଳିଛି। ତେବେ ମାର୍ଚ୍ଚ ୫ରେ ନାମାଙ୍କନ ଦାଖଲର ଶେଷ ଅବଧି ଥିବାବେଳେ ସୋମବାର ସୁଦ୍ଧା ତିନୋଟି ଦଳ ୨୫ଟି ସେଟ୍ ଫର୍ମ ରାଜ୍ୟ ସଭା ଲାଗି ନେଇଥିବାବେଳେ ୫ଜଣ ସ୍ୱାଧୀନ ପ୍ରାର୍ଥୀ ଫର୍ମ ନେଇଥିବା ବିଧାନସଭା କାର୍ଯ୍ୟାଳୟ ପକ୍ଷରୁ ଜଣାଯାଇଛି। ସୂଚନା ଅନୁଯାୟୀ, ଗତ ଗୁରୁବାର ଆଞ୍ଚଳିକ ଦଳ ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ୬ଟି ସେଟ୍ ଫର୍ମ କିଣିଥିବାବେଳେ ୨ଟି ସେଟ୍ ଫର୍ମ ସ୍ୱାଧୀନ ପ୍ରାର୍ଥୀମାନେ ନେଇଛନ୍ତି। ଶୁକ୍ରବାର କଂଗ୍ରେସ ସଦସ୍ୟ ସତ୍ୟଜିତ ଗମାଙ୍ଗ ୩ ସେଟ୍ ଫର୍ମ କିଣିଥିବାବେଳେ କଟକ ଏବଂ ଖୋର୍ଦ୍ଧାର ଜଣେ ଲେଖାଏଁ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟ ସଭା ଲାଗି ଫର୍ମ ନେଇଛନ୍ତି। ସେହିପରି ସୋମବାର ଭାଜପା ବିଧାୟକ ସରୋଜ ପ୍ରଧାନ ପ୍ରମୁଖ ୧୬ ସେଟ୍ ଫର୍ମ ନେଇଥିବାବେଳେ ପୁରୀ ସତ୍ୟବାଦୀର ଗଣେଶ ମିଶ୍ର ଏବଂ ଭୁବନେଶ୍ୱରର ଜଣେ ସ୍ୱାଧୀନ ପ୍ରାର୍ଥୀ ଫର୍ମ ନେଇଥିବା ଜଣାଯାଇଛି।




# ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଗସ୍ତ ପାଇଁ ସୁରକ୍ଷା ବୈଠକ

ଭୁବନେଶ୍ୱର,୨।୩(ତ୍ରିନାଥ ମହାନ୍ତି)

ଆସନ୍ତା ୫ ତାରିଖରୁ ୨ଦିନିଆ ଓଡ଼ିଶା ଗସ୍ତରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସୁଛନ୍ତି। ଶାହଙ୍କ ଏହି ଗସ୍ତପୂର୍ବରୁ ସୋମବାର ଡିଜିପି କ୍ୟାମ୍ପ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୋଲିସ ଡିଜି ୱାଇ.ବି. ଖୁରାନିଆ, ଗୋଇନ୍ଦା ନିର୍ଦ୍ଦେଶକ ଆର୍.ପି. କୋଚେ ଏବଂ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ ବିମାନ ବନ୍ଦରରୁ ଓହ୍ଲାଇବାଠାରୁ ରହଣିସ୍ଥଳ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସମ୍ପର୍କରେ ଆଲୋଚନା ହୋଇଛି। ଏପରି କି ଦଳୀୟ କାର୍ଯ୍ୟକ୍ରମ ଏବଂ ସଭାସ୍ଥଳରେ ବ୍ୟାପକ ପୋଲିସ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ଏଥିସହ ବମ୍ ସ୍କାଡ୍, ଡଗ୍ ସ୍କାଡ୍ ଏବଂ ଗୋଇନ୍ଦା ପୋଲିସ ସଭାସ୍ଥଳରେ ଜଗି ରହିବେ।

## ବିମାନ ବନ୍ଦରରୁ ରହଣିସ୍ଥଳ ପର୍ଯ୍ୟନ୍ତ ପୋଲିସ ଛାଉଣି

ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତ ସମୟରେ ଯେପରି କୌଣସି ତ୍ରୁଟି ନ ହୁଏ, ତାହା ଉପରେ ଗୁରୁତ୍ୱ ଦେବାକୁ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ବିମାନ ବନ୍ଦରରୁ ସଭାସ୍ଥଳ ପର୍ଯ୍ୟନ୍ତ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ୪୦ ଅଫିସର ମୁତୟନ ରହିବେ। ଆହୁରି ମଧ୍ୟ ଡିସିପିଙ୍କୁ ପୂରା ସୁରକ୍ଷା ଦାୟିତ୍ୱ ଦିଆଯାଇଥିବାବେଳେ ୧୦ଜଣ ଅତିରିକ୍ତ ଡିସିପିଙ୍କୁ ମନିଟରିଂ କରିବାକୁ କୁହାଯାଇଛି। ଗସ୍ତ ପୂର୍ବରୁ ବିମାନ ବନ୍ଦରରୁ କ୍ୟାରକେଡ୍ ରିହରସାଲ୍ କରାଯିବ। ଯେଉଁଠି କିଛି ତ୍ରୁଟି ପରିଲକ୍ଷିତ ହୁଏ, ତୁରନ୍ତ ଏହାକୁ ସୁଧାରିବାକୁ ଡିଜିପି ପୋଲିସ ଅଧିକାରୀଙ୍କୁ କହିଛନ୍ତି। ଗସ୍ତ ସମୟରେ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମନ୍ତ୍ରୀ ଶାହ ଆସିବା ସମୟରେ ଟ୍ରାଫିକ୍ ଚଳାଚଳ କିଛି ସମୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ଅନୁପାଳନର ହେବ ସମୀକ୍ଷା

ଭୁବନେଶ୍ୱର,୨।୩ (ରବିନାରାୟଣ ଜେନା)

## ୫ରେ ସଚିବସ୍ତରୀୟ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଂରାଜୀ ନବବର୍ଷ ଅବସରରେ ଦେଇଥିବା ୧୫ଟି ନିର୍ଦ୍ଦେଶନାମାକୁ ବିଭାଗୀୟ ସଚିବମାନେ କେତେଦୂର କାର୍ଯ୍ୟକାରୀ କରିଛନ୍ତି ସେନେଇ ମାର୍ଚ୍ଚ ୫ରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିବେ। ଏହାସହ ରାଜ୍ୟ ସରକାରଙ୍କ ଚଳିତବର୍ଷ(୨୦୨୫-୨୬)ର ବଜେଟ ଅର୍ଥରୁ କେଉଁ ବିଭାଗ କେତେ ଖର୍ଚ୍ଚ କରିଛି ଏବଂ କେତେ ରାଜସ୍ୱ ବିଭିନ୍ନ ଉତ୍ସରୁ ଆଦାୟ ହୋଇଛି ମଧ୍ୟ ସମୀକ୍ଷାହେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ମାର୍ଚ୍ଚ ୫ରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନର ୮ମ ମହଲାରେ ପୂର୍ବାହ୍ନ ୧୦ଟା୩୦ରେ ଅନୁଷ୍ଠିତ ହେବ ବୋଲି ସମସ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ତେବେ 'ମୁଖ୍ୟମନ୍ତ୍ରୀ ମିଶନ ପାୱାର' ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ତେଣୁ ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ କିଭଳି ହେବ ଏବଂ ସେନେଇ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ କେତେଦୂର ଅଗ୍ରଗତି ହୋଇଛି ତା'ର ସମୀକ୍ଷା କରାଯିବ। ଏହାସହ ସବୁ ଗାଁକୁ ବିଦ୍ୟୁତ୍ ସଂଯୋଗ ଏବଂ ରାସ୍ତା କିଭଳି ହୋଇପାରିବ ତାହା ଉପରେ ବୈଠକରେ ଆଲୋଚନା ହେବାକୁ ରହିଛି। ଏହାସହ ପ୍ରତ୍ୟେକ ବିଭାଗ ପକ୍ଷରୁ ଭିଜନ ଓଡ଼ିଶା-୨୦୩୬ ଏବଂ ୨୦୪୭ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟକ୍ରମ ସହ ପ୍ରତ୍ୟେକ ବିଭାଗରେ କେତେ ଅପାରଗ କର୍ମଚାରୀଙ୍କୁ ବିଦାକରାଯାଇଛି ତା'ର ମଧ୍ୟ ସମୀକ୍ଷା ହେବ ବୋଲି ସୂଚନା ମିଳିଛି।

# ମଧ୍ୟପ୍ରାଚ୍ୟରେ ଫସି ରହିଛନ୍ତି ୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ

ପାରଳାଖେମୁଣ୍ଡି,୨।୩ (ଗିରିଧାରୀ ପରିଚ୍ଛା)

ବିଶ୍ୱର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା, ଇରାନ, ଇସ୍ରାଇଲ ମଧ୍ୟରେ ଏବେ ଯୁଦ୍ଧ ଚାଲିଛି। ଏହି ସ୍ଥିତି ଏବେ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଅନେକ ପ୍ରବାସୀ ଭାରତୀୟ କାତାର, ଇରାନ, ଇରାକ, ଆବୁଧାବୀ, ବେହେରାନ୍ ଆଦି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ରହି ଆସୁଥିଲେ। ସେମାନେ ଏବେ ଭାରତକୁ ଏବଂ ନିଜ ଗାଁକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ଫେରି ନ ପାରି ଫସି ରହିଛନ୍ତି। ଏହି ଭାରତୀୟଙ୍କ ମଧ୍ୟରେ ଓଡ଼ିଶାର ଗଜପତି ଜିଲା ଗୋଷାଣି ବ୍ଲକ ଜଙ୍ଗଲପାଡୁ ଏବଂ ବଡକଡୁରୁ ଗ୍ରାମର ୫୦ରୁ ଅଧିକ ପରିବାରର ସଦସ୍ୟ ରହିଛନ୍ତି। ସେମାନେ ଦାଦନ ଖଟିବାକୁ ଉପରୋକ୍ତ ଅଞ୍ଚଳକୁ ଯାଇ ରହିଛନ୍ତି। ସମ୍ପୃକ୍ତ ପରିବାରର ଲୋକେ ଗାଁରେ ସେମାନଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। କେଉଁ ପରିବାରର ଭାଇ ତ କେଉଁ ପରିବାରର ସ୍ୱାମୀ, କାହାର ପୁଅ କାହାର ପୁତୁରା ଓ କାହାର ଭଣଜା ଯାଇ ସେଠାରେ ଅଛନ୍ତି।

## ବାଟ ଚାହିଁ ବସିଛନ୍ତି ପରିବାର ଲୋକେ

ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଏଲ ମିଡିଆରେ ଯୁଦ୍ଧ ସମ୍ପର୍କିତ ବିଭିନ୍ନ ଫଟୋ ଓ ଭିଡିଓ ଦେଖି ପ୍ରବାସୀ ଓଡ଼ିଆଙ୍କ ପରିବାର ଲୋକେ ସର୍ବଦା ଚିନ୍ତାରେ ରହୁଛନ୍ତି। ଜଙ୍ଗଲପାଡୁ ଗ୍ରାମର ଅଧିକାଂଶ ପରିବାରର ଲୋକେ ଜୀବନ ଜୀବିକା ପାଇଁ ବାହାର ଦେଶକୁ ଯାଇ କାମ କରୁଛନ୍ତି। ଏହି ଗ୍ରାମର ଲୋକେ ନିଜ ପ୍ରିୟଜନଙ୍କ ସହ ଫୋନ୍‌ରେ କଥା ହେଉଛନ୍ତି ସତ, ମାତ୍ର ସେମାନଙ୍କ ମନରେ ଖୁସି ନାହିଁ। ମଧ୍ୟପ୍ରାଚ୍ୟର ଦେଶଗୁଡିକରେ ରହୁଥିବା ପରିବାରଗୁଡ଼ିକର ଲୋକଙ୍କୁ ସୁରକ୍ଷାର ସହ ଭାରତକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଜଙ୍ଗଲପାଡୁ ଗ୍ରାମର ଶାନ୍ତିଲତା ଜେନାଙ୍କ ଦୁଇ ପୁଅ ଆବୁଧାବିରେ ରହିଥିବା ବେଳେ ତାଙ୍କ ପୁତୁରା ଓ ଭଣଜା କାତାର ଏବଂ ଇରାନରେ ରହିଛନ୍ତି। ସେହିଭଳି କଲ୍ୟାଣୀ ସାମଲଙ୍କ ପୁଅ ଦୁବାଇରେ ଗୋଟିଏ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ପୁଷ୍ପା ନାୟକଙ୍କ ସ୍ୱାମୀ ଦୁବାଇରେ କୌଣସି କମ୍ପାନୀରେ କାମ କରୁଛନ୍ତି।



ନିଜ ଲୋକଙ୍କ ଫେରିବା ବାଟକୁ ଚାହିଁ ବସିଥିବା ପରିବାର ଲୋକେ।

# ସକାଳୁଆ କ୍ଲାସ୍, ପରୀକ୍ଷା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨।୩ (ସୁଚିସ୍ମିତା ସାହୁ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକ ପାଇଁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏନେଇ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ଚିଠି କରାଯାଇଛି। ଉଚ୍ଚଶିକ୍ଷାନୁଷ୍ଠାନଗୁଡିକରେ ସକାଳେ କ୍ଲାସ୍ ଓ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଅପରାହ୍ନରେ ଛାତ୍ରୀଛାତ୍ର ଖେଳକୁଦ ନ କରିବାକୁ କୁହାଯାଇଛି। ପ୍ରତ୍ୟେକ ଉଚ୍ଚଶିକ୍ଷାନୁଷ୍ଠାନ କ୍ୟାମ୍ପସ, କମନ ରୁମ୍, ହଷ୍ଟେଲ ଓ ପରୀକ୍ଷାକେନ୍ଦ୍ରଗୁଡିକରେ ପାନୀୟ ଜଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ ଓଆର୍‌ଏସ୍ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଗ୍ରୀଷ୍ମ ପ୍ରବାହ ନେଇ ଏସ୍‌ଓପି ଜାରିକଲା ଉଚ୍ଚଶିକ୍ଷା ବିଭାଗ

ସେହିପରି କଲେଜ ଓ ପରୀକ୍ଷା କେନ୍ଦ୍ରଗୁଡିକରେ ଫାଷ୍ଟଏଡ୍ କିଟ୍ ରଖିବା ସହ ଆଶୁ ଚିକିତ୍ସା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଆବଶ୍ୟକ ସତର୍କତା ଅବଲମ୍ବନ ସମ୍ବନ୍ଧରେ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। ଛାତ୍ରୀଛାତ୍ର କ୍ଲାସ କରିବା ପାଇଁ ଘରୁ ବାହାରିଲାବେଳେ ଯେପରି ନିଜ ସହ ପାଣି ବୋତଲ ନେବେ ତାହାକୁ ସୁନିଶ୍ଚିତ କରିବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦେବାକୁ କୁହାଯାଇଛି।

# ବାହାର ରାଜ୍ୟ କମ୍ପାନୀ ହାତେଇଲେ ୩ ଖଣି

ଯୋଡ଼ା,୨।୩(ମାନସ ମହାନ୍ତି)

ଓଡ଼ିଶାର କିଛି ବୃହତ ଖଣିର ନିଲାମ ଗତ ୨୮ ତାରିଖରେ ହୋଇଯାଇଛି। ସମୁଦାୟ ୧୧ଟି ଖଣିର ନିଲାମ ହେବାକୁ ଥିବା ବେଳେ ୩ଟି ଖଣିର ନିଲାମ ବହୁ ମୂଲ୍ୟ ଡାକଦେଇ ୩ଟି ବାହାର ରାଜ୍ୟର କମ୍ପାନୀ ଖଣି ହାତେଇଛନ୍ତି। ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ମଣ୍ଡଳର ପଶ୍ଚିମ ଅଳାଘାଟ ଖଣିର ନିଲାମ ୧୨୦.୨୫ ପ୍ରତିଶତରେ ଆର୍ସେଲର ମିତ୍ତଲ ନିପୋନ ଷ୍ଟିଲ କମ୍ପାନୀ ହାତେଇଛି। ସୁନ୍ଦରଗଡ଼ ଜିଲା ପାଟମୁଣ୍ଡା (କ) ମାଙ୍ଗାନିଜ ଏବଂ ଆଇରନ ଖଣିକୁ ସର୍ବାଧିକ ୧୪୨.୩୦ ପ୍ରତିଶତରେ ଆନ୍ଧ୍ର ପ୍ରଦେଶର ଈଶ୍ୱରାଭାକା ଭେଙ୍କଟକ୍ରୀଷ୍ଣ ନେଲୋର ହାତେଇଛି। ସେହିପରି ସୁନ୍ଦରଗଡ଼ ଜିଲା ପଶ୍ଚିମ କେଡେସାଲା ଲୁହାପଥର ଓ ଆଲୁମିନ ସଲେଟେରାଇଟ୍ ଖଣିକୁ ଟନ୍ ପିଛା ୧୧୫.୦୦ ପ୍ରତିଶତରେ ଡାକ ଦେଇ ଛତିଶଗଡ଼ ରାୟପୁରା ଶ୍ରୀ ବଜରଙ୍ଗ ପାୱାର ଆଣ୍ଡ ଇସ୍ପାତ ଲିମିଟେଡ୍ ହାତେଇଛନ୍ତି। ନିଲାମରେ ହାତେଇ ଥିବା ଖଣି କମ୍ପାନୀଗୁଡ଼ିକ ଲୁହାପଥର ଟନ୍ ପିଛା ବିକ୍ରି ମୂଲ୍ୟ ଉପରେ ଏହି ନିଲାମରେ ଡାକ ଦେଇଥିବା ଧାର୍ଯ୍ୟ ପ୍ରତିଶତକୁ ସରକାରଙ୍କୁ ଦେବେ। ଅନ୍ୟପକ୍ଷେ ବାକି ୮ଟି ଖଣିର ନିଲାମ ହୋଇ ନ ଥିବାରୁ ଏହାର ସୂଚନା ହସ୍ତଗତ ହୋଇପାରିନି। ତେବେ ନିଲାମ ହୋଇଥିବା ୩ ଖଣିରୁ ଏହା ବୁଝାପଡୁଛି ଯେ, ସୁନ୍ଦରଗଡ଼ ଜିଲା ଓ କୋଇଡ଼ା ଖଣି ମଣ୍ଡଳରେ ଉଚ୍ଚମାନର ଲୁହାପଥର ଖଣି ନିଲାମରେ ଏକ ବଡ଼ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ଦେଖିବାକୁ ମିଳିଛି।

# ଚାଷୀଙ୍କ ସ୍ୱାର୍ଥ ରକ୍ଷାରେ ସରକାର ଉଦାସୀନ: କଂଗ୍ରେସ

ଭୁବନେଶ୍ୱର,୨।୩ (ରବିନାରାୟଣ ଜେନା)

ଚାଷ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା କରିବାରେ ସରକାର ସମ୍ପୂର୍ଣ୍ଣ ଭାବେ ଉଦାସୀନ ମନୋଭାବ ପୋଷଣ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ କହିଛନ୍ତି,ଚାଷୀର ଆୟ ଦ୍ୱିଗୁଣ କରିବା ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ସରକାରଙ୍କ ଗତ ୨୦ ମାସ ସମୟ ଭିତରେ ଚାଷୀର ଆୟ ନିମ୍ନଗାମୀ ହେଉଛି ଏବଂ ଚାଷୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ସମୟରେ ଏକ ହୃଦୟ ବିଦାରକ ଦୃଶ୍ୟ ଯାଜପୁର ବଡ଼ଚଣା ବ୍ଲକ୍‌ର ବରପଦା ପଞ୍ଚାୟତର ନିଆଳି ଗ୍ରାମରେ ଘଟିଛି । ଫେବୃଆରୀ ୧୮ରେ ନିଆଳି ଗ୍ରାମର ବାଦାମ ଓ ପୋଟଳ ଚାଷୀ ବିଦ୍ୟାଧର ମଲ୍ଲିକ କ୍ଷେତରେ ଟଳିପଡ଼ି ମୃତ୍ୟୁବରଣ କରିଛନ୍ତି। ବିଦ୍ୟାଧରଙ୍କ ନିଜର ଜମି ନ ଥିଲେ ମଧ୍ୟ ଅନ୍ୟ ଚାଷୀମାନଙ୍କ ପାଖରୁ ଜମି ଭାଗରେ ଆଣି ଲକ୍ଷାଧିକ ଟଙ୍କା ଋଣ କରି ଚାଷ କରିଥିଲେ। ଚଳିତବର୍ଷ ପୋକ ଆକ୍ରମଣ ଯୋଗୁ ଚାଷ କ୍ଷତିଗ୍ରସ୍ତ ହେଲା । ଚାଷ ଉଜୁଡ଼ିଯିବା ଓ ଋଣ ଚିନ୍ତାରେ ଚାପଗ୍ରସ୍ତ ହୋଇ ବିଦ୍ୟାଧର ମଲ୍ଲିକ ହୃଦ୍‌ଘାତରେ ମୃତ୍ୟୁବରଣ କଲେ। ସରକାର ଏବଂ ଜିଲା ପ୍ରଶାସନ ଏପର୍ଯ୍ୟନ୍ତ ବିଦ୍ୟାଧରଙ୍କ ପରିବାର ପାଖରେ ପହଞ୍ଚିନାହାନ୍ତି। ଏନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଫେବୃଆରୀ ୨୮ରେ ଘଟଣାସ୍ଥଳ ପରିଦର୍ଶନ କରିଥିଲା। ତୁରନ୍ତ ବିଦ୍ୟାଧରଙ୍କ ପରିବାର ନିକଟରେ ପ୍ରଶାସନ ପହଞ୍ଚିବା ପାଇଁ ଦାବି କରାଯାଇଥିଲା। ବିଦ୍ୟାଧର ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହିତ ସେ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ଦାବି କରାଯାଇଥିଲା। ଘଟଣାର ୨ମାସ ପୂର୍ବରୁ କଂଗ୍ରେସ କମିଟି ଓ ଜିଲା କିଷାନ କଂଗ୍ରେସ ବାଦାମ ଏବଂ ପୋଟଳ ଚାଷକୁ ପୋକ ଦାଉରୁ ରକ୍ଷା କରିବାପାଇଁ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ଯଥାଶୀଘ୍ର ଚାଷୀଙ୍କ ପାଖରେ ପହଞ୍ଚି ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ଏହି ସମ୍ମିଳନୀରେ କଂଗ୍ରେସ ନେତା ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ସୁଧାଂଶୁ ଦେଓ, ମାଗୁଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା କାର୍: ଜଣେ ମୃତ, ୪ ଗୁରୁତର

କରଞ୍ଜିଆ/ଠାକୁରମୁଣ୍ଡା,୨।୩ (କବିତା ମହାନ୍ତ/ ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ଗିଧିବାସ ଛକ ନିକଟରେ ସୋମବାର ସକାଳେ ଏକ କାର୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯଶୀପୁର ଥାନା ଭଣ୍ଡାରୀପୋଷି ଗ୍ରାମର ସରୋଜ ମୁଖି। ଗୁରୁତର ସେହି ଗ୍ରାମର ସାଗର ବେହେରା, ସୁଶାନ୍ତ ବେହେରା ଓ ଦେବେନ୍ଦ୍ର ବେହେରା ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

# ଫେରାର ନିଲମ୍ବିତ ଥାନାଧିକାରୀଙ୍କ ଆତ୍ମସମର୍ପଣ

ଜୟପୁର,୨।୩(ପବନ ପାଣିଗ୍ରାହୀ)

ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଆଶ୍ରୟ ଦେବା ମାମଲାରେ ୬ ମାସ ହେବ ଫେରାର ଥିବା ତତ୍କାଳୀନ ଥାନାଧିକାରୀ ରାଜେଶ ବଳିଆରସିଂ କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ଜଜ୍ କୋର୍ଟରେ ସୋମବାର ଆତ୍ମସମର୍ପଣ କରିଛନ୍ତି। ସେ ପୁରୀ ଜିଲା ଅସ୍ତରଙ୍ଗର ତତ୍କାଳୀନ ଥାନାଧିକାରୀ ଥିଲେ। ସୂଚନାନୁଯାୟୀ, ତତ୍କାଳୀନ ଥାନାଧିକାରୀ ବଳିଆରସିଂ କୋରାପୁଟ ଜିଲା ଓ ଜୟପୁରର ବିଭିନ୍ନ ଗଞ୍ଜେଇ ଚୋରା ଚାଲାଣରେ ଚାଲାଣକାରୀଙ୍କୁ ସହଯୋଗକରିବା ସହ ସେମାନଙ୍କୁ ଆଶ୍ରୟ ଦେଉଥିବା ଜଣାପଡ଼ିଥିଲା। ଏହା ପରେ ଏହି ମାମଲାରେ ତତ୍କାଳୀନ ଜୟପୁର ଏସ୍‌ଡିପିଓ ପାର୍ଥ କଶ୍ୟପଙ୍କ ନେତୃତ୍ୱରେ ଏକ ଟିମ୍ ଅଗଷ୍ଟରେ ଭୁବନେଶ୍ୱର ଯାଇଥିଲେ। ଏ ନେଇ ନଂ. ୬/୨୫ରେ ମାମଲା ରୁଜୁ ହୋଇଥିଲା। ଭୁବନେଶ୍ୱରରୁ ଥାନାଧିକାରୀ ରାଜେଶଙ୍କୁ କାବୁ କରିଥିବା ବେଳେ ସେ ଫେରାର ହୋଇଯାଇଥିଲେ। ପରେ ଡିଜିପି ତାଙ୍କୁ ନିଲମ୍ବନ କରିଥିଲେ। ରାଜେଶ ଫେରାର ରହି ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ହାଇକୋର୍ଟ ଜାମିନ ଦେବା ସହ ତଳ କୋର୍ଟରେ ହାଜର ହୋଇ ଜାମିନରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପ୍ରତି ଶୁଣାଣି ତାରିଖରେ ହାଜରହେବା, ଅନ୍ୟ କଏଦୀଙ୍କ ସହ କୌଣସି ଆଲୋଚନା ନ କରିବା ଓ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ଆଦି ସର୍ତ୍ତାବଳୀ ସହ ଜାମିନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ୫୦ ହଜାର ଟଙ୍କା ମୁଚାଲିକା ସହ ଜାମିନରେ ଯାଇଥିଲେ। ରାଜେଶ କୋରାପୁଟ ଜିଲାର ଜୟପୁର ଟାଉନ ଥାନା, କୋରାପୁଟ ଓ ରାୟଗଡ଼ା ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିଥିଲେ। ରାଜେଶ ଗଞ୍ଜେଇ ମାଫିଆଙ୍କୁ ସହଯୋଗକରି ଚାଲାଣରେ ପୋଲିସ ଗାଡ଼ି ବ୍ୟବହାର କରୁଥିଲେ। ଚାଲାଣକାରୀଙ୍କୁ ଆଶ୍ରୟ ମଧ୍ୟ ଦେଉଥିଲେ।



ରାଜେଶ ବଳିଆରସିଂ।

## ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଆଶ୍ରୟ ଦେବା ମାମଲା

# ପ୍ରଶଂସା ସାଉଁଟୁଛନ୍ତି କିଆରା

**ମୁମ୍ବାଇ:** ଆସନ୍ତା ୧୯ରେ ମୁକ୍ତିଲାଭ କରିବାକୁ ଯାଉଛି ଚଳଚ୍ଚିତ୍ର 'ଟକ୍ସିକ୍'। ଯଶଙ୍କ ଏହି ଚଳଚ୍ଚିତ୍ର ରଣବୀର ସିଂହଙ୍କ ଧୂରନ୍ଧର-୨ ସହିତ କଡ଼ା ଟକ୍କର ଦେବ। ଯାହା ୨୦୨୫ର ସର୍ବାଧିକ ଆୟକାରୀ ଚଳଚ୍ଚିତ୍ର 'ଧୂରନ୍ଧର'ର ସିକ୍ୱେଲ। ଧୂରନ୍ଧର-୨ ଅପେକ୍ଷା ଯଶ, କିଆରା ଆଡଭାନୀ, ନୟନତାରା, ତାରା ସୁତାରିଆ ଏବଂ ରୁକ୍ମିଣୀ ବସନ୍ତଙ୍କ ଅଭିନୀତ 'ଟକ୍ସିକ୍'କୁ ନେଇ ଅଧିକ ଚର୍ଚ୍ଚା ହେଉଛି। ଏହି ସମୟରେ ନିର୍ମାତା ଟକ୍ସିକ୍‌ର ପ୍ରଥମ ଗୀତ 'ତବାହି' ରିଲିଜ କରିଛନ୍ତି। ଯାହା ରିଲିଜ ପରେ ପ୍ରଶଂସକଙ୍କ ପ୍ରିୟ ହୋଇପାରିଛି। ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଯଶଙ୍କୁ ନେଇ ନିର୍ମାତା ଏକ ପୋଷ୍ଟର ଶେୟାର କରିଛନ୍ତି। ଯାହା ପ୍ରଶଂସକମାନଙ୍କଠାରୁ ବେଶ୍ ପ୍ରଶଂସା ସାଉଁଟିଛି। ନିର୍ମାତା ଚଳଚ୍ଚିତ୍ରରେ ଅକ୍ଷୟ ଓବେରୟ ଏବଂ ସୁଦେବ ନାୟାର ନଜର ଆସିବେ ବୋଲି ଘୋଷଣା କରିଛନ୍ତି। ଅକ୍ଷୟ ଓବେରୟ ଟୋନି ଭୂମିକାରେ ନଜର ଆସିବେ। ଚଳଚ୍ଚିତ୍ର 'ଟକ୍ସିକ୍', କେଭିଏନ ପ୍ରଡକ୍ସନ୍ସ ଏବଂ ମନ୍‌ଷ୍ଟାର ମାଇଣ୍ଡ କ୍ରିଏସନ୍ସ ବ୍ୟାନରରେ ଭେଙ୍କଟ କେ. ନାରାୟଣ ଏବଂ ଯଶଙ୍କ ଦ୍ୱାରା ପ୍ରଯୋଜିତ। ଏହା କନ୍ନଡ ଏବଂ ଇଂରାଜୀରେ ଏକକାଳୀନ ଶୁଟିଂ କରାଯାଇଛି, ଯେତେବେଳେ କି ଡବିଂ ସଂସ୍କରଣଗୁଡ଼ିକ ହିନ୍ଦୀ, ତେଲୁଗୁ, ତାମିଲ ଏବଂ ମାଲାୟଲମ ସମେତ ଅନେକ ଭାଷାରେ ମୁକ୍ତିଲାଭ କରିବ।



# ଇଚ୍ଛା ମୃତ୍ୟୁ ଦାବିକରି ଧାରଣାରେ ଦିବ୍ୟାଙ୍ଗ ଯୁବତୀ




ଧାରଣାକାରୀଙ୍କ ସହ ସିଟି ଡିଏସ୍‌ପି ଆଲୋଚନା କରୁଛନ୍ତି।

ବାଲେଶ୍ୱର,୨।୩ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସଦର ଥାନା ନୋଡିପୋଟଣା ଗ୍ରାମର ଚମ୍ପାବତୀ ପଣ୍ଡା ନାମ୍ନୀ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ଘରକୁ ଯାତାୟାତ ରାସ୍ତାକୁ ପଡ଼ୋଶୀ ଅବରୋଧ କରି ରଖିଛନ୍ତି। ଯୁବତୀ ନିଜ ଘରୁ ବାହାରିପାରୁନାହାନ୍ତି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିବା ବେଳେ ଯୁବତୀଜଣକ ନ୍ୟାୟ ପାଇବା ପାଇଁ ସ୍ଥାନୀୟ ପୋଲିସ, ଜିଲାପାଳ, ବିଧାୟକ, ଏମ୍‌ପି ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଗୁହାରି କରି ନ୍ୟାୟ ପାଇନାହାନ୍ତି। ଏଥିରେ ଅତିଷ୍ଠ ହୋଇ ସୋମବାର ପୂର୍ବାହ୍ନରେ ଚମ୍ପାବତୀ ନିଜର ଇଚ୍ଛାମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ଦାବି କରି ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ତରଫରୁ ସିଟି ଡିଏସ୍‌ପି ନିର୍ମଳା ଗୋଚ୍ଛାୟତ ଧାରଣାସ୍ଥଳକୁ ଆସି ଚମ୍ପାବତୀଙ୍କୁ ଧାରଣାରୁ ଓହରିବା ପାଇଁ ବୁଝାଇଥିଲେ ବି, ସେ ଖବରଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରଖିଥିଲେ। ଚମ୍ପାବତୀ ଅଭିଯୋଗ କରିଛନ୍ତି ଯେ, ଠାକୁର ନାମରେ ନାମିତ ଘରୋଇ ଇଜମାଲି ରାସ୍ତାକୁ ପଡ଼ୋଶୀ ଅବରୋଧ କରି ରଖିଥିଲେ। ଚମ୍ପାବତୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ ଦ୍ୱାରା ଅବରୋଧ ହଟାଇ ରାସ୍ତାର ସୀମା ନିର୍ଦ୍ଧାରଣ କରାଯାଇଥିଲା। ପରେ ପୁଣି ସମ୍ପୃକ୍ତ ପଡ଼ୋଶୀ ସେହି ରାସ୍ତାକୁ ଅବରୋଧ କରିବାରୁ ଚମ୍ପାବତୀ ସ୍ଥାନୀୟ ବିଧାୟକ, ଏମ୍‌ପି ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଗୁହାରି କରିଥିଲେ। ହେଲେ ତାଙ୍କ ସମସ୍ୟାର ସମାଧାନ ହୋଇ ନ ଥିଲା। ଶେଷରେ ସୋମବାର ସେ ନିଜର ଇଚ୍ଛା ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା।



# ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର

## (ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)

## ଅଧିସୂଚନା

ପତ୍ର ସଂଖ୍ୟା: ୫୬ — ତାରିଖ: ୨୭।୦୧।୨୦୨୬

No. 32001/157/2526: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବଲାଙ୍ଗୀର ଜିଲ୍ଲାର ଅପର ଲାନ୍ଥ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ନିମନ୍ତେ **ମୌଜା: ଜାମକୁରୀ, ଥାନା: ବେଲପଡ଼ା ନଂ. ୨, ତହସିଲ: ବେଲପଡ଼ା ନଂ. ୧୩୩, ଜିଲ୍ଲା: ବଲାଙ୍ଗୀର**ରେ ନିମ୍ନ ତଫସିଲମତେ ପ୍ରାୟ ଏ.୨୮୫.୯୦୦୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀର।
୨. ଜମି ଆବଶ୍ୟକ କରୁଥିବ ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ ଅପର ଲାନ୍ଥ ଜଳସେଚନ ବିଭାଜନ, ବେଲପଡ଼ା, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଅପର ଲାନ୍ଥ ଜଳସେଚନ ଯୋଜନାର ଜଳଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଥଇଥାନ ଓ ପୁନର୍ବାସ ଅନୁଦାନ ରାଶିର ବ୍ୟବସ୍ଥା ଅଛି।
୫. ଥଇଥାନ ଓ ପୁନର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ ବେଲପଡ଼ା, ବଲାଙ୍ଗୀର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| **ବଲାଙ୍ଗୀର** | **ବେଲପଡ଼ା** | **ଜାମକୁରୀ** | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୨୮୫.୯୦୦୨ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଓ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./– ଜିଲ୍ଲାପାଳ, ବଲାଙ୍ଗୀର

## MOUZA: JAMJURI, THANA NO. 02, THANA: BELPADA, TAHSIL: BELPADA, DIST.: BALANGIR

## PRIVATE LAND

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 3 | କମଳସାଏ ବରିହା, ପି.: ଗୋପି ବରିହା, ଜା: ବିଂଝାଲ, ବା: ନିଜଗାଁ | 219 | ବେର୍ଣ୍ଣା ମାମୁଲି | 0.450 | 0.4500 |
| | | | 216 | ବେର୍ଣ୍ଣା ମାମୁଲି | 2.180 | 2.1800 |
| | | | 220 | ଆଟ ମାମୁଲି | 0.810 | 0.8100 |
| | | | 221 | ଆଟ ମାମୁଲି | 3.130 | 3.1300 |
| | | | 222 | ଆଟ ମାମୁଲି | 1.150 | 1.1500 |
| | | | 223 | ଆଟ ମାମୁଲି | 2.190 | 2.1900 |
| | | | 213/678 | ଆଟ ମାମୁଲି | 0.040 | 0.0400 |
| | | | 214/679 | ଆଟ ମାମୁଲି | 0.600 | 0.6000 |
| | | | 226/684 | ଆଟ ମାମୁଲି | 3.420 | 3.4200 |
| | | | 217 | ଅନ୍ୟାନ୍ୟ | 0.080 | 0.0800 |
| 2 | 5 | କହ୍ନେଇ ଷାଣ୍ଡ, ସୁପେତ ଷାଣ୍ଡ, ଉଦ୍ଧବ ଷାଣ୍ଡ, ଧନୁର୍ଯ୍ୟୟ ଷାଣ୍ଡ, ପି.: ଗୋବର୍ଦ୍ଧନ ଷାଣ୍ଡ, ଜା: ଗଉଡ଼, ବା: ନିଜଗାଁ | 302 | ଘରବାରି | 0.040 | 0.0400 |
| | | | 303 | ଘରବାରି | 0.100 | 0.1000 |
| | | | 382 | ଘରବାରି | 0.010 | 0.0100 |
| 3 | 6 | କୁଞ୍ଜଲ ସାହୁ, ପି: ରାଜନ ସାହୁ, ଜା: ତେଲି, ବା: ନିଜଗାଁ | 625 | ବାହାଲ ମାମୁଲି | 1.190 | 1.1900 |
| | | | 626 | ବେର୍ଣ୍ଣା ମାମୁଲି | 0.780 | 0.7800 |
| | | | 606 | ବେର୍ଣ୍ଣା ମାମୁଲି | 0.880 | 0.8800 |
| | | | 614 | ବେର୍ଣ୍ଣା ମାମୁଲି | 0.820 | 0.8200 |
| | | | 624 | ବେର୍ଣ୍ଣା ମାମୁଲି | 1.140 | 1.1400 |
| | | | 623 | ମାଳ ମାମୁଲି | 0.540 | 0.5400 |
| | | | 313/714 | ଘରବାରି | 0.010 | 0.0100 |
| | | | 317 | ଘରବାରି | 0.020 | 0.0200 |
| | | | 562 | ଆଟ ମାମୁଲି | 3.600 | 3.6000 |
| | | | 622 | ଆଟ ମାମୁଲି | 1.960 | 1.9600 |
| | | | 268 | ଆଟ ମାମୁଲି | 0.240 | 0.2400 |
| 4 | 7 | କୁଞ୍ଜଲ ସାହୁ, ମେନା ସାହୁ, ପି.: ରାଜନ ସାହୁ, ଜା: ତେଲି, ବା: ନିଜଗାଁ | 306 | ଘରବାରି | 0.130 | 0.1300 |
| | | | 307 | ଘରବାରି | 0.050 | 0.0500 |
| | | | 314 | ଘରବାରି | 0.010 | 0.0100 |
| | | | 314/713 | ଘରବାରି | 0.010 | 0.0100 |
| | | | 612 | ଆଟ ମାମୁଲି | 1.150 | 1.1500 |
| | | | 613 | ଆଟ ମାମୁଲି | 1.340 | 1.3400 |
| 5 | 8 | କୁନ୍ଦୁର ସାହୁ, ଭମର ସାହୁ, କୁମର ସାହୁ, ପି.: ବିଶି ସାହୁ, ଜା: ତେଲି, ବା: ନିଜଗାଁ | 400 | ବାହାଲ ମାମୁଲି | 0.950 | 0.9500 |
| | | | 519 | ବାହାଲ ମାମୁଲି | 1.660 | 1.6600 |
| | | | 517 | ବେର୍ଣ୍ଣା ମାମୁଲି | 0.250 | 0.2500 |
| | | | 524 | ବେର୍ଣ୍ଣା ମାମୁଲି | 0.170 | 0.1700 |
| | | | 525 | ବେର୍ଣ୍ଣା ମାମୁଲି | 0.180 | 0.1800 |
| | | | 79 | ବେର୍ଣ୍ଣା ମାମୁଲି | 0.090 | 0.0900 |
| | | | 403/694 | ବେର୍ଣ୍ଣା ମାମୁଲି | 1.390 | 1.3900 |
| | | | 403/695 | ବେର୍ଣ୍ଣା ମାମୁଲି | 0.580 | 0.5800 |
| | | | 403/697 | ବେର୍ଣ୍ଣା ମାମୁଲି | 0.190 | 0.1900 |
| | | | 523 | ମାଳ ମାମୁଲି | 0.250 | 0.2500 |
| | | | 376/690 | ଘରବାରି | 0.030 | 0.0300 |
| | | | 376 | ଘରବାରି | 0.220 | 0.2200 |
| | | | 419 | ଘରବାରି | 0.270 | 0.2700 |
| | | | 487 | ଆଟ ମାମୁଲି | 0.050 | 0.0500 |
| | | | 402 | ଆଟ ମାମୁଲି | 0.190 | 0.1900 |
| | | | 410 | ଆଟ ମାମୁଲି | 0.300 | 0.3000 |
| | | | 65 | ଆଟ ମାମୁଲି | 0.150 | 0.1500 |
| | | | 78 | ଆଟ ମାମୁଲି | 0.310 | 0.3100 |
| | | | 526 | ଆଟ ମାମୁଲି | 0.290 | 0.2900 |
| | | | 527 | ଆଟ ମାମୁଲି | 0.330 | 0.3300 |
| | | | 557 | ଆଟ ମାମୁଲି | 0.100 | 0.1000 |
| | | | 558 | ଆଟ ମାମୁଲି | 0.160 | 0.1600 |
| | | | 518 | ଆଟ ମାମୁଲି | 0.720 | 0.7200 |
| | | | 522 | ଆଟ ମାମୁଲି | 0.480 | 0.4800 |
| | | | 403/696 | ଆଟ ମାମୁଲି | 0.850 | 0.8500 |
| | | | 418/699 | ଆଟ ମାମୁଲି | 0.140 | 0.1400 |
| | | | 512 | ଅନ୍ୟାନ୍ୟ | 0.120 | 0.1200 |
| 6 | 10 | ଗଣ୍ଡା ବରିହା ପି.: ଶିବ ବରିହା, ଜା: ବିଂଝାଲ, ବା: ନିଜଗାଁ | 398/722 | ଆଟ ମାମୁଲି | 0.210 | 0.2100 |
| | | | 422/723 | ବାହାଲ ମାମୁଲି | 0.300 | 0.3000 |
| 7 | 11 | ଗଣ୍ଡାରାମ ପୁଟା, ପି.: କୁମର ପୁଟା, ଜା: ଗଣ୍ଡ, ବା: ନିଜଗାଁ | 92/671 | ମାଳ ମାମୁଲି | 0.040 | 0.0400 |
| 8 | 12 | ଗଣ୍ଡାରାମ ପୁଟା, କରମ ସିଂହ ପୁଟା, ଧରମ ସିଂହ ପୁଟା, ପି.: କୁମର ପୁଟା, ଜା: ଗଣ୍ଡ, ବା: ନିଜଗାଁ | 34 | ବେର୍ଣ୍ଣା ମାମୁଲି | 1.470 | 1.4700 |
| | | | 35 | ବେର୍ଣ୍ଣା ମାମୁଲି | 0.290 | 0.2900 |
| | | | 36 | ବେର୍ଣ୍ଣା ମାମୁଲି | 0.090 | 0.0900 |
| | | | 38 | ବେର୍ଣ୍ଣା ମାମୁଲି | 0.070 | 0.0700 |
| | | | 39 | ବେର୍ଣ୍ଣା ମାମୁଲି | 1.420 | 1.4200 |
| | | | 50 | ବେର୍ଣ୍ଣା ମାମୁଲି | 0.930 | 0.9300 |
| | | | 89 | ବେର୍ଣ୍ଣା ମାମୁଲି | 0.300 | 0.3000 |
| | | | 90 | ବେର୍ଣ୍ଣା ମାମୁଲି | 0.510 | 0.5100 |
| | | | 316 | ଘରବାରି | 0.005 | 0.0050 |
| | | | 318 | ଘରବାରି | 0.005 | 0.0050 |
| | | | 320 | ଘରବାରି | 0.060 | 0.0600 |
| | | | 321 | ଘରବାରି | 0.135 | 0.1350 |
| | | | 93 | ପଡ଼ିତ | 0.140 | 0.1400 |
| | | | 160 | ଆଟ ମାମୁଲି | 3.540 | 3.5400 |
| | | | 554 | ଆଟ ମାମୁଲି | 0.060 | 0.0600 |
| | | | 92 | ଆଟ ମାମୁଲି | 0.320 | 0.3200 |
| 9 | 13 | ଗିରିଧାରୀ ସାହୁ, ପି.: ରାଜେନ୍ଦ୍ର ସାହୁ, ଅନନ୍ତ ରାମ ସାହୁ, ପି.: ସତ୍ୟା ସାହୁ, ଜା: ତେଲି, ବା: ନିଜଗାଁ | 178/685 | ଘରବାରି | 0.035 | 0.0350 |
| 10 | 14 | ଗୋପାଳ ସାହୁ, ପି.:ଲକ୍ଷ୍ମଣ ସାହୁ, ଜା: ତେଲି, ବା: ନିଜଗାଁ | 283 | ଘରବାରି | 0.020 | 0.0200 |
| | | | 284 | ଘରବାରି | 0.010 | 0.0100 |
| 11 | 15 | ଗୋବିନ୍ଦ ବରିହା, ପି.: ଶିବ ବରିହା, ଜା: ବିଂଝାଲ, ବା: ନିଜଗାଁ | 186 | ଆଟ ମାମୁଲି | 1.700 | 1.7000 |
| | | | 187 | ବେର୍ଣ୍ଣା ମାମୁଲି | 0.640 | 0.6400 |
| | | | 188 | ମାଳ ମାମୁଲି | 0.910 | 0.9100 |
| | | | 189 | ଆଟ ମାମୁଲି | 1.750 | 1.7500 |
| 12 | 16 | ଗୋବିନ୍ଦ ବରିହା, ବାଘେନ ବରିହା, ଗଣ୍ଡା ବରିହା, କ୍ଷେପ ବରିହା, ଝିଙ୍ଗୁଟୁ ବରିହା, ପି.: ଶିବ ବରିହା, ଜା: ବିଂଝାଲ, ବା: ନିଜଗାଁ | 292 | ଘରବାରି | 0.020 | 0.0200 |
| | | | 295 | ଘରବାରି | 0.090 | 0.0900 |
| 13 | 18 | ଘନଶ୍ୟାମ ସାହୁ, ବିଦଛ ସାହୁ, ଝସ ସାହୁ, ମୀନକେତନ ସାହୁ, ପି.: ଗୋପି ସାହୁ, ଜା: ତେଲି, ବା: ନିଜଗାଁ | 301 | ଘରବାରି | 0.020 | 0.0200 |
| 14 | 19 | ଟେଙ୍ଗିବୁଡ଼ି ଭୋଏ, ସ୍ୱା.:ଅଗ୍ନି ଭୋଏ, ପ୍ରେମ ଭୋଏ, ପି.: ଅଗ୍ନି ଭୋଏ, ଇନ୍ଦ୍ର ଭୋଏ, ସାନୁଜ ଭୋଏ, ପି.: କପୁର୍ଚନ ଭୋଏ, ଲକ୍ଷ୍ମଣ ଭୋଏ, ପି.: ବୁଡ଼ି ଭୋଏ, ଜା: ଦଳ, ବା: ପଣ୍ଡକିମାଳ | 9 | ଆଟ ମାମୁଲି | 3.140 | 3.1400 |
| | | | 13 | ଆଟ ମାମୁଲି | 3.340 | 3.3400 |
| | | | 43/666 | ଆଟ ମାମୁଲି | 0.070 | 0.0700 |
| 15 | 21 | ଦେବ ସାହୁ, ପି.: ଖେତୁ ସାହୁ, ଜା: ତେଲି, ବା: ନିଜଗାଁ | 541 | ବାହାଲ ମାମୁଲି | 2.570 | 2.5700 |
| | | | 549 | ବାହାଲ ମାମୁଲି | 1.620 | 1.6200 |
| | | | 546 | ବେର୍ଣ୍ଣା ମାମୁଲି | 0.640 | 0.6400 |
| | | | 415/704 | ବେର୍ଣ୍ଣା ମାମୁଲି | 0.040 | 0.0400 |
| | | | 485/707 | ବେର୍ଣ୍ଣା ମାମୁଲି | 0.340 | 0.3400 |
| | | | 542 | ବେର୍ଣ୍ଣା ମାମୁଲି | 0.110 | 0.1100 |
| | | | 506 | ବେର୍ଣ୍ଣା ମାମୁଲି | 0.350 | 0.3500 |
| | | | 71 | ବେର୍ଣ୍ଣା ମାମୁଲି | 0.150 | 0.1500 |
| | | | 415 | ବେର୍ଣ୍ଣା ମାମୁଲି | 0.410 | 0.4100 |
| | | | 485 | ବେର୍ଣ୍ଣା ମାମୁଲି | 0.310 | 0.3100 |
| | | | 533 | ବେର୍ଣ୍ଣା ମାମୁଲି | 0.630 | 0.6300 |
| | | | 534 | ବେର୍ଣ୍ଣା ମାମୁଲି | 0.720 | 0.7200 |
| | | | 535 | ବେର୍ଣ୍ଣା ମାମୁଲି | 0.780 | 0.7800 |
| | | | 538 | ମାଳ ମାମୁଲି | 0.210 | 0.2100 |
| | | | 505 | ମାଳ ମାମୁଲି | 0.140 | 0.1400 |
| | | | 545 | ମାଳ ମାମୁଲି | 1.150 | 1.1500 |
| | | | 416 | ଘରବାରି | 0.320 | 0.3200 |
| | | | 484 | ଘରବାରି | 0.310 | 0.3100 |
| | | | 325 | ଘରବାରି | 0.040 | 0.0400 |
| | | | 326 | ଘରବାରି | 0.120 | 0.1200 |

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | | ଦେବ ସାହୁ, ପି.: ଖେତୁ ସାହୁ, ଜା: ତେଲି, ବା: ନିଜଗାଁ | 327 | ଘରବାରି | 0.240 | 0.2400 |
| | | | 328 | ଘରବାରି | 0.380 | 0.3800 |
| | | | 330 | ଘରବାରି | 0.090 | 0.0900 |
| | | | 331 | ଘରବାରି | 0.010 | 0.0100 |
| | | | 140 | ଆଟ ମାମୁଲି | 0.080 | 0.0800 |
| | | | 141 | ଆଟ ମାମୁଲି | 0.320 | 0.3200 |
| | | | 161 | ଆଟ ମାମୁଲି | 2.270 | 2.2700 |
| | | | 504 | ଆଟ ମାମୁଲି | 0.410 | 0.4100 |
| | | | 536 | ଆଟ ମାମୁଲି | 0.350 | 0.3500 |
| | | | 537 | ଆଟ ମାମୁଲି | 0.300 | 0.3000 |
| | | | 551 | ଆଟ ମାମୁଲି | 2.480 | 2.4800 |
| | | | 416/705 | ଆଟ ମାମୁଲି | 0.060 | 0.0600 |
| | | | 543 | ଆଟ ମାମୁଲି | 0.670 | 0.6700 |
| | | | 532 | ଆଟ ମାମୁଲି | 0.210 | 0.2100 |
| | | | 540 | ଅନ୍ୟାନ୍ୟ | 0.240 | 0.2400 |
| 16 | 22 | ଧନମତ ଭୋଏ, ପି. ତୀର୍ଥ ଭୋଏ, ଜା: ଗଣ୍ଡ,ବା: ନିଜଗାଁ, ଜବରଦଖଲ ବା:, ମାଖୁନୁ ସାହୁ, ପି.: ବଇରୁ ସାହୁ, ଜା: ତେଲି, ବା: ନିଜଗାଁ ସ୍ୱ ୧୯୬୭ଠାରୁ ବା: | 281 | ଘରବାରି | 0.010 | 0.0100 |
| | | | 282 | ଘରବାରି | 0.010 | 0.0100 |
| 17 | 54/1308 | ଭରତ ଚନ୍ଦ୍ର ଧରୁଆ, ପି.: ଦୁର୍ଜନ ଧରୁଆ, ଜା: ଗଣ୍ଡ, ବା: ଛେଲଖାଇ | 159/1159/ 2320 | ଆଟ ମାମୁଲି | 0.080 | 0.0800 |
| 18 | 25 | ନେପୁର ସାହୁ, ସ୍ୱା.: ଅନନ୍ତ ସାହୁ, ଜା: ତେଲି, ବା: ନିଜଗାଁ | 609 | ବେର୍ଣ୍ଣା ମାମୁଲି | 0.740 | 0.7400 |
| | | | 609/710 | ବେର୍ଣ୍ଣା ମାମୁଲି | 0.050 | 0.0500 |
| | | | 608 | ଆଟ ମାମୁଲି | 0.880 | 0.8800 |
| 19 | 28 | ବାଘେନ ବରିହା, ପି.: ଶିବ ବରିହା, ଜା: ବିଂଝାଲ, ବା: ନିଜଗାଁ | 422/726 | ବାହାଲ ମାମୁଲି | 0.320 | 0.3200 |
| | | | 398 | ଆଟ ମାମୁଲି | 0.250 | 0.2500 |
| 20 | 29 | ବାହାଦୁର ସାହୁ, ପି.: ବୁଧୁ ସାହୁ, ଜା: ତେଲି, ବା: ନିଜଗାଁ | 439 | ବାହାଲ ମାମୁଲି | 0.700 | 0.7000 |
| 21 | 30 | ବାହାଦୁର ସାହୁ, ହରି ସାହୁ, ପି.: ଲିଙ୍ଗରାଜ ସାହୁ, ଜା: ତେଲି, ବା: ନିଜଗାଁ | 387 | ଘରବାରି | 0.010 | 0.0100 |
| | | | 388 | ଘରବାରି | 0.010 | 0.0100 |
| 22 | 31 | ବିରଞ୍ଚି ଧରୁଆ, ସମ୍ବାରୁ ଧରୁଆ, ପି.: ଚିତ୍ରସେନ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ | 362 | ଘରବାରି | 0.010 | 0.0100 |
| 23 | 33 | ବୁଡୁ ବରିହା, ପି.: ପ୍ରହ୍ଲାଦ ବରିହା, ଜା: ବିଂଝାଲ, ବା: ନିଜଗାଁ | 422 | ବାହାଲ ମାମୁଲି | 0.400 | 0.4000 |
| | | | 422/725 | ଆଟ ମାମୁଲି | 0.190 | 0.1900 |
| 24 | 34 | ବୁଧୁ ବରିହା, ପି.: ଗୋବିନ୍ଦ ବରିହା, ଜା: ବିଂଝାଲ, ବା: ନିଜଗାଁ | 421 | ଆଟ ମାମୁଲି | 0.120 | 0.1200 |
| | | | 422/724 | ବାହାଲ ମାମୁଲି | 0.370 | 0.3700 |
| 25 | 35 | ବୈଦେହୀ ସାହୁ, ସୁନାଫୁଲ ସାହୁ, ସ୍ୱା.: ବିଦ୍ୟା ସାହୁ, ଉଜୁଲି ସାହୁ, ପରାବୁଲି ସାହୁ, ପି.: ବିଦ୍ୟା ସାହୁ, ଜା: ତେଲି, ବା: ନିଜଗାଁ | 578 | ବେର୍ଣ୍ଣା ମାମୁଲି | 0.150 | 0.1500 |
| | | | 591 | ବେର୍ଣ୍ଣା ମାମୁଲି | 0.110 | 0.1100 |
| | | | 59 | ମାଳ ମାମୁଲି | 0.460 | 0.4600 |
| | | | 61 | ମାଳ ମାମୁଲି | 0.060 | 0.0600 |
| | | | 298 | ଘରବାରି | 0.030 | 0.0300 |
| | | | 62 | ଆଟ ମାମୁଲି | 1.100 | 1.1000 |
| 26 | 37 | ଭୁବନ ସାହୁ, କଳାକାହ୍ନୁ ସାହୁ, ପି.: ବଇକୁ ସାହୁ, ଦୁଲଣା ସାହୁ, ସ୍ୱା.: ବଇକୁ ସାହୁ, ଜା: ତେଲି, ବା: ନିଜଗାଁ | 405 | ବାହାଲ ମାମୁଲି | 0.325 | 0.3250 |
| | | | 408 | ବେର୍ଣ୍ଣା ମାମୁଲି | 0.300 | 0.3000 |
| | | | 406 | ମାଳ ମାମୁଲି | 0.170 | 0.1700 |
| | | | 407 | ମାଳ ମାମୁଲି | 0.230 | 0.2300 |
| 27 | 38 | ଭୁବନ ସାହୁ, କଳାକାହ୍ନୁ ସାହୁ, ପି.: ବଇକୁ ସାହୁ, ରାମେ ସାହୁ, ପି.: ଶୁକୁ ସାହୁ, ଜା: ତେଲି, ବା: ନିଜଗାଁ | 299 | ଘରବାରି | 0.030 | 0.0300 |
| 28 | 40 | ମଗଶିର ବରିହା, ପି.: ଖରସୁ ବରିହା, ଜା: ବିଂଝାଲ, ବା: ନିଜଗାଁ | 322 | ଘରବାରି | 0.06 | 0.0600 |
| | | | 323 | ଘରବାରି | 0.03 | 0.0300 |
| | | | 324 | ଘରବାରି | 0.02 | 0.0200 |
| | | | 559 | ଆଟ ମାମୁଲି | 2.600 | 2.6000 |
| 29 | 41 | ମନ୍ଧାର କଟା, ସ୍ୱା.: କଲିଆ କଟା, ଜା: ଗଉଡ଼, ବା: ନିଜଗାଁ | 349 | ଘରବାରି | 0.070 | 0.0700 |
| | | | 352 | ଘରବାରି | 0.010 | 0.0100 |
| | | | 353 | ଘରବାରି | 0.010 | 0.0100 |
| 30 | 45 | ଡମ୍ବରୁ ବରିହା, ପି.: ମନିରାମ ବରିହା, ଜା: ବିଂଝାଲ, ବା: ନିଜଗାଁ | 399 | ବେର୍ଣ୍ଣା ମାମୁଲି | 0.220 | 0.2200 |
| | | | 398/720 | ଆଟ ମାମୁଲି | 0.360 | 0.3600 |
| 31 | 46 | ମାଖୁନୁ ସାହୁ, ପି. ; କଇଂରୁ ସାହୁ, ଜା: ତେଲି, ବା: ନିଜଗାଁ | 17 | ବାହାଲ ମାମୁଲି | 0.220 | 0.2200 |
| | | | 31 | ବାହାଲ ମାମୁଲି | 2.010 | 2.0100 |
| | | | 30 | ବେର୍ଣ୍ଣା ମାମୁଲି | 0.160 | 0.1600 |
| | | | 413 | ବେର୍ଣ୍ଣା ମାମୁଲି | 0.410 | 0.4100 |
| | | | 417 | ବେର୍ଣ୍ଣା ମାମୁଲି | 0.090 | 0.0900 |
| | | | 418 | ଘରବାରି | 0.230 | 0.2300 |
| | | | 297 | ଘରବାରି | 0.035 | 0.0350 |
| | | | 411 | ଘରବାରି | 0.100 | 0.1000 |
| | | | 145 | ଆଟ ମାମୁଲି | 0.070 | 0.0700 |
| 32 | 48 | ଲକ୍ଷ୍ମଣ ତାଣ୍ଡି, ପି.: ଭୁଜ ତାଣ୍ଡି, ଜା: ଗଣ୍ଡା, ବା: ନିଜଗାଁ | 360 | ଘରବାରି | 0.080 | 0.0800 |
| 33 | 49 | ଲକ୍ଷ୍ମଣ ତାଣ୍ଡି, ପି.: ଭୁଜ ତାଣ୍ଡି, ଜା: ଗଣ୍ଡା, ବା: ନିଜଗାଁ | 397 | ମାଳ ମାମୁଲି | 0.120 | 0.1200 |
| | | | 347 | ଘରବାରି | 0.120 | 0.1200 |
| | | | 102 | ଆଟ ମାମୁଲି | 0.260 | 0.2600 |
| 34 | 52 | ସୁନାଧର ସାହୁ, ରୁପାଧର ଔରଫ ମୋହନ ସାହୁ, ପି.: ଭୁର୍ଷୀ ସାହୁ, ଲୋଚନା ସାହୁ, ସ୍ୱା.: ଭୁର୍ଷୀ ସାହୁ, ଜା: ତେଲି, ବା: ନିଜଗାଁ | 76/669 | ବେର୍ଣ୍ଣା ମାମୁଲି | 0.080 | 0.0800 |
| | | | 76/668 | ଆଟ ମାମୁଲି | 0.080 | 0.0800 |
| 35 | 53 | ସୁପାଳ ସିଂହ ବରିହା, ପି.: ସକ୍ରାମ ସିଂହ ବରିହା, ଜା: ବିଂଝାଲ, ବା: ନିଜଗାଁ | 101 | ଆଟ ମାମୁଲି | 0.650 | 0.6500 |
| 36 | 54 | ହରି ସାହୁ, ପି.: ଇନ୍ଦ୍ରଜିତ ସାହୁ, ଜା: ତେଲି, ବା: ନିଜଗାଁ | 389 | ଘରବାରି | 0.060 | 0.0600 |
କୋର୍ଟକୁ ପୁଣି ଧମକ୍। ବୋମା ପକାଇ ସମ୍ବଲପୁର, ବରଗଡ଼ କୋର୍ଟ ଉଡ଼ାଇ ଦେବାକୁ ଇ-ମେଲ୍‌ରେ ଧମକ ପରେ ସୋମବାର ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସକାଳୁ ସମ୍ବଲପୁର ଓ ବରଗଡ଼ ଜିଲାରେ ସ୍ୱତନ୍ତ୍ର ପୋଲିସ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ, ଅନୁସନ୍ଧାନୀ କୁକୁର କୋର୍ଟ ପରିସରରେ ପହଞ୍ଚି ତନାଘନା କରିଥିଲେ। ଉଭୟ ଜିଲାରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ମଧ କରି ଦିଆଯାଇଛି। ସମ୍ବଲପୁର ଜିଲାଜଜ୍ ଓ ବରଗଡ଼ ସିଭିଲ କୋର୍ଟ ପରିସର ତନ୍ନତନ୍ନ ଯାଞ୍ଚ ପରେ ବୋମା ନ ଥିବା ସ୍ପଷ୍ଟ ହୋଇଥିଲା। ପୂର୍ବଥର ପରି ଏଥର ବି ଆସିଥିବା ମେଲ୍‌ର କୌଣସି ସତ୍ୟତା ନ ଥିବା ଜଣାପଡିଥିଲା। ତେବେ କିଏ ଏପରି ମେଲ୍ ପଠାଇଛନ୍ତି ତାହାର ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି।


ବୋମା ଧମକ ପରେ ସମ୍ବଲପୁର ଅଦାଲତ ପରିସରରେ ପୋଲିସ ଅନୁସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରୁଛି।

- ବୋମା ପକାଇ ସମ୍ବଲପୁର, ବରଗଡ଼ କୋର୍ଟ ଉଡ଼ାଇ ଦେବାକୁ ଇ-ମେଲ୍
- ସମ୍ବଲପୁର, ବରଗଡ଼ରେ ପୋଲିସର ତନାଘନା

**ସମ୍ବଲପୁର/ବରଗଡ଼,୨।୩(ପ୍ରମୋଦ ବହିଦାର/ପ୍ରେମାନନ୍ଦ ଖମାରୀ)**

ସମ୍ବଲପୁର ଜିଲାଜଜ୍‌ଙ୍କ ଅଦାଲତ (କୋର୍ଟ)କୁ ବୋମାରେ ଉଡ଼ାଇ ଦେବାକୁ ରବିବାର ବିଳମ୍ବିତ ରାତିରେ ଏକ ଧମକପୂର୍ଣ୍ଣ ଇ-ମେଲ୍ ରେଜିଷ୍ଟ୍ରାରଙ୍କୁ ମିଳିବା ପରେ ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସୋମବାର ସକାଳୁ କୋର୍ଟରେ ଅଦାଲତି କାର୍ଯ୍ୟ ବନ୍ଦ ରହିଥିଲା। ବୋମାସ୍କ୍ୱାଡ୍, ଡିଏସ୍‌ଏମ୍‌ଡି, ଏନ୍‌ଏଲ୍‌ଜେଡି, ଓଏଫ୍‌ଏସ୍ ଅପ୍ଟିକାଲ ଫାଇବର ଆଦି ଅତ୍ୟାଧୁନିକ ଯାଞ୍ଚ ଉପକରଣ ସହିତ ସନ୍ଧାନୀ କୁକୁର ଜରିଆରେ ସମଗ୍ର ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। କୋର୍ଟ ବାହାରେ ଥିବା ସମସ୍ତ ଗାଡ଼ି, ଗାଡ଼ିର ଡିକି, ସମସ୍ତ ସ୍ଥାନକୁ ଟିମ୍ ଯାଞ୍ଚ କରିଥିଲା। ସେହିପରି କୋର୍ଟ ପାଖରେ ଥିବା ଏସ୍‌ପିଙ୍କ କାର୍ଯ୍ୟାଳୟ, ସରକାରୀ ବାସଭବନ, ଜିଲାପାଳଙ୍କ ସରକାରୀ ବାସଭବନକୁ ମଧ ଯାଞ୍ଚ କରାଯାଇଥିଲା। ଏହାକୁ ନେଇ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ୍ କହିଛନ୍ତି, ଗତ ୨ମାସ ହେଲା କେବଳ ସମ୍ବଲପୁରର ନୁହେଁ ରାଜ୍ୟ ଓ ଦେଶର ବିଭିନ୍ନ କୋର୍ଟକୁ ଏହିଭଳି ଧମକପୂର୍ଣ୍ଣ ମେଲ୍ ଆସୁଛି। ଫଳରେ ପ୍ରତିଷେଧାତ୍ମକ ବ୍ୟବସ୍ଥା ସ୍ୱରୂପ ପୋଲିସ ପକ୍ଷରୁ ବିଗତ କିଛିଦିନ ହେଲା ରୁଟିନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ମେଲ କେଉଁଠୁ ଆସିଛି ତାହାର ମଧ ତଦନ୍ତ ଚାଲିଥିବା ସେ କହିଛନ୍ତି। ତେବେ ଗତ ଜାନୁଆରୀ ୮ରେ ଯେଉଁ ଆଇଡିରୁ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଥିଲା ବର୍ତ୍ତମାନ ମଧ ସେହି ମେଲ୍ ଆଇଡିରୁ ଏଭଳି ମେଇ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ସମ୍ବଲପୁର କୋର୍ଟକୁ ବାରମ୍ବାର ବୋମା ଧମକ ମିଳିବା ଏକ ଷଡଯନ୍ତ୍ର ବୋଲି ବାର୍ ଆସୋସିଏଶନ ସଭାପତି ପ୍ରଦୀପ ବହିଦାର କହିଛନ୍ତି। ବରଗଡ଼ ସିଭିଲ କୋର୍ଟକୁ ମଧ ଇ-ମେଲ୍‌ରେ ଏଭଳି ଧମକ ଆସିଛି। ଏହା ଜଣାପଡିବା ପରେ ବିଭାଗୀୟ ବିଚାରପତି, କର୍ମଚାରୀ ଏବଂ ଓକିଲମାନେ କୋର୍ଟ ବାହାରକୁ ଆସିଥିବାବେଳେ ପୋଲିସ ତନାଘନା ଚଳାଇଛି। ପ୍ରକାଶ ଥାଉକି, ଗତମାସ ୬ତାରିଖ ମଧ ଏହି କୋର୍ଟକୁ ଏଭଳି ବୋମା ଧମକ ଆସିଥିଲା।

## ବୃଦ୍ଧଙ୍କୁ ଲଙ୍ଗଳ ଜୁଆଳିରେ ପିଟି ହତ୍ୟା

**ଝରିଗାଁ,୨।୩(କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ଥାନା ଇଛାପୁର ପଞ୍ଚାୟତ କର୍ଲାପଡା ଗ୍ରାମରେ ଜଣେ ଯୁବକଙ୍କ ଆକ୍ରମଣରେ ଗାଁର ଗୋବର୍ଦ୍ଧନ ମାଝୀ (୬୮)ଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଝରିଗାଁ ପୋଲିସ ସୋମବାର ଉକ୍ତ ଗ୍ରାମର ଅଭିଯୁକ୍ତ ଲଛମନ ମାଝୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସୂଚନା ପ୍ରକାରେ କର୍ଲାପଡ଼ା ଗ୍ରାମର ଜୟସିଂ ମାଝୀ ଓ ଶେଷମଲ ମାଝୀ ଗାଁଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଇଟାଭାଟି କରିଥିଲେ। ଭାଟିରେ ନିଆଁ ଲଗାଇବା କାମ ପାଇଁ ଲଛମନ ମାଝୀ, ପୁସ୍ତମ ମାଝୀ, ଭଗବାନ ମାଝୀ,ପୀତବାସ ମାଝୀ, ଋଷିକେଶ ମାଝୀ ଓ ତାଙ୍କ ଜେଜେବାପା ଗୋବର୍ଦ୍ଧନ ମାଝୀଙ୍କୁ ସେମାନେ ଡାକିଥିଲେ। ରବିବାର ଅପରାହ୍ଣ ୫ଟାରେ ସମସ୍ତେ ଇଟା ଭାଟି ନିକଟକୁ ଯାଇଥିଲେ। କାମ ସରିବା ପରେ ଜୟସିଂଙ୍କ ଅସ୍ଥାୟୀ କୁଡ଼ିଆରେ ରୋଷେଇ କରି ଖାଇଥିଲେ। ସନ୍ଧ୍ୟା ୭ଟାରେ ଋଷିକେଶ, ଭଗବାନ, ପୁସ୍ତମ ଓ ପୀତବାସ ଭାଟି ଠାରୁ କିଛି ଦୂରରେ ବସିଥିବାବେଳେ ହଠାତ୍ ଅସ୍ଥାୟୀ କୁଡ଼ିଆରୁ ପାଟି ଶୁଭିଥିଲା। ସମସ୍ତେ ଦଉଡ଼ି ଯାଇ ଦେଖିବାବେଳକୁ ଗୋବର୍ଦ୍ଧନ ତଳେ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିଲେ। ଲଛମନ କୁଡ଼ିଆ ଭିତରେ ଥିବା ହଳ ଜୁଆଳିରେ ଗୋବର୍ଦ୍ଧନଙ୍କ ମୁଣ୍ଡକୁ ମାରିଥିବା ଶେଷମଲ ଓ ଜୟସିଂ କହିଥିଲେ। ଗୁରୁତର ଗୋବର୍ଦ୍ଧନଙ୍କୁ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କୁ ଘରକୁ ନିଆଯାଇଥିଲା। ଗୋବର୍ଦ୍ଧନ ରକ୍ତବାନ୍ତି କରିବାରୁ ପରିବାର ଲୋକେ ପୁଣି ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ତାଙ୍କର ମୃତ୍ୟୁ ହୋଇଛି। ଗୋବର୍ଦ୍ଧନଙ୍କ ନାତି ଋଷିକେଶ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ କାହିଁକି ଏବଂ କେଉଁ କାରଣରୁ ଗୋବର୍ଦ୍ଧନଙ୍କୁ ଲଛମନ ହତ୍ୟା କଲେ ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ଗଞ୍ଜେଇ ବେପାର ସହ ବନ୍ଧୁକ କାରବାର

- ୪କି.ଗ୍ରା. ୫୭୭ଗ୍ରାମ୍ ଗଞ୍ଜେଇ, ଦେଶୀବନ୍ଧୁକ, ଜୀବନ୍ତ ଗୁଳି ଜବତ
- ୩ ଅଭିଯୁକ୍ତ ଗିରଫ

**ବାଲେଶ୍ୱର, ୨।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ଗଞ୍ଜେଇ ବେପାର ସହ ଦେଶୀବନ୍ଧୁକ ଓ ପିସ୍ତଲ କାରବାର ଚଳାଇଥିଲେ। ବାଲେଶ୍ୱର ସଦର ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ତାମୁଲିଆ ପୋଲ ନିକଟରୁ ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ପରେ ଏହାର ସୁରାକ ମିଳିଛି। ଅଭିଯୁକ୍ତମାନେ ଗଞ୍ଜେଇ କାରବାର କରିବା ସହ ପିସ୍ତଲ ଓ ଦେଶୀ ବନ୍ଧୁକ ବାହାର ରାଜ୍ୟରୁ ଆଣି ଏଠାରେ ବିକ୍ରି କରୁଥିବା ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୪.୫୭୭ କିଲୋ ଗଞ୍ଜେଇ, ୩ଟି ପିସ୍ତଲ, ଗୋଟାଏ ଦେଶୀ ବନ୍ଧୁକ, ୧୪ ରାଉଣ୍ଡ ବୁଲେଟ, ୧୦ଟି ମୋବାଇଲ ଫୋନ, ୨ଟି ସ୍କୁଟି, ଗୋଟାଏ ମୋଟରସାଇକେଲ ଓ ୫ହଜାର ଟଙ୍କା ପୋଲିସ ଜବତ କରିଛି।


ଗିରଫ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

ରବିବାର ରାତି ପ୍ରାୟ ସାଢ଼େ ୧୨ଟାରେ ସଦର ଥାନା ଏସ୍‌ଆଇ ଶଙ୍କର ମୁର୍ମୁ ଓ ତାଙ୍କ ପାଟ୍ରୋଲିଂ ଟିମ୍ ତାମୁଲିଆ ପୋଲ ନିକଟରେ ଚୋରା ଗଞ୍ଜେଇ କାରବାର ଚାଲିଥିବା ନେଇ ସୂଚନା ପାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ଏସ୍‌ଆଇ ଶଙ୍କର ମୁର୍ମୁଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଗଞ୍ଜେଇ କାରବାରରେ ଜଡ଼ିତ ଥିବା ସଦର ଥାନା ଭୋଇସାହି ଅଞ୍ଚଳର ମନୋଜ ଦାସ (୨୭), ଖନ୍ତାପଡ଼ା ଥାନା ଦୁଷ୍ଟୁରା ଅଞ୍ଚଳର ଗଙ୍ଗାଧର ଦାସ (୩୮) ଓ ଭଗବାନ ପାଢ଼ୀ (୩୧)ଙ୍କୁ ପୋଲିସ କାବୁ କରିଥିଲା। ଏନେଇ ସଦର ଥାନାରେ ଏକ ମାମଲା (ନଂ.୧୩୬/୨୬) ରୁଜୁ ହେବା ସହ ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଭଗବାନ ପାଢ଼ୀଙ୍କ ନାମରେ ପୂର୍ବରୁ ସଦର ଓ ଶିଳ୍ପାଞ୍ଚଳ ଥାନାରେ ହତ୍ୟା ଉଦ୍ୟମ, ଡକାୟତି ଭଳି ସଙ୍ଗୀନ ମାମଲା ରହିଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଓ ସଦର ଥାନା ଅଧିକାରୀ ଅଜୟ ମୁର୍ମୁ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ଦମ୍ପତିଙ୍କୁ ଭୁଜାଲିରେ ଆକ୍ରମଣ

**ଭୁବନେଶ୍ୱର,୨।୩(ତ୍ରିନାଥ ମହାନ୍ତି)**

ମଞ୍ଚେଶ୍ୱର ଥାନା ପାଲାମଣ୍ଡପ ନିକଟରେ ବରିଷ୍ଠ ନଗରିକ ଦମ୍ପତିଙ୍କୁ କେତେଜଣ ବ୍ୟକ୍ତି ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଆର୍. ସ୍ୱର୍ଣ୍ଣଲତା ରାଓ ଗୁରୁତର ଆହତ ହୋଇଛନ୍ତି। ସେ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ରବିବାର ରାତି ପ୍ରାୟ ସାଢେ ୮ଟାରେ ଆର.ସ୍ୱର୍ଣ୍ଣଲତା ଏବଂ ସ୍ୱାମୀ ଆଦି ନାରାୟଣ ରାଓ ମେଡିକାଲରୁ ସ୍କୁଟିରେ ଫେରୁଥିଲେ। ଏହି ସମୟରେ ଘର ସମ୍ମୁଖରେ କେତେଜଣ ବ୍ୟକ୍ତି ତାଙ୍କୁ ଅଟକାଇ ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ପଛରେ ପୂର୍ବ କାରଣ ଥିବା ସ୍ୱର୍ଣ୍ଣଲତା କହିଛନ୍ତି। ତାଙ୍କ କେତେଜଣ ବ୍ୟକ୍ତିଙ୍କ ସହ ଜମିଜମା ମାମଲା ଚାଲୁଛି। ସେମାନଙ୍କୁ କୋର୍ଟରେ ହାଜର କରାଇ ନ ଦେବା ଉଦ୍ଦେଶ୍ୟରେ ଏଭଳି ଆକ୍ରମଣ କରାଯାଇଥିବା ଦମ୍ପତି ଅଭିଯୋଗ ଆଣିଛନ୍ତି।

## ୧ କେଜି ସୁନା, ୪ କେଜି ରୁପା ଅଳଙ୍କାର ଜବତ

**ଭଦ୍ରକ,୨।୩(ସନାତନ ରାଉତ)**

ଭଦ୍ରକ ଟାଉନ ପୋଲିସ ଏକ ଚୋରି ଘଟଣାର ତଦନ୍ତ କରୁଥିବାବେଳେ ରବିବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ାରୁ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟ ୨ଜଣ ଖସିଯାଇଛନ୍ତି। ୨ଟି ମାମଲାରେ ଗିରଫ ୪ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଧୀନ ତିଲଙ୍ଗ ଗ୍ରାମର ଦୈତାରୀ ଦାସ(୨୯), ପଟ୍ଟାମୁଣ୍ଡାଇ ଥାନା ଅଧୀନ ମାଟିଆ ଗ୍ରାମର ଟୁକୁନା ଦାସ(୨୮), କେନ୍ଦ୍ରାପଡ଼ା ସଦର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଉମେଶ ଦାସ(୪୦) ଓ କୁନା ଦାସ(୨୦)। ସେମାନଙ୍କଠାରୁ ୧ କେଜିରୁ ଊର୍ଦ୍ଧ୍ୱ ସୁନା ଓ ୪ କେଜି ରୁପା ଅଳଙ୍କାର ଜବତ କରାଯାଇଛି। ଜବତ ସୁନାର ମୂଲ୍ୟ ୧.୫ କୋଟି ଓ ରୁପାର ମୂଲ୍ୟ ୧୫ ଲକ୍ଷ ହେବ ବୋଲି ସୋମବାର ଅପରାହ୍ଣରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭଦ୍ରକ ଏସ୍‌ପି ମନୋଜ ରାଉତ ସୂଚନା ଦେଇଛନ୍ତି।

**କେନ୍ଦ୍ରାପଡ଼ାରୁ ୪ ଗିରଫ, ଖସିଗଲେ ୨**

ଏସ୍‌ପି ସୂଚନା ଦେଇ କହିଛନ୍ତି, ଗତ ଫେବୃଆରୀ ୮ ରାତିରେ ଟାଉନ ଥାନା ଅଧୀନ ମଠସାହିର ଗୌରହରି ସାହୁଙ୍କ ଘରୁ ଝରକା ତାଡ଼ି ୯୦ ଗ୍ରାମ୍ ସୁନା ଓ ୧୦୦ ଗ୍ରାମ୍ ରୁପା ଚୋରି ହୋଇଥିଲା। ଏନେଇ ଗୌରହରିଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୧୧୦/୨୬) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ରମ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍‌ର ସାହାଯ୍ୟ ନିଆଯାଇଥିଲା। ଏହି ମାମଲାର ତଦନ୍ତ ଚାଲିଥିବା ବେଳେ ସମାନ ଢଙ୍ଗରେ ଝରକା ତାଡ଼ି ଅନ୍ୟାନ୍ୟ ସ୍ଥାନରେ ଚୋରି କରିଥିବା ଗ୍ୟାଙ୍ଗ୍‌ର ଦୈତାରୀ ଓ ଟୁକୁନାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଖସିଯାଇଛନ୍ତି। ସେହିପରି ୨୦୨୫ ଜୁଲାଇ ୨ ରାତିରେ ଟାଉନ ଥାନା ଅଧୀନ ଜଗନ୍ନାଥପୁର ନିଉ କଲୋନୀର ଅଶୋକ କୁମାର ଜେନାଙ୍କ ଘରୁ ତାଲା ଭାଙ୍ଗି ୧୦୦ ଗ୍ରାମ୍ ସୁନା ଓ ୧୫୦ ଗ୍ରାମ୍ ରୁପା ଚୋରି ନେଇ ଅଭିଯୋଗ ହୋଇଥିଲା। ଏନେଇ ଏକ ମାମଲା (ନଂ.୩୭୮/୨୫) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ଉମେଶ ଓ କୁନାଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଖସିଯାଇଛନ୍ତି। ସେମାନଙ୍କଠାରୁ ଚୋରି ଅଳଙ୍କାର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ୧୫ରୁ ଅଧିକ ମାମଲା ରହିଛି। ସେମାନଙ୍କ ନିକଟରୁ ରାଜ୍ୟ ଓ ରାଜ୍ୟ ବାହାରର ୧୫ରୁ ଅଧିକ ଗାଡ଼ିର ନମ୍ବର ପ୍ଲେଟ୍ ମଧ ଜବତ କରାଯାଇଛି। ସମାନ ଢଙ୍ଗରେ ଏମାନେ ଚୋରି କରୁଥିବାବେଳେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବୟସ୍କ ବ୍ୟକ୍ତିଙ୍କୁ ଟାର୍ଗେଟ୍ କରି ଲୁଟ୍ କରୁଥିଲେ।

# Business

## ପ୍ରକୃତ ବିକାଶ ଦକ୍ଷତା ଉପରେ ଆଧାରିତ



**ଇଣ୍ଡିଆ ସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ଉଦ୍‌ଯାପିତ**

**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

ପୂର୍ବ ଭାରତ ପାଇଁ ଆୟୋଜିତ ଇଣ୍ଡିଆ ସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ୨୦୨୫-୨୬ ସୋମବାର ଭୁବନେଶ୍ୱରସ୍ଥିତ ଏସ୍‌ଡିଆଇ ଅଡିଟୋରିୟମରେ ଉଦ୍‌ଯାପିତ ହୋଇଛି। କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଏବଂ ଜାତୀୟ କୌଶଳ ବିକାଶ ନିଗମ ସହାୟତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ୨୦୦ରୁ ଅଧିକ ଦକ୍ଷ ଯୁବକ ଯୁବତୀ ୫୯ଟି କୌଶଳ ବର୍ଗରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଜୟନ୍ତ ଚୌଧୁରୀ କହିଛନ୍ତି, ପୂର୍ବ ଭାରତର ରାଜ୍ୟଗୁଡ଼ିକ ଦେଶର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏହି ପ୍ଲାଟ୍‌ଫର୍ମ ଶିଳ୍ପ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷାକରି ପ୍ରତିଟି ଜିଲାର ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି,। ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ପ୍ରକୃତ ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ଏହା ଦକ୍ଷତା ଉପରେ ଆଧାରିତ। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିକଳ୍ପିତ ସ୍କିଲ୍ ଇଣ୍ଡିଆ ମିଶନ ଦକ୍ଷତା ବିକାଶକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିଛି। ଉଦ୍‌ଯାପନୀ ସମାରୋହରେ ମୋଟ ୧୩୨ ଜଣ କୃତୀ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇଛି। ୫୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୪୮ ଜଣଙ୍କୁ ରୌପ୍ୟ ପଦକ ଏବଂ ୩୧ ଜଣଙ୍କୁ କାଂସ୍ୟ ପଦକରେ ସମ୍ମାନିତ କରାଯାଇଛି। ସେହିପରି ୩୭ ଜଣଙ୍କୁ ଉତ୍କର୍ଷ ପଦକ ଦିଆଯାଇଛି। କ୍ଲାଉଡ୍ କମ୍ପ୍ୟୁଟିଂ, ସିଏନ୍‌ସି ମେସିନିଂ, ମୋବାଇଲ ଆପ୍ ବିକାଶ, ୱେବ୍ ଟେକ୍ନୋଲୋଜି, ଫ୍ୟାଶନ ଟେକ୍ନୋଲୋଜି ଏବଂ ୱେଲ୍‌ଡିଂ ପରି ଅତ୍ୟାଧୁନିକ କୌଶଳରେ ପ୍ରତିଯୋଗୀମାନେ ନିଜର ପାରଦର୍ଶିତା ଦେଖାଇଥିଲେ। ରାଜ୍ୟୱାରି ପ୍ରଦର୍ଶନରେ ଓଡ଼ିଶା ଶୀର୍ଷ ସ୍ଥାନରେ ଥିବାବେଳେ ଏହା ପଛକୁ ବିହାର ଏବଂ ପଶ୍ଚିମବଙ୍ଗ ରହିଛନ୍ତି। ଆଞ୍ଚଳିକ ସ୍ତରରେ ବିଜେତାମାନେ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

## ବିଏମ୍‌ସି, ଜିନ୍ଦଲ ପକ୍ଷରୁ ଭ୍ରାମ୍ୟମାଣ ଶୌଚାଳୟ ଲୋକାର୍ପଣ



**ଭୁବନେଶ୍ୱର,୨।୩ (ବନ୍ଦନା ସେଠୀ)**

ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନରେ ଭୁବନେଶ୍ୱର ମହାନଗର ନିଗମର ଏକ ପଦକ୍ଷେପ ସ୍ୱରୂପ ଟ୍ରକ ମାଉଣ୍ଟେଡ ଆଧୁନିକ ଭ୍ରାମ୍ୟମାଣ ଶୌଚାଳୟ ଲୋକାର୍ପିତ ହୋଇଛି। ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ୪ ସିଟ୍ ବିଶିଷ୍ଟ ଏହି ଭ୍ରାମ୍ୟମାଣ ଶୌଚାଳୟ ପ୍ରଦାନ କରାଯାଇଛି। ଏହାର ପରିଚାଳନା ଦାୟିତ୍ୱ ବିଏମ୍‌ସିର ରହିବ। ସୋମବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଫାଉଣ୍ଡେଶନ ଅଧକ୍ଷା ଶାଲୁ ଜିନ୍ଦଲ ଭର୍ଚୁଆଲରେ ଯୋଗଦେଇ କହିଛନ୍ତି, ଭୁବନେଶ୍ୱରର ସ୍ୱଚ୍ଛତାକୁ ଆଗେଇ ନେବାରେ ଫାଉଣ୍ଡେଶନର ସହଯୋଗ ଜାରି ରହିବ। ଆଉ ୨ଟି ଟ୍ରକ ମାଉଣ୍ଟେଡ ଭ୍ରାମ୍ୟମାଣ ଶୌଚାଳୟ ଯୋଗାଇ ଦେବାକୁ ବିଏମ୍‌ସି ପକ୍ଷରୁ ଫାଉଣ୍ଡେଶନକୁ ଅନୁରୋଧ କରାଯାଇଛି। ଏହି ଶୌଚାଳୟରେ ପୁରୁଷଙ୍କ ପାଇଁ ଗୋଟିଏ କମୋଡ୍ ଓ ଗୋଟିଏ ଇଣ୍ଡିଆନ ପାଇଖାନା, ୨ଟି ପରିସ୍ରାଗାର, ମହିଳାଙ୍କ ପାଇଁ ୨ଟି ଇଣ୍ଡିଆନ ପାଇଖାନା, ଗୋଟିଏ କମୋଡ୍ , ୬ଟି ଏଡ୍‌ଜଷ୍ଟ ଫ୍ୟାନ୍, ୨ଟି ହ୍ୟାଣ୍ଡୱାସ୍ ବେସିନ ରହିଛି। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଜିନ୍ଦଲ ଷ୍ଟିଲର ଅଧକ୍ଷ ପ୍ରଶାନ୍ତ ହୋତା ଏବଂ ଭର୍ଚୁଆଲ ଭବେ ବିଏମସି କମିଶନର ଚଞ୍ଚଳ ରାଣା ଓ ଜିନ୍ଦଲ ଫାଉଣ୍ଡେଶନ ସିଏସ୍‌ଆର୍ ପାଣ୍ଠି ଉପାଧକ୍ଷ ଋଷି ପଠାନିଆ ଉପସ୍ଥିତ ଥିଲେ।

## ଲୋକଙ୍କ ପାଖରେ ରହିଛି ୫,୫୫୧ କୋଟିର ୨ ହଜାର ଟଙ୍କିଆ ନୋଟ୍

**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

୨୦୦୦ ହଜାର ଟଙ୍କିଆ ନୋଟ୍ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରକାଶ କରିଛନ୍ତି। ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ୨୦୦୦ହଜାର ଟଙ୍କିଆ ନୋଟ୍ ଫେରସ୍ତ ପ୍ରକ୍ରିୟାର ସର୍ବଶେଷ ସ୍ଥିତି ଏବଂ ସାଧାରଣ ଲୋକଙ୍କ ପାଖରେ ରହିଥିବା ବଦଳ କିମ୍ବା ଜମା କରିବାର ବିକଳ୍ପ ବିଷୟରେ ବିସ୍ତୃତ ଭାବେ ଜଣାଯାଇଛି। ୨୦୨୩ ମେ ୧୯ରେ ଆର୍‌ବିଆଇ ୨୦୦୦ ଟଙ୍କିଆ ନୋଟ୍ ବିମୁଦ୍ରୀକରଣ ଘୋଷଣା କରିଥିବାବେଳେ ବଜାରରେ ମୋଟ ୩.୫୬ ଲକ୍ଷ କୋଟି ଟଙ୍କାର ନୋଟ ପ୍ରଚଳନ ଥିଲା। ୨୦୨୬ ଫେବୃଆରୀ ୨୮ରେ ବ୍ୟବସାୟ ସମାପ୍ତି ପର୍ଯ୍ୟନ୍ତ ଏହି ପରିମାଣ ହ୍ରାସ ପାଇ ମାତ୍ର ୫,୫୫୧ କୋଟି ଟଙ୍କାରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ୯୮.୪୪%ରୁ ଅଧିକ ନୋଟ୍ ଫେରସ୍ତ ହୋଇସାରିଛି। ୨୦୨୩ ଅକ୍ଟୋବର ୭ ପର୍ଯ୍ୟନ୍ତ ସମସ୍ତ ବ୍ୟାଙ୍କ ଶାଖାରେ ନୋଟ ଜମା କରିବାର ସୁବିଧା ଥିଲା, ମାତ୍ର ଏବେ ବି ଦୁଇଟି ବିକଳ୍ପ ଉପଲବ୍ଧ ରହିଛି। ପ୍ରଥମତଃ ଦେଶର ୧୯ଟି ପ୍ରମୁଖ ସହରରେ ଥିବା ଆର୍‌ବିଆଇ ଇସ୍ୟୁ ଅଫିସରେ ଯାଇ ନୋଟ୍ ବଦଳାଇ କିମ୍ବା ବ୍ୟାଙ୍କଖାତାରେ ଜମା କରାଯାଇପାରିବ। ଏହି ସହରଗୁଡ଼ିକ ହେଉଛି ଅହମଦାବାଦ, ବେଙ୍ଗାଲୁରୁ, ବେଲାପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗୁଆହାଟୀ, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କାନପୁର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟନା ଏବଂ ଥିରୁଭାନନ୍ତପୁରମ। ଦ୍ୱିତୀୟତଃ ଦେଶର ଯେକୌଣସି ପୋଷ୍ଟ ଅଫିସରୁ ଇନ୍ସ୍ୟୋର୍ଡ ପୋଷ୍ଟ ମାଧ୍ୟମରେ ନୋଟ୍ ସିଧାସଳଖ ଆର୍‌ବିଆଇ ଅଫିସକୁ ପଠାଇ ବ୍ୟାଙ୍କ ଖାତାରେ କ୍ରେଡିଟ୍ କରାଯାଇପାରିବ। ଆର୍‌ବିଆଇ ସ୍ପଷ୍ଟ କରିଛନ୍ତି, ୨୦୦୦ ଟଙ୍କିଆ ନୋଟ୍ ଏବେ ବି ଲିଗାଲ ଟେଣ୍ଡର ଭାବେ ବଳବତ୍ତର ରହିଛି। ଅର୍ଥାତ୍ ଏହାର ମୂଲ୍ୟ ଶେଷ ହୋଇନାହିଁ, କେବଳ ପ୍ରଚଳନରୁ ବାହାର କରିବାର ପ୍ରକ୍ରିୟା ଚାଲିଛି।

## ଗୁଜରାଟ ରେଳପଥରେ ୧୭,୩୬୬ କୋଟି ଟଙ୍କା ବ୍ୟୟ



**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଆଶ୍ୱିନୀ ବୈଷ୍ଣବ ୨ଦିନିଆ ଗୁଜରାଟ ଗସ୍ତକରି ଗାନ୍ଧୀନଗରରେ ଅନୁଷ୍ଠିତ ଗୁଜରାଟ ସେମିକଣ୍ଡକ୍ଟର କନ୍‌ଫରେନ୍ସରେ ଯୋଗଦେଇଥିଲେ। ଏ ଅବସରରେ ସେ କହିଥିଲେ, ରେଳ କ୍ଷେତ୍ରରେ ଗୁଜରାଟକୁ ଏହି ବର୍ଷ ଭାରତୀୟ ରେଳପଥ ଏକ ରେକର୍ଡ ୧୭,୩୬୬ କୋଟି ଟଙ୍କା ବ୍ୟୟ ବଣ୍ଟନ କରାଯାଇଛି। ୨୦୦୯ରୁ ୨୦୧୪ ମଧରେ ରାଜ୍ୟକୁ ବାର୍ଷିକ ହିସାବରେ କେବଳ ୫୮୯ କୋଟି ବ୍ୟୟ ମିଳୁଥିବା ବେଳେ ଏବେ ଏହା ଅଭୂତପୂର୍ବ ବୃଦ୍ଧି ପାଇଛି। ବର୍ତ୍ତମାନ ଗୁଜରାଟରେ ୧,୨୮,୭୪୮ କୋଟି ମୂଲ୍ୟର ବିଭିନ୍ନ ରେଳ ପ୍ରକଳ୍ପ ଚାଲିଛି। ୮୭ଟି ରେଳ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଚାଲୁ ରହିଥିବା ମଧରୁ ୨୦ଟି ଷ୍ଟେଶନ ସମ୍ପୂର୍ଣ୍ଣ ହୋଇସାରିଛି। ଅହମଦାବାଦ, ସୁରଟ, ଉଧନା ଓ ସୋମନାଥ ଭଳି ପ୍ରମୁଖ ଷ୍ଟେଶନରେ ଦ୍ରୁତ ବିକାଶ କାର୍ଯ୍ୟ ଜାରି ରହିଛି। ମୁମ୍ବାଇ-ଅହମଦାବାଦ ହାଇ-ସ୍ପିଡ୍ ରେଳ (ବୁଲେଟ ଟ୍ରେନ) ପ୍ରକଳ୍ପରେ ମଧ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହା ସମ୍ପୂର୍ଣ୍ଣ ହେବା ପରେ ମୁମ୍ବାଇରୁ ଅହମଦାବାଦ ଯାତ୍ରା କେବଳ ୧ ଘଣ୍ଟା ୫୭ ମିନିଟ୍‌ରେ ସମ୍ପନ୍ନ ହେବ ଏବଂ ୨୦୨୭ ସୁଦ୍ଧା ଏହା ଚାଲୁ ହେବାର ଲକ୍ଷ୍ୟ ରଖାଯାଇଛି। ସେମିକଣ୍ଡକ୍ଟର, ରେଳ ଓ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ରରେ ଏହି ଐତିହାସିକ ନିବେଶ ଓ ପ୍ରକଳ୍ପ ମାଧ୍ୟମରେ ଭାରତ ଆତ୍ମନିର୍ଭରତା, ପ୍ରଯୁକ୍ତିଗତ ଅଗ୍ରଗତି ଏବଂ ଆଧୁନିକ ଭିତ୍ତିଭୂମି ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ମଞ୍ଜୁର ହୋଇଥିବା ୧୦ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ମଧରୁ ୪ଟି ଏହି ୨୦୨୬ ବର୍ଷରେ ଉଦ୍‌ଘାଟନ ସହ ସେଠାରେ ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ଗୋଟିଏ ପ୍ଲାଣ୍ଟ ଚାଲୁ ହୋଇସାରିଛି ଏବଂ ଅନ୍ୟ ୩ଟି ମଧ ଏହି ବର୍ଷ ଭିତରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଧୋଲେରାରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ ଏବଂ ଟାଟା ଫ୍ୟାବ୍ରିକେସନ ପ୍ଲାଣ୍ଟ (ଟାଟା ଫ୍ୟାବ୍) ଦେଶ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାଜିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହି ଦିଗରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ନେତୃତ୍ୱରେ ହୋଇଥିବା ପ୍ରୟାସକୁ ସେ ବିଶେଷ ପ୍ରଶଂସା କରିଥିଲେ।

## ବିଓଆଇ, ନାଲ୍‌କୋ ମଧରେ ଚୁକ୍ତି



**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲି. (ନାଲ୍‌କୋ)ର କର୍ମଚାରୀମାନଙ୍କର ବେତନ ଆକାଉଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ରେ ଖୋଲିବା ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ନାଲ୍‌କୋ ମଧରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ବିଓଆଇର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମଲିକ, ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଏସ୍ .କେ. ଦାସ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ରିସୋର୍ସ ତଥା ମାର୍କେଟିଂ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାଲ୍‌କୋର ଏ. କେ. ବେହୁରିଆ (ନିର୍ଦ୍ଦେଶକ, ଅର୍ଥ ବିଭାଗ), ମୁଖ୍ୟ ମହାପ୍ରବନ୍ଧକ ପି. କେ. ତ୍ରିପାଠୀ, ମୁଖ୍ୟ ମହାପ୍ରବନ୍ଧକ ଏସ୍.କେ. ସାହୁ, ଉପ-ମହାପ୍ରବନ୍ଧକ ଆଲୋକ ତ୍ରିପାଠୀ, ଉପ-ମହାପ୍ରବନ୍ଧକ ଏ. ପାଢ଼ୀ ଏବଂ ଉପ-ମହାପ୍ରବନ୍ଧକ ଗଗନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୁକ୍ତିପତ୍ର ଅନୁଯାୟୀ ନାଲ୍‌କୋ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର କଷ୍ଟୋମାଇଜ୍ ବେତନ ଆକାଉଣ୍ଟଧାରୀମାନଙ୍କୁ ବ୍ୟାଙ୍କ ପକ୍ଷର ଦୁର୍ଘଟଣାଜନିତ (ମୃତ୍ୟୁ) ବୀମା କଭର ଏବଂ ମାଗଣା ଟର୍ମ ଇନ୍ସ୍ୟୁରାନ୍ସ ଆଦି ସୁବିଧା ଉପଲବ୍ଧ ରହିଛି।

## ୬ରେ ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

ଭୁବନେଶ୍ୱର,୨।୩(ସୁଚିସ୍ମିତା ସାହୁ)

ରାଜ୍ୟରେ ମହିଳାମାନେ ସମ୍ମୁଖୀନ ହେଉଥିବା ହିଂସା ଓ ନିର୍ଯାତନା ଜନିତ ଅଭିଯୋଗକୁ ନେଇ ଜାତୀୟ ମହିଳା ଆୟୋଗ ଓ ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୦ଟାରୁ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହେବ। ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ, ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଶୁଣାଣି କରାଯିବ। ଅଭିଯୋଗଗୁଡିକର ସମାଧାନ ଚାହୁଁଥିବା ସମସ୍ତ ଅଭିଯୋଗକାରିଣୀ ମହିଳା/ପକ୍ଷମାନଙ୍କୁ ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅଭିଯୋଗ ଉପସ୍ଥାପନ କରିବାକୁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ପୀଡିତାମାନେ ମଧ୍ୟ ନୂତନ ଅଭିଯୋଗ ପଞ୍ଜୀକରଣ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ: ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ଚିନ୍ତା



ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଅନ୍ୟ ଅଧିକାରୀମାନେ।

**ପରିସ୍ଥିତିକୁ ନଜର ରଖି ପଦକ୍ଷେପ ନିଆଯିବ:ମୁଖ୍ୟ ଶାସନ ସଚିବ**

- ୨୪ ଘଣ୍ଟିଆ ଟୋଲଫ୍ରି ନମ୍ବର ଜାରି କଲା ବୈଦେଶିକ ମନ୍ତ୍ରଣାଳୟ
- ମିଳିତ ୱାର୍କିଂ ଗ୍ରୁପ୍ ଗଠନ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨।୩ (ସୌମ୍ୟରଞ୍ଜନ ରାଉତ)

ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣ ପରେ ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ଏପରିସ୍ଥିତିରେ ମଧ୍ୟପ୍ରାଚ୍ୟ ଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ଚିନ୍ତା ବଢ଼ିଛି। ସେମାନଙ୍କ ସୁରକ୍ଷା ଓ ସ୍ଥିତିକୁ ନେଇ ଆବଶ୍ୟକ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ସୋମାବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିସ୍ଥିତିକୁ ନଜର କରି ପ୍ରସ୍ତୁତ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏଥିପାଇଁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଏକ ୨୪ ଘଣ୍ଟିଆ ଟୋଲଫ୍ରି ନଂ.୮୦୦-୪୬୩୪୨, ହ୍ୱାଟ୍‌ସଆପ୍ ନଂ.୯୭୧୫୪୩୦୯୦୫୭୧ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସହାୟତା ଓ ସୂଚନା ନେଇ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଗୃହ ବିଭାଗ, ଶ୍ରମ ନିର୍ଦ୍ଦେଶାଳୟ, ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ପ୍ରୋଟେକ୍ଟର ଅଫ ଏମିଗ୍ରାଣ୍ଟସଙ୍କ ସହ ମିଳିତଭାବେ ଏକ ୱାର୍କିଂ ଗ୍ରୁପ୍ ଗଠନ କରାଯାଇଛି। ପରିସ୍ଥିତିକୁ ନଜରରେ ରଖାଯାଇ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା ନୋଡାଲ ଅଧିକାରୀ ଭାବେ ସୂଚନା ଓ ସହାୟତା ପାଇଁ କାର୍ଯ୍ୟରତ ଅଛନ୍ତି। ଏଥିସହ ଦୂରଭାଷ ନମ୍ବର ୯୫୮୩୩୨୧୯୬୪ ଜାରି କରାଯାଇଛି। ଡିଜିପି ୱାଇ ବି ଖୁରାନିଆ ବୈଠକରେ ଯୋଗଦେଇ କହିଛନ୍ତି, ସ୍ଥିତିକୁ ଅତି ନିକଟରୁ ନଜର ରଖାଯାଇ ଆବବଶ୍ୟକ ପଦକ୍ଷେପ ନିଆଯାଉଛି। ସଂପୃକ୍ତ ସମସ୍ତ ଅଧିକାରୀମାନଙ୍କୁ ଆଲର୍ଟ କରାଯାଇଛି। ସାମାଜିକ ଗଣମାଧ୍ୟମରେ ହେଉଥିବା ପୋଷ୍ଟଗୁଡ଼ିକୁ କଡ଼ାକଡ଼ି ଅନୁଧ୍ୟାନ କରାଯାଇ ଜରୁରୀକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉଛି। ବୈଠକରେ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୋଇନ୍ଦା ବିଭାଗର ନିର୍ଦ୍ଦେଶକ ଆର୍.ପି କୋଚେ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଜୟକେତନ ଉପାଧ୍ୟାୟ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଲର ଫଗୁରେ ଭକ୍ତ ଭଗବାନ ଏକାଠି



ଭୁବନେଶ୍ୱର,୨।୩(ସୌମ୍ୟରଞ୍ଜନ ରାଉତ)

ଗୌରାଙ୍ଗ ସେବା ଫାଉଣ୍ଡେଶନ ପକ୍ଷରୁ ବରମୁଣ୍ଡା ଗ୍ରାଉଣ୍ଡ୍‌ରେ ଏକ ଭବ୍ୟ ଗୌରପୂର୍ଣ୍ଣିମା ଓ ଫୁଲର ହୋଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଗବାନ୍ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ ଉପଲକ୍ଷେ ଏହି କାର୍ଯ୍ୟକ୍ରମରେ ବହୁଭକ୍ତ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଭଗବାନ ନିତାଇ-ଗୌରାଙ୍ଗଙ୍କୁ ଏକ ଶୋଭାଯାତ୍ରାରେ ବୁଲାଇ ଉଲ୍ଲାସ ପୂର୍ଣ୍ଣଭଜନ ଓ କୀର୍ତ୍ତନ ସହିତ ଭକ୍ତମାନେ ପଥ ପାର୍ଶ୍ୱରେ ନୃତ୍ୟ କରୁଥିଲେ। ପରେ ପରେ ପାରମ୍ପରିକ ବୈଦିକ ସ୍ତୁତି ଗାନ ସହିତ ଷୋଡଶ ଉପଚାର ପୂଜା କରାଯାଇଥିଲା। ଶ୍ରୀଚୈତନ୍ୟ ମହାପ୍ରଭୁ ଓ ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କୁ ସୁଗନ୍ଧିତ ତେଲରେ ଲେପନ କରାଯାଇ ପଞ୍ଚାମୃତ ସ୍ନାନ ଏବଂ ସମସ୍ତ ପବିତ୍ର ନଦୀର ଜଳରେ ସ୍ନାନ କରାଯାଇଥିଲା। ପରେ ପ୍ରଭୁଙ୍କୁ ଚନ୍ଦନ ପେଷ୍ଟରେ ଲେପନ କରାଯାଇଥିଲା। ସନ୍ଧ୍ୟାରେ ଉତ୍ସବ ଆଧ୍ୟାତ୍ମିକ କୀର୍ତ୍ତନ ଓ ଭଜନ ସହିତ ଆରମ୍ଭ ହୋଇଥିଲା, ଯାହା ପରିବେଶକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଥିଲା। ଶେଷରେ ଭକ୍ତମାନେ ଆଶୀର୍ବାଦ ସ୍ୱରୂପ ଭଗବାନ୍‌ଙ୍କୁ ବିଭିନ୍ନ ଫୁଲ ଅର୍ପଣ କରି ଫୁଲର ହୋଲି ଉତ୍ସବ ପାଳନ କରିଥିଲେ।

## ମନ୍ତ୍ରମୁଗ୍ଧ କଲା 'ନୃତ୍ୟାୟନ'

ଭୁବନେଶ୍ୱର,୨।୩ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ନୃତ୍ୟାୟନ' ରବୀନ୍ଦ୍ର ମଣ୍ଡପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡିଶୀ ନୃତ୍ୟଗୁରୁ ମୀନାକ୍ଷୀ ବେହେରା, ସହକାରୀ ପୋଲିସ କମିଶନର ଶରତ କୁମାର ସାହୁ, ସଂସ୍କୃତି ବିଶ୍ୱବିଦ୍ୟାଳୟର ଅତିଥି ଅଧ୍ୟାପକ ବିଜୟ ବାରିକ, ଓଡିଶୀ କଣ୍ଠଶିଳ୍ପୀ ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା, ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଓଡ଼ିଶୀ ଓ ଛଉ ନୃତ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ପ୍ରାରମ୍ଭରୁ ମହାବିଦ୍ୟାଳୟ ଛାତ୍ରୀଛାତ୍ର ମଙ୍ଗଳା ଚରଣରେ ଶ୍ରୀ ଗଣେଶ, ପଲ୍ଲର-ରାଗ-କୀରୱାନୀ ଅଭିନୟରେ ଲୀଳା ପୁରୁଷୋତ୍ତମ, ସମ୍ବଲପୁରୀ ନୃତ୍ୟ ରସରେ ଜାମୁଡ଼ାଳର, ରଙ୍ଗବତୀ ଆଦି ପରିବେଷଣ କରିଥିଲେ। ଏହାର ନୃତ୍ୟ ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ ଗୁରୁ ଲିଙ୍ଗରାଜ ପ୍ରଧାନ ଓ ଗୁରୁ ପଙ୍କଜ କୁମାର ପ୍ରଧାନ। ଛଉ ବିଭାଗର ଛାତ୍ରୀଛାତ୍ର ଦଳଗତ ନୃତ୍ୟରେ କାଳିୟଦଳନ ପରିବେଷଣ କରିଥିଲେ, ଯାହାର ନିର୍ଦ୍ଦେଶନା ଓ ପରିଚାଳନା ଗୁରୁ ଡ. ରମଣୀ ରଞ୍ଜନ ଜେନା କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପବିତ୍ର ଦୋଳ ଓ ହୋଲି ଉତ୍ସବ ପରିପ୍ରେକ୍ଷୀରେ ସୋମବାର ବନ୍ଦେ ମାତରମ୍‌ର କଳାକାରମାନେ ମାଷ୍ଟରକ୍ୟାଣ୍ଟିନ ଛକରେ ପ୍ରଥପ୍ରାନ୍ତ ନାଟକ 'ଦେଶ୍ କା ରଙ୍ଗ୍' ପରିବେଷଣ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

## ପୋଲିସ ତଦନ୍ତ ଉପରେ ପ୍ରଶ୍ନ ଉଠାଇଲେ ସ୍ତ୍ରୀ

**ୟୁଟ୍ୟୁବର ରାହୁଲ ହତ୍ୟା ମାମଲା**

- ସ୍ୱାମୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି
- ଏଫ୍‌ଆଇଆରରେ ପୂର୍ବ ଝଗଡ଼ା ଲେଖିବାକୁ ମନା କରିଥିଲା ପୋଲିସ

ଭୁବନେଶ୍ୱର,୨।୩(ତ୍ରିନାଥ ମହାନ୍ତି)

ୟୁଟ୍ୟୁବର ରାହୁଲ ମହାରଣା ହତ୍ୟା ମାମଲାରେ ପୋଲିସ ତଦନ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି ପତ୍ନୀ ତ୍ରିଶା। ହଠାତ ଉତ୍ତେଜନାରୁ ହତ୍ୟା କଥା ପୋଲିସ କହୁଥିବାବେଳେ ହତ୍ୟା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି ପରିବାର ଲୋକେ। ପାର୍କିଂ ବିବାଦରୁ ସ୍ୱାମୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥାଇପାରେ ବୋଲି ତ୍ରିଶା କହିଛନ୍ତି। କାରଣ ହଠାତ୍ ଗଣ୍ଡଗୋଳରୁ କେହି ଛୁରି ଛାତିକୁ ମାରିବ ନାହିଁ। ତ୍ରିଶା ଆହୁରି ମଧ୍ୟ କହିଛନ୍ତି, ଅଭିଯୋଗ ଲେଖିବା ସମୟରେ ପୋଲିସ ପୂର୍ବ ଝଗଡ଼ା କଥା ନ ଲେଖିବାକୁ କହିଥିଲେ। ତେଣୁ ପୋଲିସ ଉପରେ ସନ୍ଦେହ ବଢୁଥିବା ରାହୁଲଙ୍କ ସ୍ତ୍ରୀ ତ୍ରିଶା ଅଭିଯୋଗ କରିଛନ୍ତି। ଏସବୁ ଭିତରେ ଗିରଫ ୩ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ପୋଲିସ କୋର୍ଟ ଚାଲାଣ କରିବା ସହ ଅନେକ ଲୋକଙ୍କ ବୟାନ ରେକର୍ଡ କରି ପୋଲିସ ତଦନ୍ତ ଜାରି ରଖିଛି।

ସାଧାରଣତଃ ମେଳାପି ଏବଂ ସୋସିଆଲ ମିଡିଆରେ ବେଶ୍ ଲୋକପ୍ରିୟ ଥିଲେ ରାହୁଲ। ଏପରିକି ସ୍ତ୍ରୀ-ସ୍ୱାମୀ ମିଶି କେତେ ରିଲ୍ସ ଓ ବ୍ଲଗ କରିଛନ୍ତି। ଏବେ ପ୍ରତିଟି ମୁହୂର୍ତ୍ତକୁ ମନେ ପକାଉଛନ୍ତି ତ୍ରିଶା। ହତ୍ୟାକାଣ୍ଡକୁ ୩ ଦିନ ହୋଇଥିଲେ ବି ସହଜରେ ଗ୍ରହଣ କରପାରୁ ନାହାନ୍ତି। ସେ କହିଛନ୍ତି, ପୂର୍ବରୁ ଏକ ପାର୍କିଂ ବିବାଦ ଥିଲା। ସେହି ବିବାଦରୁ ରାହୁଲଙ୍କୁ ଅଭିଯୁକ୍ତମାନେ ହତ୍ୟା କରିଥାଇପାରନ୍ତି। ତଥାପି ସବୁ ଦିଗରୁ ତଦନ୍ତ କରି ପୋଲିସ ସତ ପଦାକୁ ଆଣୁ। ଗିରଫ ୩ ଅଭିଯୁକ୍ତଙ୍କ ସିଡିଆର ଯାଞ୍ଚ କରାଯାଉ। ସେମାନେ ପୂର୍ବରୁ ଗଣ୍ଡଗୋଳ କରିଥିବା ବ୍ୟକ୍ତିଙ୍କ ସହ ସମ୍ପୃକ୍ତ ଥାଇ ପାରନ୍ତି ବୋଲି ତ୍ରିଶା କହିଛନ୍ତି।

## ରାଜୁ ସିଂଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨।୩(ସୁଚିସ୍ମିତା ସାହୁ)

ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ (ଫଟୋ) ରାଜୁ ସିଂଙ୍କୁ ବିଭାଗ ପକ୍ଷରୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଅଧ୍ୟକ୍ଷତା କରି ରାଜୁଙ୍କ ନିରାମୟ ଭବିଷ୍ୟତ କାମନା କରିବା ସହ ତାଙ୍କ କାର୍ଯ୍ୟ ଦକ୍ଷତା ଏବଂ କର୍ତ୍ତବ୍ୟନିଷ୍ଠାର ପ୍ରଶଂସା କରିଥିଲେ। ପରେ ସେରାଜୁ ସିଂଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ରାଜୁ ନିଜ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ ସହକର୍ମୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ସେ ଦୀର୍ଘବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଥିଲେ ଏବଂ ଜଣେ ଅଭିଜ୍ଞ ଫଟୋଗ୍ରାଫର ଭାବେ ସୁଖ୍ୟାତି ଅର୍ଜନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଯୁଗ୍ମ ଶାସନ ସଚିବ ସେକ କଲାମୁଦ୍ଦିନ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର, ଫଟୋ ଅଧିକାରୀ ନିରଞ୍ଜନ ବରାଳ, ଗିରୀଶ କୁମାର ସ୍ୱାଇଁ ପ୍ରମୁଖ ରାଜୁଙ୍କ ସହ ସେମାନଙ୍କର ବନ୍ଧୁତ୍ୱ ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର, ଉପଶାସନ ସଚିବ ସୁନନ୍ଦା ମିଶ୍ର ଓ ଅବନୀକାନ୍ତ ବେହେରା, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ଓ ଅଶ୍ୱିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ରେଳ ସୁରକ୍ଷାର ସମୀକ୍ଷା କଲେ ଆର୍‌ପିଏଫ୍ ମହାନିର୍ଦ୍ଦେଶକ

ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)



ଆରପିଏଫ୍ ମହାନିର୍ଦ୍ଦେଶକ ସୋନାଲି ମିଶ୍ର ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱରସ୍ଥିତ ରେଳ ସଦନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ରେଳ ସୁରକ୍ଷା ବଳ (ଆରପିଏଫ୍)ର ମହାନିର୍ଦ୍ଦେଶକ ସୋନାଲି ମିଶ୍ର ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ରେଳ ସୁରକ୍ଷାକୁ ସୁଦୃଢ଼ କରିବା, ଯାତ୍ରୀ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି, ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାରେ ଉନ୍ନତି ଏବଂ ସମଗ୍ର ଜୋନ୍‌ରେ ସୁଗମ ତଥା ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟକୁ ମଜବୁତ କରିବା ଉପରେ ଆଲୋଚନା ହୋଇଥିଲା। ଟ୍ରାକ୍‌ରେ ଯାତ୍ରୀଙ୍କ ସୁରକ୍ଷା, ଅନୁପ୍ରବେଶ ରୋକିବା ଏବଂ ରେଳ ଲାଇନ ପାର ହେବା ଭଳି ଅସୁରକ୍ଷିତ ଅଭ୍ୟାସକୁ ରୋକିବା ପାଇଁ ପଦକ୍ଷେପଗୁଡ଼ିକର ମଧ୍ୟ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମହିଳା, ଶିଶୁ, ବରିଷ୍ଠ ନାଗରିକ ଏବଂ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ପ୍ରତି ବିଶେଷ ଧ୍ୟାନ ଦେଇ ସୁରକ୍ଷା ପରିଚାଳନା ପାଇଁ ଏକ ସକ୍ରିୟ, ସମ୍ବେଦନଶୀଳ ଏବଂ ଯାତ୍ରୀ ଅନୁକୂଳ ଆଭିମୁଖ୍ୟ ଗ୍ରହଣ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ପାର୍ବଣ ଋତୁରେ ଭିଡ଼ ପରିଚାଳନା, ସମ୍ବେଦନଶୀଳ ସ୍ଥାନରେ ଆରପିଏଫ କର୍ମଚାରୀଙ୍କ ନିୟୋଜନ ଏବଂ ଷ୍ଟେସନ ପରିସର ଓ ପରିବହନ କ୍ଷେତ୍ରଗୁଡ଼ିକର ପ୍ରଭାବଶାଳୀ ତଦାରଖ ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ ମହାନିର୍ଦ୍ଦେଶକ ସୋନାଲି ସମୀକ୍ଷା କରିଥିଲେ। ସେ କହିଲେ, ଯାତ୍ରୀ ସୁରକ୍ଷା ଦୃଶ୍ୟମାନ, ଯୋଗାଯୋଗ ଯୋଗ୍ୟ ଏବଂ ଆଶ୍ୱସ୍ତିକର ହେବା ଆବଶ୍ୟକ। ଏହାଦ୍ୱାରା ପ୍ରତ୍ୟେକ ଯାତ୍ରୀ କେବଳ ଟ୍ରେନ ଭିତରେ ନୁହେଁ, ବରଂ ଷ୍ଟେଶନ, ପ୍ଲାଟଫର୍ମ ଏବଂ ସର୍କୁଲେଟିଂ ଅଞ୍ଚଳରେ ମଧ୍ୟ ସୁରକ୍ଷିତ ଅନୁଭବ କରିପାରିବେ। କର୍ମଚାରୀମାନଙ୍କୁ ସୌଜନ୍ୟପୂର୍ଣ୍ଣ ଆଚରଣ, ତୁରନ୍ତ ଅଭିଯୋଗ ସମାଧାନ, ଅପରାଧ ନିବାରଣ ଏବଂ ଚିହ୍ନଟ ପାଇଁ ଆଧୁନିକ ନିରୀକ୍ଷଣ ପ୍ରଣାଳୀ ଏବଂ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାର ପ୍ରତି ସଚେତନ କରିବାକୁ ଅଧିକାରୀମାନଙ୍କୁ ଉତ୍ସାହିତ କରାଯାଇଥିଲା। ଦୁର୍ଘଟଣା ରୋକିବା ଏବଂ ଟ୍ରାକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପାଟ୍ରୋଲିଂର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା।

## ୧୯୬୫-୬୬ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ଭୁବନେଶ୍ୱର,୨।୩(ସୌମ୍ୟରଞ୍ଜନ ରାଉତ)

ଖୋର୍ଦ୍ଧାସ୍ଥିତ ମହୁଲ ଉଦୀୟମାନ ମଧ୍ୟ ଇଂରାଜୀ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଏକ ବନ୍ଧୁ ମିଳନ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପହଲଗାମ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପାର୍ଥନା କରାଯାଇଥିଲା। ଅତିଥି ଭାବେ ଶତ୍ରୁଘ୍ନ ସାହୁ, ବାମଦେବ ବାରିକ, ବାବାଜୀ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷର ଛାତ୍ର ଜୀବନର ଅତୀତ ସ୍ମୃତିକୁ ମନେ ପକାଇ ପରିଣତ ବୟସରେ ଖୁସିବ୍ୟକ୍ତ କରିଥିଲେ। ପୁରାତନ ଛାତ୍ର ସୁରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବଘନ ଦାସ, ସୁନିଲ ବେହେରା, ଗୌରାଙ୍ଗ ସାହୁ, ନିଳମଣି ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବନ୍ଧୁମିଳନ ଉତ୍ସବରେ ମହୁଲ ଉଦୀୟମାନ ମଧ୍ୟ ଇଂରାଜୀ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର।

## ବିକାଶ ମହାନ୍ତିଙ୍କ ୪ ପୁସ୍ତକ ଲୋକାର୍ପଣ

ଭୁବନେଶ୍ୱର,୨।୩ (ସୌମ୍ୟରଞ୍ଜନ ରାଉତ)



ଲେଖକ ବିକାଶ ମହାନ୍ତିଙ୍କ ୪ଟି କାଳ୍ପନିକ ଓ ସମକାଳୀନ ପୁସ୍ତକ ସୋମବାର ଫାଲକନ୍ କ୍ରେଷ୍ଟ କ୍ଲବ୍‌ଠାରେ ଲୋକାର୍ପଣ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୃଷ୍ଣା ମହାନ୍ତି ଯୋଗଦେଇ ପୁସ୍ତକଗୁଡିକୁ ଲୋକାର୍ପଣ କରିବା ସହ ଆଧୁନିକ ସାହିତ୍ୟରେ ଚିନ୍ତନଶୀଳ ଲେଖନୀର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସମୟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ସାହିତ୍ୟର ସାମାଜିକ ଭୂମିକା ଓ ଲେଖକଙ୍କ ଦାୟିତ୍ୱ ବିଷୟରେ କହିଥିଲେ। ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ସୁଶାନ୍ତ ବାଲ୍ ସମୀକ୍ଷା କରି ପୁସ୍ତକଗୁଡିକର ମୂଳ ଭାବନା ଓ ଭିତରୁ ଥିବା ଚେତନା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରୋଫେସର ସିତିକଣ୍ଠ ମିଶ୍ର ପାଠକ ସଂସ୍କୃତି ଓ ସାହିତ୍ୟର ଆବଶ୍ୟକତା ବିଷୟରେ ମତ ରଖିଥିଲେ। ଏହି ଅବସରରେ ମହକେଇ ଦେଇ ଯା..ଶୀର୍ଷକ ନୂତନ ଓଡ଼ିଆ ଲୋକଗୀତର ଲୋକାର୍ପଣ ହୋଇଥିଲା। ଏହି ଗୀତଟିର ବିକାଶ ମହାନ୍ତି କଣ୍ଠ ଦେଇଥିଲାବେଳେ ଦିଗନ୍ତ ମହାନ୍ତି ଶବ୍ଦରେ ସଜେଥିଲା। ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ଲେଖକ ବିକାଶ ଧନ୍ୟବାଦ ଦେଇଥିଲେ।

## ପୋଲିସକୁ ଚ୍ୟାଲେଞ୍ଜ ଦେଇ ସ୍ଥାନ ବଦଳାଉଛନ୍ତି ଶୁକ୍ରୁ

- ସିମନବାଡ଼ି ଜଙ୍ଗଲ ଭିତରକୁ ଗଲେ ୧୫ ସ୍ପେଶାଲ ଟିମ୍
- ତଲାସୀରେ ଲାଗିଛି ଅତ୍ୟାଧୁନିକ ଡ୍ରୋନ୍

ଭୁବନେଶ୍ୱର,୨।୩(ତ୍ରିନାଥ ମହାନ୍ତି)



ଓଡ଼ିଶା ପୋଲିସ ଏବଂ ସୁରକ୍ଷା ବାହିନୀଙ୍କୁ ଭୁଆଁ ବୁଲାଉଛନ୍ତି କନ୍ଧମାଳ ଜଙ୍ଗଲରେ ଲୁଚିଥିବା ଶୁକ୍ରୁ। ପୋଲିସ ନିକଟକୁ ମିଛ ଖବର ପଠାଇ ବୋକା ବନାଇବା ସହ ସ୍ଥାନ ପରିବର୍ତ୍ତନ କରୁଛନ୍ତି। ହେଲେ ସୋମବାର ଶୁକ୍ରୁଙ୍କ ପ୍ରକୃତ କ୍ୟାମ୍ପ ଠିକଣା ପୋଲିସ ପାଇଛି। ଶୁକ୍ରୁ ତାଙ୍କର ୧୫ ଜଣିଆ ଟିମ୍ ସହ ସିମନବାଡ଼ି ଜଙ୍ଗଲରେ ଲୁଚିଥିବା ନେଇ ଖବର ମିଳିଛି। ପୂର୍ବରୁ ଏକାଧିକ ଥର ଶୁକ୍ରୁ ଲୁଚିଥିବା ସ୍ଥାନର ଖବର ପାଇଥିଲେ ମଧ୍ୟ ସର୍ଚ୍ଚ ଅପରେଶନ କରିବା ସମୟରେ ସେ ଖସିଯିବାରେ ସକ୍ଷମ ହୋଇଛନ୍ତି। ତେଣୁ ଏଥର ସେ ପୋଲିସ ଗୁଳିର ଶିକାର ହେବେ ବୋଲି ସୁରକ୍ଷା ବାହିନୀ ଆଶା ରଖିଛି। ସିମନବାଡ଼ି ଜଙ୍ଗଲ ବଡ଼ ହୋଇଥିବାରୁ ସୁରକ୍ଷା ବାହିନୀ ଖୋଜିବା ସମ୍ଭବ ନୁହେଁ। ତେଣୁ ପୋଲିସ ପୂରା ଜଙ୍ଗଲର ମ୍ୟାପିଂ କରିବା ସହ କେଉଁ ସ୍ଥାନରେ ଶୁକ୍ରୁ ଏବଂ ତାଙ୍କ ଟିମ୍ ଲୁଚିଥାଇ ପାରନ୍ତି ତାହାର ଆକଳନ କରାଯାଉଛି। ଏହି ଏକ୍ସପର୍ଟ ଟିମ୍ ସହ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକଙ୍କ ସହାୟତା ମଧ୍ୟ ନେଇଛି। ୧୫ଟି ସ୍ପେଶାଲ ଟିମ୍ ସିମନବାଡ଼ି ଜଙ୍ଗଲ ଭିତରକୁ ପ୍ରବେଶ କରିଛନ୍ତି। ଅନ୍ୟପଟରେ ଶୁକ୍ରୁ ଏବଂ ତାଙ୍କ ଟିମ୍‌କୁ ଠାବ କରିବା ପାଇଁ ପୋଲିସ ଯେଉଁ ଅତ୍ୟାଧୁନିକ ଡ୍ରୋନ ଉଡ଼ାଉଛି ତା'ର ଫଟୋ ପ୍ରଥମ ଥର ଗଣମାଧ୍ୟମକୁ ଆସିଛି। ଏହି ଡ୍ରୋନ୍‌କୁ ଏକ ସ୍ୱତନ୍ତ୍ର ଭ୍ୟାନରେ ଅପରେଟ୍ କରାଯାଉଛି। ଏହି ଡ୍ରୋନ ୨୦ କିଲୋମିଟର ପର୍ଯ୍ୟନ୍ତ ଉଡ଼ି ଆକାଶ ମାର୍ଗରୁ ସବୁ ଜାଗା ଦେଖି ପାରିବ। ତେଣୁ ଯେଉଁ ଅଞ୍ଚଳ ଭିତରକୁ ସୁରକ୍ଷା ବାହିନୀ ଯାଇପାରୁନି ସେଠାରେ ଏହି ଡ୍ରୋନ ଉଡ଼ି ଶୁକ୍ରୁଙ୍କୁ ଖୋଜୁଛି। ଏନେଇ କନ୍ଧମାଳ ଏସ୍‌ପି ହରିଶ୍ ବିସି କହିଛନ୍ତି, ଶୁକ୍ରୁ ଏଥର ଆଉ ଆମ ନଜରରୁ ଖସି ପାରିବେ ନାହିଁ। ପୋଲିସ ସହ ଚ୍ୟାଲେଞ୍ଜ କରୁଥିବାରୁ ଆଉ ସୁଯୋଗ ଦିଆଯିବ ନାହିଁ। ତାଙ୍କୁ ଆମେ ଖୁବ୍ ଶୀଘ୍ର ଖୋଜି ଏନ୍‌କାଉଣ୍ଟର କରିବୁ ବୋଲି ଏସ୍‌ପି କହିଛନ୍ତି।

# ଭାଇଚାରାର ବାର୍ତ୍ତା ଦିଏ ଦୋଳ ଉତ୍ସବ

## ଏକାଠି ହେଲେ ୧୧ ଠାକୁର

କୃଷ୍ଣପ୍ରସାଦ,୨।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଗଡ଼ଠାରେ ପାଞ୍ଚ ମୌଜା ପରିଚାଳନା କମିଟି ପକ୍ଷରୁ ଐତିହାସିକ ଦୋଳଯାତ୍ରା ମହୋତ୍ସବ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପାରିକୁଦଗଡ଼ର ମୁଖ୍ୟ ପୀଠାଧିଶ ନୀଳକଣ୍ଠେଶ୍ୱର ଦେବ ଏବଂ ଦଧିବାମନ ଦେବଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ସ୍ଥାନରୁ ୧୧ଠାକୁର ସୁସଜ୍ଜିତ ବିମାନରେ ପାଟ ପଟୁଆରରେ ଆସି ଗଡ଼ ଚନ୍ଦନ ପଡ଼ିଆଠାରେ ଏକତ୍ରିତ ହୋଇଥିଲେ।



ପ୍ରଥମେ ପାରିକୁଦ ରାଜାସାହେବଙ୍କ ଦ୍ୱାରା ଦେବାର୍ଚ୍ଚନ କାର୍ଯ୍ୟ ସମାପନ ପରେ ରାଜାଙ୍କ ପକ୍ଷରୁ ଭୋଗ ଲାଗି ହୋଇଥିଲା। ୫ମୌଜା ପକ୍ଷରୁ ହୋମ ଆଦି କାର୍ଯ୍ୟ ସମାପନ ପରେ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆତସବାଜି, ସମରକଳା ପାଇକ ଆଖଡ଼ା ଆଦି ପଦର୍ଶନ ହୋଇଥିବା ବେଳେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୫ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ, କୁମାର ସିଂହ, ହରମୋହନ ମାନସିଂହ, ସୁବାସ ଚନ୍ଦ୍ର ସ୍ୱାଇଁ, ବିଜୟ ଚନ୍ଦ୍ର ଜେନା, ସୁବାସ ଚନ୍ଦ୍ର ସିଂହ ସାମନ୍ତ, ସାରଙ୍ଗଧର ବିଶ୍ୱାଳ, ପ୍ରମୋଦ କୁମାର ପରିଡ଼ା, ବିଭୂ ନାରାୟଣ ଜେନା, ଗାଜଲ ଦଣ୍ଡସେଣା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ୬୮ ଅଭିଯୋଗରୁ ୧୦ ଗ୍ରାମୀଣ ସମସ୍ୟା



ଜିଲାପାଳ ଅମ୍ରିତ୍ ଋତୁରାଜ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା,୨।୩(ପ୍ରଭାତ ପାଣିଗ୍ରାହୀ)

ଜିଲା ପ୍ରଶାସନ ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ୍ ୬୮ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୫୮ଟି ବ୍ୟକ୍ତିଗତ ଏବଂ ୧୦ଟି ଗ୍ରାମୀଣ ସମସ୍ୟା ରହିଥିଲା। ତତ୍କାଳ ଜିଲାପାଳ ୯ଟି ଅଭିଯୋଗର ସମାଧାନ କରିଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ କୁମାର ରାୟଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସରକାର ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦେଉଛନ୍ତି। ଗ୍ରାମାଞ୍ଚଳରେ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉଦ୍ଦେଶ୍ୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଚାଲିଛି। ଗ୍ରାମାଞ୍ଚଳ ଲୋକଙ୍କ ଅଭିଯୋଗକୁ ପ୍ରାଥମିକତା ଦେଇ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ୯୧ ଅଭିଯୋଗରୁ ୫୮ ତତ୍କାଳ ସମାଧାନ

## ଫାସିଓଦାରେ ପଲ୍ଲୀରେ ପ୍ରଶାସନ

ବୋଲଗଡ଼,୨।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଫାସିଓଦା ପଞ୍ଚାୟତସ୍ତରୀୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। କାର୍ଯ୍ୟକ୍ରମରେ ମୋଟ୍ ୯୧ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୫୮ଟିର ତତ୍କାଳ ସମାଧାନ କରାଯାଇଛି। ଆଉ ୩୩ଟି ଅଭିଯୋଗର ବିଭାଗୀୟ ତର୍ଜମା ପରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ସରକାରଙ୍କ ଅନେକ ଜନହିତକର ଯୋଜନା ନେଇ ପୋଷ୍ଟର ଓ ଲିଫ୍ଲେଟ ମାଧ୍ୟମରେ ସଚେତନତା ଓ ଏଥିନେଇ ପଞ୍ଜୀକରଣ କରାଯାଇଥିଲା। ତହସିଲଦାର ବିଜୟ କୁମାର ସେଠୀ, ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଭଞ୍ଜ, ସମିତିସଭ୍ୟ ପ୍ରଦୀପ ପ୍ରଧାନ, ଆଲୋକ ଜେନା, ସସ୍ମିତା ଭୂୟାଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପବିତ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ପଞ୍ଜୀକରଣ ଓ ଏହାର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସହଯୋଗ କରିଥିଲେ।

# କମାଗୁରୁରେ ‘ପଲ୍ଲୀରେ ପ୍ରଶାସନ’ କାର୍ଯ୍ୟକ୍ରମ

ନିରାକାରପୁର,୨।୩ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ କମାଗୁରୁ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରୁମନା ଜାଫ୍ରିନ, ଅତିରିକ୍ତ ବିଡିଓ ରଞ୍ଜନ କୁମାର ସାହୁ, ତହସିଲଦାର ନିଷ୍ଠା ମହାପାତ୍ର, ସରପଞ୍ଚ ସୁନିତା ଚମ୍ପତି, ଖୋର୍ଦ୍ଧା ବିଧାୟକଙ୍କ ବ୍ଲକ ପ୍ରତିନିଧି ପ୍ରଫୁଲ୍ଲ ଚନ୍ଦ୍ର ଜେନାଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୋଟ୍ ୧୫୨ଟି ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକର ତଦନ୍ତ କରାଯାଇ ସମାଧାନ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଥିଲା। ମନୋରଞ୍ଜନ ଚମ୍ପତିଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି, ମହିଳା ଗୋଷ୍ଠୀ ପ୍ରମୁଖ ସହଯୋଗ କରିଥିଲେ।



ରଙ୍ଗର ପର୍ବ ହୋଲି ଉପଲକ୍ଷେ ଖୋର୍ଦ୍ଧା ଟ୍ରାଫିକ୍ ଛକରେ ରଙ୍ଗଦୋକାନ। (ଫଟୋ: ପ୍ରଭାତ ପାଣିଗ୍ରାହୀ)

# ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା,୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ପୋଲିସ ବ୍ରହ୍ମପୁରା ଖଣି ନିକଟରୁ ଦୁଇଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ବାମୁଡାର ନାସରୁଲ୍ଲା ହକ (୨୮) ଏବଂ ଆଦର୍ଶ ଥାନା ଗୁରୁଜଙ୍ଗ ଦ୍ୱାରିକାନଗରର ରଞ୍ଜନ କୁମାର ସୁନ୍ଦରାୟ(୩୬)। ଏମାନଙ୍କଠାରୁ ୧୧.୦୬ ଗ୍ରାମ୍ ବ୍ରାଉନ୍‌ସୁଗାର, ୨୦,୪୦୦ଟଙ୍କା, ଦୁଇଟି ମୋବାଇଲ ଫୋନ ଏବଂ ଏକ ବାଇକ୍ (ଓଡି୧୧-ଭି-୪୩୦୦) ଜବତ ହୋଇଛି। ଏସ୍‌ଆଇ ଚନ୍ଦନ କୁମାର ଦାସଙ୍କ ଅଭିଯୋଗକ୍ରମେ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୮୮/୨୬)ରୁଜୁ ହୋଇଛି। ସୂଚନା ମୁତାବକ, ବ୍ରହ୍ମପୁରା ନିକଟ ଖଣିଠାରେ ବ୍ରାଉନ୍‌ସୁଗାର ବେପାର ହେଉଥିବା ଖବରପାଇ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ତତ୍ତ୍ୱାବଧାନରେ ଗଠିତ ଏକ ଟିମ୍ ଅପରାହ୍ଣରେ ଚଢ଼ାଉ କରିଥିଲା। ଚଢଉବେଳେ ନାସରୁଲ୍ଲା ଏବଂ ରଞ୍ଜନ ଖସିଯିବାକୁ ଉଦ୍ୟମ କରିଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା।

# ଜିଲାସ୍ତରୀୟ ଜରାୟୁ ଗ୍ରୀବା କର୍କଟ ଟିକାକରଣର ଶୁଭାରମ୍ଭ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲାସ୍ତରୀୟ ଜରାୟୁ ଗ୍ରୀବା କର୍କଟର ନିରାକରଣ ନିମିତ୍ତ ଏଚ୍‌ପିଭି ଟିକାକରଣ ଅଭିଯାନ ଶୁଭାରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ ଏହାର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନରେ ଜିଲାର ସମସ୍ତ ୧୪ବର୍ଷ ବୟସର ବାଳିକାଙ୍କୁ ଗାଡାସିଲ-୪ ଟିକାର ଗୋଟିଏ ଡୋଜ ଦିଆଯିବ। ଜିଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକା ପ୍ରଦାନ କରାଯିବ। ୩ମାସ ମଧ୍ୟରେ ୧୪,୭୨୯ ଜଣଙ୍କୁ ଟିକା ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଏହି ଟିକା ସମ୍ପୂର୍ଣ୍ଣ ଦେୟ ମୁକ୍ତ। ଏହି ଟିକା ଅଭିଯାନ ଫଳରେ ଦେଶର ମାତୃଶକ୍ତିକୁ ନିରୋଗ ରଖାଯାଇ ପାରିବ। ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧ ହେବ ବୋଲି ଡା.ରାୟ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସହକାରୀ ଚିକିତ୍ସା ଅଧିକାରୀ ଡା. ପ୍ରଦୀପ କୁମାର ସାହୁ, ଜିଲା ଚିକିତ୍ସା ଅଧିକାରୀ (ଡିଏଚ୍‌ଏଚ୍) ଡା.ଶ୍ୟାମ ପ୍ରସନ୍ନ ମିତ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରଞ୍ଜନ ମିତ୍ର ପ୍ରମୁଖ ଯୋଗଦେଇ ଏହି ଟିକାକରଣ ଅଭିଯାନର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ସହକାରୀ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ରବୀନ୍ଦ୍ର କୁମାର ପାରମାଣିକଙ୍କ ସମେତ ସମସ୍ତ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଯୋଗଦେଇଥିଲେ। ଶେଷରେ ଆଇସିଏ ଦେବସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ବର୍ଷ ବାଳିକା ନେବେ, ୧୪୭୨୯ଜଣଙ୍କୁ ଦିଆଯିବ

# ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ନିରାକାରପୁର,୨।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ବାଲୁଗାଁ ଷ୍ଟେଶନରେ ଗତ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ପୂର୍ବାହ୍ଣ ପ୍ରାୟ ୧୧ଟାରେ ବାଲୁଗାଁ ଷ୍ଟେଶନରେ ଏକ ମାଲବାହୀ ଟ୍ରେନ୍ ପ୍ରବେଶ କରୁଥିବା ବେଳେ ଯୁବକ ଜଣଙ୍କ ହଠାତ୍ ଟ୍ରେନ ଆଗକୁ ଡେଇଁପଡ଼ିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଷ୍ଟେଶନରେ ଉପସ୍ଥିତ ଥିବା ଲୋକେ ଏବଂ ରେଲୱେ ପୋଲିସ ତାଙ୍କୁ ତୁରନ୍ତ ଉଦ୍ଧାର କରି ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଖୋର୍ଦ୍ଧା ରୋଡ ଜିଆରପି ପକ୍ଷରୁ କେସ ନମ୍ବର ୧୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତକଙ୍କ ପରିଚୟ ମିଳିବାରି ନାହିଁ। ତାଙ୍କର ଆନୁମାନିକ ବୟସ ୩୦ବର୍ଷ ହେବ ବୋଲି ନିରାକାରପୁର ରେଲୱେ ଫାଣ୍ଡି ଅଧିକାରୀ ଦିଲୀପ ସାହୁ ପ୍ରକାଶ କରିଛନ୍ତି।

# ଔଷଧୀୟ ପତ୍ର, ଫୁଲରେ ହର୍ବାଲ ଫଗୁ

## ଚିଲିକା ରାଣୀ ଉତ୍ପାଦକ ଗୋଷ୍ଠୀର ସଫଳତା

ଖୋର୍ଦ୍ଧା,୨।୩(ପ୍ରଭାତ ପାଣିଗ୍ରାହୀ)



ରଙ୍ଗର ପର୍ବ ହୋଲି। ଏଥିପାଇଁ ଗାଁଠୁ ସହର ସବୁଠି ରହିଛି ଉତ୍ସାହ। ବିଭିନ୍ନ ସ୍ଥାନରେ ରଙ୍ଗବେରଙ୍ଗର ଫଗୁ, ପିଚିକାରୀ ପସରା ପଡ଼ିଛି। ହର୍ବାଲ ହୋଲିର ବିଶେଷ ଚାହିଦା ରହିଛି। ଗ୍ରାହକଙ୍କ ପସନ୍ଦ ଏବଂ ବଜାର ଚାହିଦାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ଚିଲିକାରାଣୀ ଉତ୍ପାଦକ ଗୋଷ୍ଠୀ ପ୍ରାକୃତିକ ହର୍ବାଲ ଫଗୁ ପ୍ରସ୍ତୁତ କରିଛନ୍ତି। ଔଷଧୀୟ ପତ୍ର, ଫୁଲରେ ପରିବେଶ ଅନୁକୂଳ ସାତ ରଙ୍ଗର ଫଗୁ ପ୍ରସ୍ତୁତ କରିଛନ୍ତି। ଗତବର୍ଷ ୮କୁଇଣ୍ଟାଲ ପ୍ରାକୃତିକ ଫଗୁ ପ୍ରସ୍ତୁତ କରିଥିବା ବେଳେ ଚଳିତ ବର୍ଷ ବ୍ୟବସାୟୀଙ୍କ ଚାହିଦା ମୁତାବକ ୨୦କୁଇଣ୍ଟାଲ ପ୍ରସ୍ତୁତ କରିଛନ୍ତି। ପ୍ରତି କୁଇଣ୍ଟାଲ ପିଛା ୧୫ହଜାର ଟଙ୍କା ବିକ୍ରି କରୁଛନ୍ତି। ଚଳିତ ବର୍ଷ ୩ଲକ୍ଷ ଟଙ୍କାର ବେପାର କରିଥିବା କହିଛନ୍ତି।

ପ୍ରକାଶ ଯେ, ଏହି ଉତ୍ପାଦକ ଗୋଷ୍ଠୀ ୩୦ଜଣ ସଦସ୍ୟାଙ୍କୁ ନେଇ ଗଠିତ ହୋଇଛି। ଏହି ଗୋଷ୍ଠୀ ପୂର୍ବରୁ ଘରୋଇ ଉତ୍ପାଦ ପ୍ରସ୍ତୁତ କରୁଥିଲା। ଏମାନଙ୍କ ଦ୍ୱାରା ପ୍ରସ୍ତୁତ ଆଚାର, ବଡ଼ି, ପାମ୍ପଡ଼, ମସଲା ସାମଗ୍ରୀଠାରୁ ଧୂପକାଠି, ଝୁଣା, ମହୁ ପ୍ରସ୍ତୁତ କରୁଥିବା ବେଳେ ଗତ ଦୁଇ ବର୍ଷ ହେବ ହର୍ବାଲ ଫଗୁ କରୁଛନ୍ତି। ଏଥିଲାଗି ବିଭିନ୍ନ ପ୍ରକାର ସବୁଜ ଶୁଖିଲା ପତ୍ର ନିମ୍ବ, ବେଲ, ବିଭିନ୍ନ ପ୍ରକାର ଶାଗ ଯଥା ପାଳଙ୍ଗ, ଧନିଆ, ପୁଦିନା ସମେତ ଗେଣ୍ଡୁ, ସୂର୍ଯ୍ୟମୁଖୀ ଆଦି ଫୁଲ ବ୍ୟବହାର କରାଯାଉଛି। ଗତ ଦୁଇ ମାସ ହେବ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଥମେ ବ୍ୟବହୃତ ସାମଗ୍ରୀ ସଂଗ୍ରହ ପରେ ଏହାକୁ ସଫା କରାଯାଇ ଖରାରେ ସୁଖାଇବା ପରେ ଏହାର ପାଉଡ଼ର କରାଯାଇ ନିୟମ ଅନୁସାରେ ଫଗୁ ପ୍ରସ୍ତୁତ କରାଯାଇଥାଏ ବୋଲି ସଦସ୍ୟାମାନେ କହିଛନ୍ତି।

ସୋମବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଚାଲିଥିବା ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଏହି ଗ୍ରୁପର ସଦସ୍ୟାମାନେ ହର୍ବାଲ ଫଗୁ ଧରି ପହଞ୍ଚିଥିଲେ। ସେଠାରେ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଏହି ପରିବେଶ ଅନୁକୂଳ ଫଗୁରେ ହୋଲି ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ସବୁଜ ପତ୍ର ଏବଂ ଫୁଲରେ ଫଗୁ ପ୍ରସ୍ତୁତ ହୋଇଥିବା ଜାଣିବା ପରେ ଜିଲାପାଳ ଅମ୍ରିତ ଋତୁରାଜ, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରଶଂସର ଗ୍ରୁପର ସଦସ୍ୟାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିକାଶର ସୋପନରେ ଆଗକୁ ବଢି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ।

ଏହି ବ୍ଲକର ଏମ୍‌ବିକେ ଚିନ୍ମୟୀ ପରିଡ଼ା କହିଛନ୍ତି ଯେ, ଏହି ସଫଳତା କେବଳ ଉତ୍ପାଦନ କିମ୍ବା ବେପାର ପାଇଁ ନୁହଁ ବରଂ ପ୍ରତ୍ୟେକ ସଦସ୍ୟଙ୍କ ଆତ୍ମବିଶ୍ୱାସ ଯୋଗୁ ଏହା ସଫଳ ହୋଇଛି। ଉତ୍ପାଦକ ଗୋଷ୍ଠୀର ସଭାପତି କୁନି ପ୍ରଧାନ କୁହନ୍ତି, ପ୍ରସ୍ତୁତ ରଙ୍ଗ ଅତି ଉଚ୍ଚକୋଟୀର ଏବଂ ପରିବେଶକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏଥିରେ କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରାଯାଇନାହିଁ। ପାରମ୍ପରିକ ଜ୍ଞାନକୌଶଳ, ସାମୁହିକତା, ପରସ୍ପର ମଧ୍ୟରେ ସମନ୍ୱୟତା ଏବଂ ସହଭାଗିତା ଯୋଗୁ ଏହା ସମ୍ଭବ ହୋଇପାରିଛି। ପ୍ରତ୍ୟେକ ସଦସ୍ୟଙ୍କ କଠିନ ପରିଶ୍ରମ, ନିଷ୍ଠା ଏବଂ ଏକାଗ୍ରତା ଯୋଗୁ ଏହି ସଫଳତା ମିଳିଛି। ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ସମ୍ପାଦିକା ଶାନ୍ତିଲତା ସାହୁ କହିଛନ୍ତି।



ବୋଲଗଡ଼ର ବ୍ରଜମୋହନ ଦେବଙ୍କୁ ଚାଚେରୀ ଭୋଗଲାଗି ପାଇଁ ସୁସଜ୍ଜିତ ବିମାନରେ ନିଆଯାଉଛି। (ଫଟେ: ଦେବବ୍ରତ ହୋତା)



ଛଅ ବ୍ରାହ୍ମଣ ଶାସନର ନିମନ୍ତ୍ରଣକ୍ରମେ ବାଣପୁରର ଆରାଧ୍ୟା ମା’ଭଗବତୀଙ୍କୁ ଚାଚେରୀ ଭୋଗଲାଗି ପାଇଁ ନିଆଯାଉଛି। (ଫଟୋ: ଦିଲୀପ କୁମାର ସ୍ୱାଇଁ)



ଖୋର୍ଦ୍ଧା ସହରରେ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ଚାଚେରୀ ଭୋଗଲାଗି ପାଇଁ ନିଆଯାଉଛି। (ଫଟୋ: ପ୍ରଭାତ ପାଣିଗ୍ରାହୀ)

# ୨୫ରୁ ରତ୍ନଭଣ୍ଡାର ଗଣତିମଣତି

ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)


ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହ ଅନ୍ୟମାନେ।

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**
- ୧୨ଟା ୧୨ରୁ ୧ଟା ୪୫ ଶୁଭ ମୁହୂର୍ତ୍ତ
- ରେଭିନ୍ୟୁ, କ୍ୟାପିଟାଲ୍ ରିସିଟ୍ ଅନୁଯାୟୀ ୪୫୪ କୋଟି ଆୟ, ବ୍ୟୟ ୩୭୨କୋଟି ଟଙ୍କା

ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସଭାପତି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଳଙ୍କାର ଗଣତିମଣତି ନେଇ ତାରିଖ ଓ ସମୟର ଚୂଡ଼ାନ୍ତ ନିଷ୍ପତ୍ତି ହେବା ସହ ଶ୍ରୀମନ୍ଦିର ପ୍ରଶାସନର ୨୦୨୫-୨୬ ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଓ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଅଟକଳ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବୈଠକରେ ଗଜପତି ମହାରାଜାଙ୍କ ସହ ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ତଥା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସନ, ନୀତି ପ୍ରଶାସକ, ଦେବୋତ୍ତର କମିଶନ, ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସହ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ହେଲେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ବିଶେଷ ଭାବେ ୨ଟି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ପ୍ରଥମଟି ହେଲା ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ପକ୍ଷରୁ କରାଯାଇଥିବା ମାର୍ଗଦର୍ଶିକା ସମ୍ପର୍କରେ ଅବଗତ କରାଯାଇଥିଲା। ଆଲୋଚନାରେ ମାର୍ଚ୍ଚ ୨୫ ତାରିଖ ଚୈତ୍ର ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଗଣତିମଣତି ଆରମ୍ଭ ହେବ। ୨୫ ତାରିଖ ମଧ୍ୟାହ୍ନ ୧୨ଟା ୧୨ରୁ ୧ଟା ୪୫ ମଧ୍ୟରେ ଶୁଭ ମୁହୂର୍ତ୍ତ ରହିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ରାଜ୍ୟ ସରକାରଙ୍କ ଏସ୍ଓପି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ। ଗଣତି ସମୟରେ ଭକ୍ତମାନେ ବାହାର କାଠ ନିକଟରୁ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବେ। ପ୍ରତିମାସ ପାଇଁ କ୍ୟାଲେଣ୍ଡର କରାଯିବ। କେଉଁଦିନ ଗଣତି କରାଯିବ ତାହା ଉଲ୍ଲେଖ ରହିବ।

ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଏବଂ ଆସନ୍ତା ବର୍ଷ ୨୦୨୬-୨୭ ବର୍ଷ ବଜେଟ୍ ଅଟକଳ ଆଜି କମିଟିରେ ପ୍ରସ୍ତୁତ କରାଯାଇ ଆଲୋଚନା କରାଯାଇଛି। ରେଭିନ୍ୟୁ ଓ କ୍ୟାପିଟାଲ ରିସିଟ୍ ଅନୁଯାୟୀ ୪୫୪ କୋଟି ଆୟ ହେବ ବୋଲି ଆକଳନ କରାଯାଉଛି, ସେହିପରି ୩୭୨କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ବ୍ୟୟରେ ରାଜସ୍ୱର ସୁଧକୁ ମଧ୍ୟ ଯୋଡ଼ାଯାଇଛି। ସେହିପରି ୮୨ କୋଟିର ବଳକା ବଜେଟ କରାଯାଇଛି। ଏଥିସହ ନୂତନ ରତ୍ନପଲଙ୍କ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସଂସ୍କାର ପୂଜା ପରେ ବ୍ୟବହାର କରାଯିବ। ଭଲବେଳା ଦେଖି ରୁପା ଆଚ୍ଛାଦିତ ରତ୍ନପଲଙ୍କ ମହାପ୍ରଭୁଙ୍କ ସେବାରେ ଲାଗିବ।

ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ପ୍ରବେଶ ପ୍ରସଙ୍ଗରେ ମୁଖ୍ୟ ପ୍ରଶାସକ କହିଛନ୍ତି, ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଜାରି ରହିଛି। କାମ ଚାଲିଥିବାରୁ ଏବେ ଖୋଲିବ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଛି। କାର୍ଯ୍ୟ ଶେଷ ହେବା ପରେ ଭକ୍ତଙ୍କ ପାଇଁ ଖୋଲାଯିବ। ଶ୍ରଗୁଣ୍ଡିଚା ମନ୍ଦିରର ନାଟମଣ୍ଡପ ଓ ଜଗମୋହନ ରହିଛି, ତାହାର ଏସି କରିବା ନେଇ ପଦକ୍ଷେପ ନିଆଯାଉଛି। ଶ୍ରୀମନ୍ଦିର ପାର୍ଶ୍ୱ ମନ୍ଦିର, ନାଟମଣ୍ଡପ, ଗର୍ଭଗୃହ, ଜଗମୋହନ, ଆନନ୍ଦବଜାର, ଭୋଗମଣ୍ଡପ ଏବଂ ମେଘନାଦ ପାଚେରିର ୱାର୍ଲ୍ଡକ୍ଲାସ ହେରିଟେଜ୍ ଇଲୁମୁନେସନ୍ ହେବ। ଏନେଇ ଟେଣ୍ଡର ପ୍ରକ୍ରିୟା କରାଯିବ। ୧୫ରୁ ୨୦ କୋଟି ଖର୍ଚ୍ଚ ହେବାର ସମ୍ଭାବନା ରହିଛି। ୟୁନିଫର୍ମ ପଲିସିର ଅନୁମୋଦନକୁ ଅପେକ୍ଷା କରାଯାଇଛି। କର୍ପସ ଫଣ୍ଡର ବୃଦ୍ଧି ଉପରେ ଆଲୋଚନା କରାଯାଇଛି। ବର୍ତ୍ତମାନ କର୍ପସ ଫଣ୍ଡ ୧୬୦୦ କୋଟିରୁ ଅଧିକ ହେଲାଣି। ସେଥିରେ ରାଜ୍ୟ ସରକାରଙ୍କ ୫୦୦ କୋଟି ଏବଂ ଶ୍ରୀମନ୍ଦିରର ନିଜସ୍ୱ ୧୧ ଶହ କୋଟି ରହିଛି।

## ମାଙ୍କଡ଼ଠୁ ଭ୍ୟାନିଟ୍ ଆଣିବାକୁ ସିଂହଦ୍ୱାର ଗୁମ୍ଫୁଟରେ ଚଢ଼ିଗଲେ



ପୁରୀ,୨।୩(ଅଜିତ୍ କୁମାର ମହାନ୍ତି)

**ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ**

ପୁଣି ଶ୍ରୀମନ୍ଦିର ସୁରକ୍ଷାରେ ତ୍ରୁଟି ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଶ୍ରୀମନ୍ଦିର ସିଂହଦ୍ୱାର ଗୁମ୍ଫୁଟ ଉପରେ ଚଢ଼ି ମାଙ୍କଡ଼ ନେଇଯାଇଥିବା ଭ୍ୟାନିଟ୍ ବ୍ୟାଗ ଆଣୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେ ସୁରକ୍ଷା କର୍ମୀ, ପୋଲିସ ମୁତୟନ ଥିବାବେଳେ ବ୍ୟକ୍ତି ଜଣଙ୍କ କିପରି ଗୁମ୍ଫୁଟ ଉପରକୁ ଚଢ଼ିଗଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ଜଣେ ଭକ୍ତଙ୍କ ଭ୍ୟାନିଟ୍ ମାଙ୍କଡ଼ ନେଇଯାଇ ଶ୍ରୀମନ୍ଦିର ଗୁମ୍ଫୁଟ ଉପରକୁ ଚାଲିଯାଇଥିଲା। ପରେ ସମ୍ପୃକ୍ତ ଭକ୍ତ ଜଣଙ୍କ ସିଂହଦ୍ୱାର ଗୁମ୍ଫୁଟ ଉପରକୁ ଚଢ଼ି ମାଙ୍କଡ଼ ନିକଟରୁ ଭ୍ୟାନିଟ୍ ଆଣିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେଥିରେ ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ସେଠାରେ ଉପସ୍ଥିତି ଥିବା ସୁରକ୍ଷା କର୍ମୀ ଓ ପୋଲିସ ସମ୍ପୃକ୍ତ ଭକ୍ତଙ୍କୁ ତଳକୁ ଓହ୍ଲାଇବା ପାଇଁ କହିଥିଲେ। ଗୁମ୍ଫୁଟ ଉପରେ ଚଢ଼ିଥିବା ସମ୍ପୃକ୍ତ ଭକ୍ତ ଜଣଙ୍କର ଯଦି କୌଣସି ଅଘଟଣ ଘଟିଥାଆନ୍ତା ଏଥିପାଇଁ କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନ ଉଠିଛି।

## ସୁନା ଦୋକାନ କର୍ମଚାରୀଙ୍କୁ ଗୁଳି, ବର୍ତ୍ତିଗଲେ ମାଲିକ

କୃଷ୍ଣପ୍ରସାଦ,୨।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)


ଗୁଳିମାଡ଼ରେ ଆହତ କର୍ମଚାରୀ ପିଣ୍ଟୁ ଦାସ।

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ମାଲୁଦରେ ସୋମବାର ରାତିରେ ଏକ ସୁନା ଦୋକାନର ମାଲିକ ଏବଂ ତାଙ୍କ କର୍ମଚାରୀଙ୍କ ଉପରେ ଗୁଳିମାଡ଼ ହୋଇଛି। ତେବେ କର୍ମଚାରୀଙ୍କ ଗୋଡ଼ରେ ଗୁଳି ବାଜିଥିବା ବେଳେ ମାଲିକ ପୂର୍ଣ୍ଣଚନ୍ଦ୍ର ପାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପିଣ୍ଟୁ ଦାସ ନାମକ କର୍ମଚାରୀଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କୃଷ୍ଣପ୍ରସାଦ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଗୁଳିମାଡ଼ର କାରଣ ସମ୍ପର୍କରେ ପୋଲିସ ସ୍ପଷ୍ଟ କରି ନ ଥିବା ବେଳେ ଲୁଟ୍ ଉଦ୍ଦେଶ୍ୟରେ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି।

ସୂଚନା ମୁତାବକ, ମାଲୁଦ ରାଜା ବଜାରରେ ପୂର୍ଣ୍ଣଚନ୍ଦ୍ରଙ୍କ ପାତ୍ର ଜୁଏଲାରୀ ନାମକ ଏକ ଦୋକାନ ରହିଛି। ରାତି ପ୍ରାୟ ୯ଟା ୩୦ରେ ଦୋକାନ ବନ୍ଦ କରି ପୂର୍ଣ୍ଣଚନ୍ଦ୍ର ଓ ପିଣ୍ଟୁ ଟଙ୍କା ଥିବା ବ୍ୟାଗ୍ ସହ ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ମାଲୁଦ ପ୍ରାଥମିକ ବିଦ୍ୟାଳୟ ନିକଟ ଶହୀଦ ସୁଦାମ ଚରଣ ଦାସଙ୍କ ପ୍ରତିମୂର୍ତ୍ତି ନିକଟ ଏକ ଅନ୍ଧାରିଆ ରାସ୍ତାରେ ଦୁଇ ଜଣ ଦୁର୍ବୃତ୍ତ ସ୍କୁଟିରେ ପହଞ୍ଚି ହଠାତ୍ ସେମାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଗୁଳିଟି ବାଇକ୍ ଚଲାଉଥିବା ପିଣ୍ଟୁଙ୍କ ଗୋଡ଼ରେ ବାଜିଥିଲା। ଫଳରେ ଭାରସାମ୍ୟ ହରାଇବାରୁ ଗାଡ଼ିରୁ ପୂର୍ଣ୍ଣଚନ୍ଦ୍ର ଓ ପିଣ୍ଟୁ ତଳେ ପଡ଼ିଯାଇଥିଲେ। ତେବେ ଟଙ୍କା ଥିବା ବ୍ୟାଗକୁ ନେବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେବା ପରେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ପିଣ୍ଟୁଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।


ନୃତ୍ୟଧାରା ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ନାଟକ ଉତ୍ସବରେ ପୁରୀର କବଚ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଘୂର୍ଣ୍ଣି'ର ଏକ ଦୃଶ୍ୟ।

## ଇଗ୍ନୁ ନାମଲେଖା ଅବଧି ୧୫କୁ ବୃଦ୍ଧି

ଭୁବନେଶ୍ୱର,୨।୩(ସୁଚିସ୍ମିତା ସାହୁ)

ବିଭିନ୍ନ ବର୍ଗର ଲୋକଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରି ଇଗ୍ନୁ କର୍ତ୍ତୃପକ୍ଷ ଜାନୁଆରୀ ୨୦୨୬ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧିକୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଆଗ୍ରହୀ ଛାତ୍ରୀଛାତ୍ର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଗ୍ନୁ ୱେବ୍‌ସାଇଟ୍ www.ignou.ac.inକୁ ଅନୁସରଣ କରିବା ସହ https://ignouadmission.samarth.edu.inରେ ଆବେଦନ କରିପାରିବେ। ଅଣ୍ଡର ଗ୍ରାଜୁଏଟ୍ (ବିଏସ୍‌ସିଏମ୍, ବିସିଓଏମ୍ଏଫ୍ ଓ ବିଏଏମ୍) ପ୍ରୋଗ୍ରାମ ପାଇଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିଲେ ଇଗ୍ନୁ ତରଫରୁ ଦିଆଯାଉଥିବା ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଅନ୍ୟାନ୍ୟ ସୂଚନା ପାଇବା ପାଇଁ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ୦୬୭୪-୨୩୦୧୩୪୮,୨୯୭୧୦୭୧ ଫୋନ ନମ୍ବର କିମ୍ବା ଇ-ମେଲ rc-bhubaneswar@ignou.ac.in, admissionrc21@ignou.ac.in ଜରିଆରେ ଯୋଗାଯୋଗ କରିବା ପାଇଁ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

## ସ୍କୁଟିକୁ ଧକ୍କା ଦେଲା ଟ୍ରକ୍: ଯୁବତୀ ମୃତ

ମଙ୍ଗୁଳି-ଜଗତପୁର,୨।୩(ମାନସ ସାମଲ):ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ଜନସେବକ ନର୍ସିଂହୋମ ସମ୍ମୁଖରେ ସୋମବାର ଏକ ସ୍କୁଟିକୁ ଏକ ଟ୍ରକ ପଛପଟୁ ଧକ୍କା ଦେଇ ଚଢ଼ିଯାଇଥିଲା। ଫଳରେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଯୁବତୀ ଜଣଙ୍କ ମାହାଙ୍ଗା ଥାନା ଅଞ୍ଚଳର ବୈଶାଳୀ ନାୟକ (୨୫)। ସୂଚନା ମୁତାବକ, ସୋମବାର ଅପରାହ୍ନ ପ୍ରାୟ ୧୧ଟାରେ ବୈଶାଳୀ ସ୍କୁଟି(ନଂ. ଓଡି୦୫ବିୟୁ-୪୪୯୩) ଯୋଗେ କଟକରୁ ଟାଙ୍ଗୀ ଅଭିମୁଖେ ଯାଉଥିଲେ। ସେହି ସମୟରେ ଏକ ଟ୍ରକ ପଛପଟୁ ଦ୍ରୁତଗତିରେ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ବୈଶାଳୀ ସ୍କୁଟିରୁ ତଳେ ଛିଟିକି ପଡ଼ିବାରୁ ଟ୍ରକ୍ ତାଙ୍କ ଉପରେ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ନୟାଗଡ଼ ଜେଲରେ ନିର୍ଯାତନା ଅଭିଯୋଗ

- ପାଣିଆ ଡାଲି, ପୋକରା ଚାଉଳ ଭାତକୁ ବିରୋଧ କରିବାରୁ ପିଟିଲେ
- ଡିଜିପି, ଓଏଚ୍ଆର୍‌ସିରେ ଜେଲ ଫେରନ୍ତାଙ୍କ ଅଭିଯୋଗ

ଭୁବନେଶ୍ୱର,୨।୩(ତ୍ରିନାଥ ମହାନ୍ତି)



ନୟାଗଡ଼ ଜେଲରୁ ଆସିଛି ବିଚାରାଧୀନ କଏଦୀଙ୍କୁ ନିର୍ଯାତନାର ଅଭିଯୋଗ। ଜେଲରେ ବନ୍ଦୀଙ୍କୁ ପାଣିଆ ଡାଲି, ପୋକରା ଚାଉଳରେ ପ୍ରସ୍ତୁତ ଭାତ ଦିଆଯାଉଥିବା ନେଇ ୩୦ଜଣ ବିଚାରାଧୀନ କଏଦୀ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ। ଏହି କଥାରୁ ରାଗ ରଖି ତାଙ୍କ ହାତଗୋଡ଼ ବାନ୍ଧି ଜେଲର ନିର୍ଘାତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ୪ଦିନ ତଳେ ଜେଲରୁ ଜାମିନରେ ମୁକୁଳିଥିବା ଗିରିଜା ଶଙ୍କର ସେଠୀ ଏହି ଘଟଣା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେ ସୋମବାର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଡିଜିପି ଏବଂ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରି କି ତାଙ୍କୁ ମାଡ଼ ଯୋଗୁ ପିଠିରେ ହୋଇଥିବା ଦାଗକୁ ଗଣମାଧ୍ୟମ ଆଗର ଦେଖାଇଥିଲେ। ଏନେଇ ନୟାଗଡ଼ ଜେଲର ବାବୁଲି ବାରିକ କହିଛନ୍ତି, ବନ୍ଦୀମାନେ ଯେଉଁ ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଜେଲ ଭିତରକୁ ସେମାନେ ବେଆଇନ୍ ଭାବେ ବିଭିନ୍ନ ସାମଗ୍ରୀ ପ୍ରବେଶ କରିବାକୁ ଚାପ ପକାଉଥିଲେ। ଜେଲ ବାହାରୁ ସ୍ୱେଶାଲ ଖାଇବା ସହ ଫୋନ୍‌ରେ କଥା ହେବାକୁ ସୁଯୋଗ ଦେବାକୁ କହୁଥିଲେ। ତାହାକୁ ମନା କରିବାକୁ ସେମାନେ ଜାଣିଶୁଣି ଜେଲ କର୍ମଚାରୀଙ୍କୁ ମାଡ଼ ମାରିଥିବା ସେ କହିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାବୁ


@ କ୍ରିଷ୍ଣା


@ ମିଟୁ


@ ଶଶିକାନ୍ତ


@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପାରଦର୍ଶୀ ପୋର୍ଟାଲ ପଞ୍ଜୀକରଣରୁ ବାଦ୍‌ପଡ଼ିଲା ଅଣସ୍ୱୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟ

ଭୁବନେଶ୍ୱର,୨।୩(ସୁଚିସ୍ମିତା ସାହୁ)

**ସ୍ୱାଗତ କଲା ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ**

ଚଳିତବର୍ଷ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପାରଦର୍ଶୀ ପୋର୍ଟାଲରେ ପଞ୍ଜୀକରଣ ବ୍ୟବସ୍ଥାରୁ ଅଣସ୍ୱୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ବାଦ୍ ଦିଆଯାଇଛି। ଏହି ନିଷ୍ପତ୍ତିକୁ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ପକ୍ଷରୁ ସ୍ୱାଗତ କରାଯାଇଛି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଫେଡେରେଶନ ପକ୍ଷରୁ କରାଯାଇଥିବା ଦାବି ଅନୁଯାୟୀ ବିଭାଗ ପଦକ୍ଷେପ ନେଇଛି। ଏଥିପାଇଁ ବିଭାଗୀୟ ଶାସନ ସଚିବଙ୍କୁ ଧନ୍ୟବାଦପତ୍ର ଦିଆଯାଇଛି ବୋଲି ଫେଡେରେଶନ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ସୋମବାର ଜଣାଇଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁଯାୟୀ ବେସରକାରୀ ବିଦ୍ୟାଳୟରେ ଆର୍ଥିକ ଅନଗ୍ରସର ପିଲାଙ୍କ ନିଃଶୁଳ୍କ ଶିକ୍ଷାଦାନ ନିମନ୍ତେ ୨୫% ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି। ଶିକ୍ଷା ଅଧିକାର ଆଇନ ଧାରା-୧୮ ଅନୁସାରେ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ସିଓଆର୍ ପାଇଥିବା ବିଦ୍ୟାଳୟଗୁଡ଼ିକ ହିଁ ପାରଦର୍ଶୀ ପୋର୍ଟାଲରେ ନାମ ପଞ୍ଜୀକୃତ କରିପାରିବେ। କିନ୍ତୁ ବିଗତବର୍ଷଗୁଡ଼ିକରେ ଏହି ନିୟମ ଅଣଦେଖା କରି ଅଣସ୍ୱୀକୃତପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ପଞ୍ଜୀକରଣରେ ସାମିଲ କରାଯାଇଥିଲା। ଫଳରେ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭଡ଼ାଘରେ ଚାଲୁଥିବା କିଛି ବିଦ୍ୟାଳୟ ମଧ୍ୟ ଅତ୍ୟାଧିକ ଭଡ଼ା ନିମନ୍ତେ ବନ୍ଦ କରିଦେବାରୁ ସେଠାରେ ପାଠ ପଢୁଥିବା ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହୋଇଥିଲେ। ଏନେଇ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ବିଭାଗର ସଚିବ, ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଯିବା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ନିମନ୍ତେ ଅଭିଭାବକମାନେ ଦାବି ଉପସ୍ଥାପନ କରିଥିଲେ। ଫେଡେରେଶନ ଉପଦେଷ୍ଟା ନାଗାର୍ଜୁନ ସେଠୀ, ସମ୍ପାଦକ ରମେଶ ଭାରତୀ, ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ, ନିର୍ମଳ ରାଉତ, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ପ୍ରିୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ-କାନାଡା ୟୁରାନିୟମ ଚୁକ୍ତିନାମା

## ୫୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ

ନୂଆଦିଲ୍ଲୀ,୨।୩(ପି.ଟି.)

ୟୁରାନିୟମ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଲାଗି ଭାରତ ଓ କାନାଡା ମଧ୍ୟରେ ସୋମବାର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବିସ୍ତୃତ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା ନେଇ ଖୁବ୍‌ଶୀଘ୍ର ସହମତିରେ ପହଞ୍ଚିବାକୁ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାର୍ଷିକ ବାଣିଜ୍ୟ କାରବାର ୫୦ ବିଲିୟନ ଡଲାରରେ ପହଞ୍ଚାଇବା ସମେତ ସମ୍ପର୍କ ବଢ଼ାଇବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ କାନାଡା ପ୍ରତିପକ୍ଷ ମାର୍କ କାର୍ନି ନୂଆ ଢାଞ୍ଚା ଚୂଡ଼ାନ୍ତ କରିଛନ୍ତି। ୪ ଦିନିଆ ଭାରତ ଗସ୍ତରେ ଥିବା କାର୍ନିଙ୍କ ସହ ମୋଦି ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି, କ୍ଷୁଦ୍ର ଓ ମଡ୍ୟୁଲାର ଆଣବିକ ରିଆକ୍ଟର, ଶିକ୍ଷା, ପୁନଃ ନବୀକରଣଯୋଗ୍ୟ ଶକ୍ତି ଆଦି କ୍ଷେତ୍ରରେ ସହଯୋଗ ବଢ଼ାଇବା ନେଇ ଆଲୋଚନା କରିଥିଲେ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏବେ ନୂଆ ଶକ୍ତି, ପାରସ୍ପରିକ ବିଶ୍ୱାସ ଏବଂ ସକାରାତ୍ମକତାରେ ପରିପୂର୍ଣ୍ଣ ବୋଲି ମୋଦି କହିଛନ୍ତି। ୨.୬ ବିଲିୟନ ଡଲାର ମୂଲ୍ୟର ୟୁରାନିୟମ ଯୋଗାଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବାରୁ ଭାରତର ବେସାମରିକ ଆଣବିକ ଶକ୍ତି ସେକ୍ଟର ପାଇଁ ଏହା ସହାୟକ ହେବାକୁ ଯାଉଛି। ଆତଙ୍କବାଦ, ଉଗ୍ରବାଦ ଏବଂ ଚରମପନ୍ଥୀକରଣ କେବଳ ଭାରତ ଏବଂ କାନାଡା ପାଇଁ ନୁହେଁ ବରଂ ସମଗ୍ର ମାନବ ଜାତି ପାଇଁ ଗମ୍ଭୀର ଆହ୍ୱାନ ବୋଲି ଉଭୟ ଦେଶ ସହମତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବୈଶ୍ୱିକ ଶାନ୍ତି ଓ ସ୍ଥିରତା ପାଇଁ ଦୁଇ ଦେଶ ଏହିସବୁ ଚ୍ୟାଲେଞ୍ଜ ବିରୋଧରେ ପରସ୍ପରକୁ ସହଯୋଗ କରିବେ।

ଆକ୍ରମଣ ଯୋଗୁ ପଶ୍ଚିମ ଏସିଆରେ ସୃଷ୍ଟ ବିପଜ୍ଜନକ ସୁରକ୍ଷା ସ୍ଥିତିକୁ ନେଇ ଉଭୟ ମୋଦି ଓ କାର୍ନି ବିଚାରବିମର୍ଶ କରିଥିଲେ। ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ଆମ ପାଇଁ ଗମ୍ଭୀର ଚିନ୍ତାଜନକ। ଆଲୋଚନା ଏବଂ କୂଟନୀତି ଜରିଆରେ ସମସ୍ତ ଦ୍ୱନ୍ଦ୍ୱର ସମାଧାନକୁ ଭାରତ ସମର୍ଥନ କରେ। ଉକ୍ତ ଅଞ୍ଚଳରେ ଥିବା ଭାରତୀୟମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଆମେ ସବୁ ଦେଶ ସହ ଏକାଠି କାମ କରିବୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କାନାଡ଼ା ପ୍ରତିପକ୍ଷ ମାର୍କ କାର୍ନିଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଚୁକ୍ତିନାମା ହସ୍ତାନ୍ତର ହେଉଛି।

# ନୁର୍ ଖାନ୍ ଏୟାରବେସ୍‌ରେ ତାଲିବାନ୍‌ର ଆକ୍ରମଣ

ଇସ୍‌ଲାମାବାଦ,୨।୩

ଅପରେଶନ ସିନ୍ଦୂର ବେଳେ ଭାରତୀୟ ସେନାର ଏୟାରଷ୍ଟ୍ରାଇକ୍‌ରେ କ୍ଷତିଗ୍ରସ୍ତ ହୋଇଥିବା ପାକିସ୍ତାନର ରାୱଲପିଣ୍ଡିସ୍ଥିତ ନୁର୍ ଖାନ୍ ଏୟାରବେସ୍‌ରେ ପୁନଃ ନିର୍ମାଣ କାମ ଚାଲିଥିବାବେଳେ ଆଫଗାନିସ୍ତାନର ତାଲିବାନ୍ ସେନା ସୋମବାର ସେଠାରେ ଡ୍ରୋନ୍ ମାଡ଼ କରିଛି। ପାକିସ୍ତାନୀ ସେନା ଏୟାରବେସ୍‌ରେ ଥିବା କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟରକୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଛି। ଫଳରେ ଉକ୍ତ ଏୟାରବେସ୍ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ କ୍ୱେଟାସ୍ଥିତ ଦ୍ୱାଦଶ ଡିଭିଜନ ହେଡ୍‌କ୍ୱାର୍ଟର୍ସ ଓ ଖାଇବର ପାଖ୍‌ତୁନ୍‌ଖ୍ୱାରେ ଥିବା ପାକିସ୍ତାନୀ ସାମରିକ ସ୍ଥଳରେ ମଧ୍ୟ ଆଫଗାନ୍ ସେନା ଆକ୍ରମଣ କରିଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

ଏହାର ଜବାବରେ ପାକ୍ ସେନା ଆଫଗାନିସ୍ତାନର ଗୁଳିଗୋଳା ଡିପୋକୁ ଧ୍ୱଂସ କରିଦେଇଛି। ଗତ ସପ୍ତାହରୁ ପାକିସ୍ତାନ ଆଫଗାନିସ୍ତାନ ବିରୋଧରେ ଅପରେଶନ ଘଜବ ଲିଲ୍ ହକ୍ ଚଳାଇଥିବାବେଳେ ଏଥିରେ ଆଫଗାନିସ୍ତାନର ୪୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୫୮୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି।

# ପାକିସ୍ତାନର ବିଭିନ୍ନ ଅଞ୍ଚଳରେ କର୍ଫ୍ୟୁ

ଇସ୍‌ଲାମାବାଦ,୨।୩

ଆମେରିକା-ଇସ୍ରାଏଲ୍ ମିଳିତ ଆକ୍ରମଣରେ ଶନିବାର ଇରାନର ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହେବା ଘଟଣାକୁ ନେଇ ରବିବାର ପାକିସ୍ତାନର ବିଭିନ୍ନ ସ୍ଥାନରେ ବିକ୍ଷୋଭ ବେଳେ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ପାକିସ୍ତାନର ବିଭିନ୍ନ ଅଞ୍ଚଳରେ ସେନା ମୁତୟନ କରାଯିବା ସହ ୩ ଦିନିଆ କର୍ଫ୍ୟୁ ଜାରି ହୋଇଛି। ପାକିସ୍ତାନରେ ଥିବା ଆମେରିକା ଦୂତାବାସ ଓ ବାଣିଜ୍ୟିକ ଦୂତାବାସଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ଗିଲ୍‌ଗିଟ୍, ସ୍କର୍ଦୁ ଏବଂ ଶିଗାରରେ ବିକ୍ଷୋଭ ବେଳେ ଜଣେ ସୁରକ୍ଷା କର୍ମୀ ଏବଂ ୧୨ ଜଣ ବିକ୍ଷୋଭକାରୀ ନିହତ ହେବା ସହ କେତେଜଣ ଆହତ ହୋଇଥିଲେ। ସେଠାରେ ସୋମବାର ସକାଳଠାରୁ କର୍ଫ୍ୟୁ ବଳବତ୍ତର ରହିଛି। ସେହିପରି କରାଚୀସ୍ଥିତ ଆମେରିକା କନ୍‌ସୁଲେଟ୍ ବାହାରେ ବିକ୍ଷୋଭ ବେଳେ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେହିପରି ରାଜଧାନୀ ଇସ୍‌ଲାମାବାଦରେ ୨ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା।


## ଦ୍ୱାଦଶ ଜନ୍ମବାର୍ଷିକୀ ଶୁଭେଚ୍ଛା



ପ୍ରିୟାଂଶୁ ସ୍ୱାଇଁ

ଧନରେ, ଆଜି ପବିତ୍ର ଦୋଳ ଚତୁର୍ଦ୍ଦଶୀରେ ତୋର ଜନ୍ମଦିନ ଅବସରରେ ସମଗ୍ର ସ୍ୱାଇଁ ପରିବାର ଆନନ୍ଦିତ। ଏହି ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗତଜନନୀ ମା' ଶାରଳାଙ୍କ ପାଖରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେବା ସଙ୍ଗେ ଦୀର୍ଘ ଜୀବନ କାମନା କରୁଛୁ।

ଇତି:- ତୋର ଜେଜେମା', ଜେଜେବାପା ଓ ପାପା, ମାମା।

ଧ-୩୪୯୩


# ବିଚାରପତି ଏଆଇ ପ୍ରସ୍ତୁତ ରାୟ ଆଧାରରେ ନିଷ୍ପତ୍ତି ନେବା ଅପବ୍ୟବହାର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୩(ପି.ଟି.)

ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଦ୍ୱାରା ସୃଷ୍ଟ ନକଲି ରାୟ ଉପରେ ନିମ୍ନ ଅଦାଲତ ନିର୍ଭର କରିବାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। ଏଭଳି ଭିତ୍ତିହୀନ ରାୟ ଆଧାରରେ ନିଷ୍ପତ୍ତି ନେବା କେବଳ ଭୁଲ୍ ନୁହେଁ ବରଂ ଏହା ବୃତ୍ତିଗତ ଅପବ୍ୟବହାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ ପି.ଏସ୍. ନରସିଂହା ଏବଂ ଆଲୋକ ଆରାଢ଼େଙ୍କ ଖଣ୍ଡପୀଠ ଉକ୍ତ ମାମଲାକୁ ସବିଶେଷ ଅନୁଧ୍ୟାନ କରିବେ ବୋଲି କହିବା ସହ ଅର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆକୁ ନୋଟିସ ଜାରି କରିଛନ୍ତି। ଏହି ମାମଲାରେ ସହାୟତା ପାଇଁ ଅଦାଲତ ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନଙ୍କୁ ନିଯୁକ୍ତ କରିଛନ୍ତି।



ଏଭଳି ରାୟ ଦେବା ଅସଦାଚରଣ ଏବଂ ଏଥିପାଇଁ ଆଇନଗତ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ଜାନୁଆରୀ ରାୟକୁ ଚ୍ୟାଲେଞ୍ଜକରି ଦାଏର ପିଟିଶନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଉପରୋକ୍ତ ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇଥିଲେ। ମାମଲାର ମେରିଟ୍ ଉପରେ ନିଆଯାଇଥିବା ନିଷ୍ପତ୍ତି ପାଇଁ ନୁହେଁ, ବରଂ ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ନେଇ ଆନୁଷ୍ଠାନିକ ଉଦ୍‌ବେଗର ବିଷୟ ହୋଇଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଏକ ସମ୍ପତ୍ତି ବିବାଦ ଉପରେ ନିମ୍ନ ଅଦାଲତ ଗତବର୍ଷ ଅଗଷ୍ଟରେ ପକ୍ଷଙ୍କ ଅଭିଯୋଗକୁ ଅଗ୍ରାହ୍ୟକରି ଏକ ନିର୍ଦ୍ଦିଷ୍ଟ ରାୟ ଆଧାରରେ ନିଷ୍ପତ୍ତି ନେଇଥିଲେ। ତଳକୋର୍ଟର ରାୟକୁ ଆବେଦନକାରୀ ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଯେଉଁ ରାୟ ଆଧାରରେ ନିମ୍ନ ଅଦାଲତ ରାୟ ଦେଇଛନ୍ତି ତାହା ଜାଲ୍ ଏବଂ ତାହାର କୌଣସି ଅସ୍ତିତ୍ୱ ନାହିଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ହାଇକୋର୍ଟ ଆପତ୍ତି ଅଭିଯୋଗକୁ ବିଚାର କରିବା ପରେ ରାୟ ଏଆଇ ପ୍ରସ୍ତୁତ ବୋଲି ଜାଣିବାକୁ ପାଇଥିଲେ। ହାଇକୋର୍ଟ ଏନେଇ ସତର୍କ କରାଇବା ସହ ମାମଲାର ମେରିଟ୍‌କୁ ବିଚାର କରି ସିଭିଲ୍ ରିଭିଜନ ପିଟିଶନକୁ ଖାରଜ କରିଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଇପିଏଫ୍ ସୁଧ ୮.୨୫%ରେ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୨।୩(ପି.ଟି.)

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) କ୍ରମାଗତ ତୃତୀୟ ବର୍ଷ ପାଇଁ ଇପିଏଫ୍ ଜମା ଉପରେ ସୁଧ ହାର ୮.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ୨୦୨୫-୨୬ ବର୍ଷରେ ହୋଇଥିବା ଜମା ଉପରେ ଏହି ହାରରେ ସୁଧ ମିଳିବ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏକ ବିବୃତିରେ କୁହାଯାଇଛି। ଗତବର୍ଷ ଫେବୃଆରୀରେ ଇପିଏଫ୍‌ଓ ୨୦୨୪-୨୫ ବର୍ଷ ପାଇଁ ଇପିଏଫ୍ ସୁଧହାର ୮.୨୫% ବଜାୟ ରଖିଥିଲେ। ୨୦୨୨-୨୩ରେ ସୁଧହାର ୮.୧୫ ପ୍ରତିଶତ ଥିବାବେଳେ ୨୦୨୩-୨୪ ବର୍ଷ ପାଇଁ ଏହାକୁ ୮.୨୫ ପ୍ରତିଶତକୁ ବଢ଼ାଇ ଦିଆଯାଇଥିଲା। କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ସୋମବାର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ ବସି ୨୦୨୫-୨୬ ବର୍ଷ ପାଇଁ ଇପିଏଫ୍ ଜମା ଉପରେ ବାର୍ଷିକ ସୁଧହାର ୮.୨୫% ରଖିବା ପାଇଁ ସୁପାରିସ୍ କରାଯାଇଛି।

# ରାସାୟନିକ କାରଖାନାରୁ ଗ୍ୟାସ୍ ଲିକ୍: ୨,୬୦୦ ଲୋକ ସ୍ଥାନାନ୍ତର

ପାଲ୍‌ଘର,୨।୩

ମହାରାଷ୍ଟ୍ର ପାଲ୍‌ଘର ଜିଲାରେ ଥିବା ଏକ ରାସାୟନିକ କାରଖାନାରୁ ସୋମବାର ଅପରାହ୍ନରେ ବିଷାକ୍ତ ଓଲିଅମ୍ ଗ୍ୟାସ୍ ଲିକ୍ ହେବାରୁ ୧,୬୦୦ ସ୍କୁଲ୍ ପିଲାଙ୍କ ସମେତ ୨,୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଗ୍ୟାସ୍ ସଂସ୍ପର୍ଶରେ ଆସିଥିବା କେତେଜଣ ଆଖି ଜଳାପୋଡ଼ା ହେଉଥିବା ଅଭିଯୋଗ କରିଛନ୍ତି। ଭାଗେରିଆ ଇଣ୍ଡଷ୍ଟ୍ରିଜ୍ ଲିଃରୁ ଗ୍ୟାସ ଲିକ୍ ଯୋଗୁ ୫ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳ ପ୍ରଭାବିତ ହୋଇଛି। ଜୋର୍‌ରେ ପବନ ବହୁଥିବାରୁ କିଛି ସମୟ ମଧ୍ୟ ଗ୍ୟାସ୍ ଦ୍ରୁତ ବେଗରେ ଅଧିକ ଅଞ୍ଚଳକୁ ବ୍ୟାପିଯାଇଥିଲା। ଫଳରେ ଶିଳ୍ପାଞ୍ଚଳର କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଗ୍ୟାସ୍ ଲିକ୍‌ର କାରଣ ଜଣାପଡ଼ିନାହିଁ।


# Classified Everyday

0674-2580101, 9692975378



## REAL ESTATE SALE

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ଫ୍ଲାଟ୍ କିଣି immediate ଘର କରନ୍ତୁ। 9439363944. D-3495

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ଫ୍ଲାଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

## CONSTRUCTION

Construct your home with Colour Tile Plaster, Electrical, PHD, Door Complete 1350/-. 9827152441. D-3508

## HEALTH CARE

Newly opening full body massage best therapist. Contact- 7608935949. D-3504

All types of physiotherapy and massage contact 9556924059 / 7656969134. D-3523

## LOST

I, Snehalata Bag, W/o.- Sitaram Bag, R/o. At- Ward No. 09, N.A.C, P.O./P.S.- Khariar, District- Nuapada (Odisha) have lost the original registered sale deed bearing document No. 11431701576 dated 28.07.2017 (Khata No.448/1171, Mouza- Gadramunda) on the way near Guru Nanak Chowk on 25.02.2026. Despite of my best efforts, I could not trace out the same. D-3538

ଏଠାରେ ଜଣାଇ ଦିଆଯାଉଛି ଯେ ଲଳିତା ଦାଶ @ ତ୍ରିପାଠୀଙ୍କ ଦ୍ୱାରା ୦୭।୧୨।୨୦୧୨ ରେ ଯୋସେଫ ନାରାୟଣ ସାହୁଙ୍କ ସପକ୍ଷରେ ସମ୍ପାଦିତ ମୂଳ ପଞ୍ଜୀକୃତ ବିକ୍ରୟ ଡିଡ୍ ନମ୍ବର-୧୧୬୨୧୨୦୨୬୭୪, ମୁଁ ୨୮।୦୨।୨୦୨୬ ଦିନ ଅପରାହ୍ନ ୩.୩୦ ସମୟରେ ମୋ ପୁଅ ବିଶ୍ୱକର୍ମା ଶୁଭାଂଶୁ ଚନ୍ଦ୍ରଶେଖରଙ୍କ ଘରକୁ AT- ଶିଭୋମ କଲୋନି, P.O.- ବୁଢ଼ାରାଜା, P.S.- ଅଇଁଠାପାଲି, ଜିଲ୍ଲା- ସମ୍ବଲପୁର, PIN- ୭୬୮୦୦୪ ମୋ ବାସଭବନ AT/P.O.- ବୁଢ଼ାରାଜା, P.S.- ଅଇଁଠାପାଲି ଜିଲ୍ଲା- ସମ୍ବଲପୁର, PIN- ୭୬୮୦୦୪ ରୁ ଯିବା ବାଟରେ ହଜିଯାଇଛି। ଯଦି ମିଳେ ତେବେ ମୁଁ ଆପଣଙ୍କୁ ମୋତେ ହସ୍ତାନ୍ତର କରିବାକୁ ଏବଂ ଅପବ୍ୟବହାର ନ କରିବାକୁ ଅନୁରୋଧ କରୁଛି।
ଅସିସ୍ କୁମାର ପଟ୍ଟନାୟକ,
ମୋବାଇଲ୍: ୯୪୩୮୦୮୬୭୭୫ ଧ-୩୫୪୧

ମୁଁ, ସୁନିଲ କୁମାର ପରିଜା, ପିତା- ମଥୁରା ନନ୍ଦ ପରିଜା, ସା.- କମଳା ନେହେରୁ କଲେଜ, ଅଶୋକ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଏତଦ୍ୱାରା ଜଣାଉଅଛିକି ହିନ୍ଦୋଳ ରୋଡ୍ ବଜାରରେ ବୁଲିବା ସମୟରେ ମୋର ପାସ୍‌ପୋର୍ଟଟି କେଉଁଠାରେ ହଜିଯାଇଛି। ମୁଁ ଏ ସମ୍ପର୍କରେ ହିନ୍ଦୋଳ ରୋଡ୍ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀଙ୍କ ପାଖରେ F.I.R. Lodge କରିଅଛି। F.I.R. No. 4 dtd. 29.01.26 ଅଟେ। Passport No. E8865246. D-3536

## AFFIDAVIT

I, Tanushree Das, W/o.- Ambika Prasad Das, Resident of House No. 69E-003, Sriram Nagar, Chandi Colony, Khordha, Odisha 752055 declare by this affidavit No.- 79AA390848, Dated 25.11.2025 before Executive Magistrate, Bhubaneswar, Odisha. That now onwards I shall be known as Tanushree Pattanaik for all future purpose. D-3528

I, T. Sonam Rani Patro, W/o.- Asish Patra, aged 29, residing at Plot No. 930, Madhusudan Nagar have changed my name from T. Sonam Rani Patro to Sonam Patra via affidavit No. 15AA 530985 dated 27.03.2025 issued by Executive Magistrate, Bhubaneswar. Henceforth, I shall be known as Sonam Patra for all future purposes. D-3537

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar, Date- 31 October 2025, I, ANWESHA PURI, At- New Colony, Sector- 7, Bramhapur, 42 Mouza, P.O.- Bentkar, P.S.- Cuttack Sadar, Dist.- Cuttack, PIN- 754112 declare that I have changed my name from FARHA AHMED to ANWESHA PURI. Henceforth, I shall be known as ANWESHA PURI for all purposes.
ANWESHA PURI D-3529

By virtue of an affidavit sworn before Notary Public, dated 27th Feb. 2026 I, Praska Lakhmiamma, Address At: Silitiguda Village: Kotapeta, P.O.-Kotapeta, Dist.: Rayagada, Odisha, 765017, declare that I have changed my name from Saraka Lakhmiamma to Praska Lakhmiamma. Henceforth, I shall be known as Praska Lakhmiamma for all purposes.
Praska Lakhmiamma D-3532

I, Madhusmita Pattnaik, W/o.- Sunil Kumar Parija, resident of At- Uttaramunda Muhan, Janla, P.S.- Infovalley, Dist.- Khordha, PIN- 752054 declared by this affidavit No.- 15AA 201177, dtd.- 28.02.2026 that now onwards I shall be known as Madhusmita Parija for all future purposes. D-3535

By virtue of an affidavit sworn before the Executive Magistrate, Boudh, No. 822, Dtd.- 16.05.2025, I, Ashok Kumar Behera, R/o. Village/P.O./P.S.- Baunsuni, Dist.- Boudh, Odisha, PIN- 762015 declare that I have changed the name of my daughter from Purnam Behera to Punam Behera. Henceforth, she shall be known as Punam Behera for all purposes.
Ashok Kumar Behera D-3539

By virtue of an affidavit sworn before the Notary Public, Saintala, dtd.- 27.02.2026, I, Bhakta Rout, S/o.- Late Kuladhar Bhoi, R/o. Village- Penderamal, P.O.- Gandapatrapali, P.S.- Saintala, Dist.- Balangir (Odisha), PIN- 767032 declare that now I have changed my name from Bhakta Bhoi to Bhakta Rout. Henceforth, I shall be known as Bhakta Rout for all purposes.
Bhakta Rout D-3530

By virtue of an affidavit sworn before the Notary Public, Saintala, dtd.- 27.02.2026, I, Jyoti Bhushan Mahakur, S/o.- Upendra Mahakur, R/o. Village- Gandapatrapali, P.O.- Gandapatrapali, P.S.- Saintala, Dist.- Balangir (Odisha), PIN- 767032 declare that now I have changed my name from Jyotibhushan Mahakur to Jyoti Bhushan Mahakur. Henceforth, I shall be known as Jyoti Bhushan Mahakur for all purposes.
Jyoti Bhushan Mahakur D-3531

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ରବିନାରାୟଣ ମିଶ୍ର

ଭୁବନ ଶାସନ, ଏନ୍ ଏ ଏସି ୱାର୍ଡ ନଂ.୦୪, ଢେଙ୍କାନାଳ

ଆବିର୍ଭାବ: ୨୫।୦୧।୧୯୪୯
ତିରୋଧାନ: ୧୩।୦୩।୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ବନ୍ଧୁ ଓ ପରିବାରବର୍ଗ ।

ଧ-୩୫୪୨

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି (୦୪।୦୩।୨୬)



ଂ ଶ୍ରୀ ପୁରୁଷୋତ୍ତମ ପରିଡ଼ା

ଜଗତ୍‌ପୁର, କଟକ

ଆବିର୍ଭାବ- ୦୮।୦୨।୧୯୫୦
ତିରୋଧାନ- ୨୨।୦୨।୨୦୨୬

ତୁମର ଅପ୍ରତ୍ୟାଶିତ ବିୟୋଗରେ ଆମ୍ଭେ ଗଭୀର ମର୍ମାହତ ଓ ଦୁଃଖିତ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

-:ଶୋକସନ୍ତପ୍ତ:-

ପରିଡ଼ା ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

ଧ-୩୫୩୩

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଂ ବାଇଧର ବେହେରା

କୁସ୍ତିରା, ଅଣ୍ଟିଆ, ଧର୍ମଶାଳା

ଆବିର୍ଭାବ- ୦୭।୦୮।୧୯୪୪
ତିରୋଧାନ- ୨୨।୦୨।୨୦୨୬

ତୁମ ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-

ପତ୍ନୀ- ଉର୍ମିଳା ବେହେରା, ପୁତ୍ର-ପୁତ୍ରବଧୂ: ବେଣୁଧର- ଅନୁ, ମାନସ- ରିଙ୍କି, ଝିଅ- ଜ୍ୱାଇଁ, ନାତି- ନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଧ-୩୫୪୪

### ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଉତ୍ତମ ପଡ଼ୋଶୀ

**ଯଦି ଆପଣଙ୍କର ପଡ଼ୋଶୀ ଭଲ, ତେବେ ଆପଣ ଭାଗ୍ୟବାନ୍। ପଡ଼ୋଶୀ ଆପଣଙ୍କର ଧ୍ୟାନ ରଖି ମାନସିକ ସୁରକ୍ଷା କେବଳ ଦେଇ ନ ଥା'ନ୍ତି, ଏହାଦ୍ୱାରା ସକାରାତ୍ମକ ପରିବେଶ ଦେବା ସହିତ ସୁସ୍ଥ ଏବଂ ପ୍ରସନ୍ନ ରଖିଥା'ନ୍ତି। ଏଥିପାଇଁ ସବୁବେଳେ ପଡ଼ୋଶୀଙ୍କ ସହ ଭଲ ସମ୍ପର୍କ ରଖନ୍ତୁ...**



ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ରହିଲେ ତାହା ନିଜ ତଥା ନିଜ ପରିବାର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ପଡ଼ୋଶୀ ସୁଖଦୁଃଖରେ ପାଖରେ ଠିଆ ହୋଇଥାଆନ୍ତି। ଅସମୟରେ କିଛି ଦରକାର ପଡ଼ିଲେ ସେମାନଙ୍କର ସାହାଯ୍ୟ ଲୋଡ଼ା ପଡ଼ିଥାଏ। ଏମାନଙ୍କ ସହ ସମ୍ପର୍କ ଯେତେ ନିବିଡ଼ ରହିବ, ସେତେ ଭଲ। କେବଳ ସାଧାରଣ ଜୀବନରେ ନୁହେଁ, ବିଭିନ୍ନ ପର୍ବପର୍ବାଣି ପାଳନ, ଉତ୍ସବ, ବିବାହ, ବ୍ରତଘର ଆଦିରେ ସେମାନେ ସହଯୋଗର ହାତ ବଢ଼ାଇଥାଆନ୍ତି। ଯଦି ସେମାନଙ୍କ ସହ ସମ୍ପର୍କ ଠିକ୍ ନ ଥାଏ, ତେବେ ଠିକ୍ ସମୟରେ ସେମାନଙ୍କର ସହଯୋଗ ଆଶା କରିବା ବୃଥା। ତେବେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିଲେ ତାହାର କେତୋଟି ସୁପ୍ରଭାବ ଦେଖିବାକୁ ମିଳିଥାଏ। ଜାଣନ୍ତୁ ସେ ସମ୍ପର୍କରେ...

### ମାନସିକ ସୁସ୍ଥତା

ଆଜି ଯାହାକୁ ଦେଖିବ ସେମାନେ ଅବସାଦଗ୍ରସ୍ତ। ଏହାର ବହୁତ ବଡ଼ କାରଣ ହେଲା ଏକୁଟିଆ ରହିବା। ଏଥିରୁ ବାହାରିବାକୁ ହେଲେ ଆମକୁ ସାମାଜିକ ରୂପରେ ମଜଭୁତ ହେବା ଆବଶ୍ୟକ। ଯାହାଫଳରେ ସାମାଜିକ ଏବଂ ଶାରୀରିକ ଗତିବିଧିକୁ ପ୍ରୋତ୍ସାହିତ କରିଥିବା ଲୋକମାନଙ୍କର ଭୂମିକା ମୁଖ୍ୟ ହୋଇଯାଇଥାଏ। ପାଖପଡ଼ିଶାଙ୍କ ସୁସ୍ଥ ବାତାବରଣ ଆମ ଜୀବନରେ ଅନେକ ପ୍ରକାର ପ୍ରଭାବ ପକାଇଥାଏ। ଏକୁଟିଆ ରହିବା, ନିଜ ପଡ଼ୋଶୀମାନଙ୍କ ସହିତ କଥା ନ ହେବା, ମାନସିକ ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ। ଦୂର ସମ୍ପର୍କୀୟଙ୍କ ସହିତ ଭଲ ସମ୍ପର୍କ ରଖିବା ଠିକ୍। କିନ୍ତୁ ଯଦି ଆପଣଙ୍କ ଆଖପାଖରେ ଥିବା ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିଲା, ଏହା କୌଣସି ବରଦାନଠୁ କମ୍ ନୁହେଁ। ଏହାର ଗୋଟିଏ ନୁହେଁ, ଅନେକ ଫାଇଦା ରହିଛି। ଆମକୁ ଏହା ନିଶ୍ଚିତ ଜାଣିବା ଜରୁରୀ।

### ବୟସ ବୃଦ୍ଧି

ମନୋବିଜ୍ଞାନୀଙ୍କ ମତରେ, ଖୁସି ରହିବା ଏବଂ ବ୍ୟସ୍ତ ରହିବା ଲମ୍ବା ଆୟୁଷ ପାଇଁ ଜରୁରୀ। କାହିଁକି ନା ଆପଣଙ୍କ ଭିତରେ ଥିବା ଆଗ୍ରହ ଏବଂ ଉତ୍ସୁକତା ବଢ଼ିଥାଏ। ଏହାଦ୍ୱାରା ଆପଣ ଦୀର୍ଘାୟୁ ହୋଇଥା'ନ୍ତି। ଏଥିପାଇଁ ଆମର ପଡ଼ୋଶୀ ବହୁତ ସାହାଯ୍ୟକାରୀ ହୋଇଥାଆନ୍ତି। ପାଖ ପଡ଼ିଶାଙ୍କ ସହିତ ଭଲ ସମ୍ପର୍କ ରଖିବାକୁ ହେଲେ ଦେଖାହେଲେ ହସିଦେବା, ଗୁରୁଜନ ବ୍ୟକ୍ତି ହୋଇଥିଲେ ତାଙ୍କୁ ନମସ୍କାର କରିବା, ସାହାଯ୍ୟ ମାଗିବା, ପଡ଼ିଶାଙ୍କ ସହ ମିଳିମିଶା ବଢ଼ାଇବା। ଲୋକଙ୍କ ସହିତ ସଂକ୍ଷିପ୍ତ ବାର୍ତ୍ତାଳାପ ତାଙ୍କୁ ଖୁସି ଦେଇଥାଏ।

### ସମସ୍ତଙ୍କୁ ମିଳିଥାଏ ଖୁସି

ଭଲ ଏବଂ ସୁସ୍ଥ ପରିବେଶ ସମସ୍ତଙ୍କ ପାଇଁ ଜରୁରୀ। ଏଥିରେ ପଡ଼ୋଶୀଙ୍କର ଭୂମିକା ବେଶି ରହିଥାଏ। ଭଲ ପଡ଼ିଶାର ମହତ୍ତ୍ୱ ଆମେ ସବୁଠାରୁ ଅଧିକ କରୋନା ସମୟରେ ଅନୁଭବ କରୁଥିଲେ। ଯେଉଁ କାରଣରୁ ପଡ଼ିଶା ଲୋକମାନେ ଏକୁଟିଆ ରହିବା ଅବସାଦରୁ ଦୂରେଇ ରହି ପାରୁଥିଲେ।

### ମିଳିଥାଏ ସୁରକ୍ଷା

ଆଖପାଖ ପଡ଼ୋଶୀ ସମ୍ପର୍କ ସୁରକ୍ଷା ଦୃଷ୍ଟିକୋଣରୁ ଭଲ ହେବା ଆବଶ୍ୟକ। କାହିଁକି ନା ଯେତେବେଳେ ଆପଣଙ୍କ ପଡ଼ିଶା ସହିତ ଭଲ ସମ୍ପର୍କ ରହିବ, ପଡ଼ିଶା ବି ଆପଣଙ୍କ ଘର ଉପରେ ନଜର ରଖିଥା'ନ୍ତି। ଯଦି ଆପଣ କୁଆଡ଼େ ବୁଲିବାକୁ ଯାଉଛନ୍ତି, ତେବେ ପଡ଼ୋଶୀଙ୍କୁ ଏ ବିଷୟରେ ଖବର ଦେଇଥା'ନ୍ତୁ ଯେ ଆମ ଘର ଉପରକୁ ଟିକେ ନଜର ରଖିଥିବେ। କୌଣସି ଅଜଣା ସନ୍ଦିଗ୍ଧ ବ୍ୟକ୍ତିଙ୍କ ବିଷୟରେ ତୁମମାନଙ୍କୁ ସୂଚନା ଦେଇଥା'ନ୍ତି। ଆପଣଙ୍କ ଅନୁପସ୍ଥିତିରେ ଅବାଞ୍ଛିତ ଗତିବିଧି ଉପରେ ନଜର ରଖି ପୋଲିସ୍‌କୁ ଖବର ଦେଇଥା'ନ୍ତି। ଫଳରେ ଆପଣଙ୍କୁ ଅସୁବିଧା ସମୟରେ ସାହାଯ୍ୟ କରିଥା'ନ୍ତି। ଖରାପ ସମୟରେ ବନ୍ଧୁ ପରିଜନଙ୍କ ପୂର୍ବରୁ ପଡ଼ୋଶୀମାନେ ହିଁ ସହାୟତା କରିଥା'ନ୍ତି।

### ମିଳିଥାଏ ସ୍ୱାସ୍ଥ୍ୟବର୍ଦ୍ଧକ ସକାରାତ୍ମକତା

ଯଦି ଆପଣଙ୍କୁ ସ୍ନେହୀ ମିତ୍ରବାନ୍ ପଡ଼ୋଶୀ ମିଳିଛନ୍ତି, ଏହା କୌଣସି ଆଶୀର୍ବାଦଠୁ କମ୍ ନୁହଁ। କାହିଁକି ନା ଶତ୍ରୁତାପୂର୍ଣ୍ଣ ପଡ଼ୋଶୀ ସହିତ ରହିବା ଦ୍ୱାରା ନକାରାତ୍ମକ ପରିବେଶ ସୃଷ୍ଟି ହୋଇଥାଏ। ଏହାର ପ୍ରଭାବ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡ଼ିପାରେ। କଳ୍ପନା କରନ୍ତୁ ଗୁରୁତ୍ୱପୂର୍ଣ୍ଣ ପରିବେଶ ଏବଂ କଠିନ ସମୟ କାମ ପରେ ଘରକୁ ଆସିଲେ ଯଦି ଆପଣଙ୍କର ଏପରି ପଡ଼ୋଶୀ ସହିତ ସାମ୍ନାସାମ୍ନି ହୋଇଯାଏ, ତେବେ ଆପଣଙ୍କ ମୁଡ୍ ବଦଳିବାକୁ ବେଶି ସମୟ ଲାଗିବ ନାହିଁ। ଏହାର ଓଲଟା ଯଦି ଆପଣ ଭଲ ପଡ଼ୋଶୀ ସହ ଭେଟ ହୁଏ, ତେବେ ତାଙ୍କ ସହ କଥା ହେବା ଦ୍ୱାରା କୌଣସି ଚିନ୍ତା ନଥାଏ। ଏହାଦ୍ୱାରା ମୁଡ୍ ଭଲ ରହିବ।





ଫ୍ୟାଶନ

## ହୋଲି ପାର୍ଟି ଲାଗି ପ୍ରସ୍ତୁତ ହେଉଥିଲେ...

**ରଙ୍ଗର ପର୍ବ ହୋଲି। ଦିନକ ପରେ ପ୍ରାୟ ସମସ୍ତେ ଏହି ପର୍ବକୁ ବେଶ୍ ଧୁମ୍‌ଧାମରେ ପାଳନ କରିବେ। ହୋଲି ପାର୍ଟି ପାଇଁ କିପରି ପ୍ରସ୍ତୁତ ହେବେ, ସେ ନେଇ ନିଶ୍ଚୟ ପ୍ରସ୍ତୁତି ଆରମ୍ଭ କରିଦେବେଣି। ତେବେ ଏହି ସମୟରେ କେଉଁ ପୋଷାକ ପିନ୍ଧିବେ, ସେ ନେଇ ନିଶ୍ଚୟ ପ୍ଲାନିଂ କରୁଥିବେ। ତେବେ ଏହି ସମୟରେ ନିମ୍ନଲିଖିତ ଟିପ୍ସ ଆପଣେଇପାରନ୍ତି....**



➤ହୋଲି କେବଳ ରଙ୍ଗର ପର୍ବ ନୁହେଁ। ଖୁସି ମନାଇବା, ସାଙ୍ଗମାନଙ୍କ ସହିତ ଏବଂ ପରିବାର ସହିତ ମିଶି ମସ୍ତି କରିବା ଲାଗି ଏହା ହେଉଛି ଉପଯୁକ୍ତ ଦିନ। ଯଦି ଆପଣ ଷ୍ଟାଇଲିଶ୍ ଏବଂ ଟ୍ରେଣ୍ଡି ଦେଖାଯିବାକୁ ଚାହାନ୍ତି, ତେବେ ସେହି ଅନୁଯାୟୀ ପୋଷାକ ଚୟନ କରନ୍ତୁ।

➤ହୋଲିରେ ଧଳା ଡ୍ରେସ୍ ପିନ୍ଧିବା ଟ୍ରେଣ୍ଡର ଚାହିଦା ଅଧିକ। ଯେତେବେଳେ ଧଳା ଡ୍ରେସ୍‌ରେ ରଙ୍ଗ ଲାଗିଲେ, ତାହା ଆହୁରି ସୁନ୍ଦର ଦେଖାଯାଇଥାଏ। ଆପଣ ଧଳା ଚିକନ୍‌କାରୀ କୁର୍ତ୍ତି, ଏହା ସହିତ ବ୍ଲୁ ଜିନ୍ସ କିମ୍ବା ହ୍ୱାଇଟ୍ ପ୍ଲାଜୋ ପିନ୍ଧିପାରିବେ। ଯଦି ଚାହୁଁଛନ୍ତି ଏହାସହିତ ରଙ୍ଗ ବେରଙ୍ଗର ଦୁପଟ୍ଟା ପକାଇପାରିବେ। ଯଦ୍ୱାରା ଆପଣଙ୍କ ଲୁକ୍ ଆହୁରି ଫ୍ରେଶ୍ ଲାଗିବ। ଏହି ଆଉଟ୍‌ଫିଟ୍ ସିମ୍ପଲ, ସୁନ୍ଦର ଏବଂ ପ୍ରତ୍ୟେକ ବୟସ୍କ ମହିଳାଙ୍କ ଲାଗି ପରଫେକ୍ଟ।

➤ଯଦି ଆପଣ ସମ୍ପୂର୍ଣ୍ଣ ଟ୍ରାଡିସିନାଲ କପଡ଼ା ପିନ୍ଧିବାକୁ ନ ଚାହାନ୍ତି, ତେବେ ଏକ ସିମ୍ପଲ ହ୍ୱାଇଟ୍ ଟି' ଶର୍ଟ ସହିତ ଜିନ୍ସ ଏବଂ ତା' ଉପରେ ରଙ୍ଗିନ ଏଥନିକ୍ ଜ୍ୟାକେଟ୍ ପିନ୍ଧନ୍ତୁ। ଏହାଦ୍ୱାରା ଆପଣଙ୍କ ଲୁକ୍ ଅଧିକ ହେଭି ଲାଗିବନି ଆଉ ସାଧାରଣ ଲାଗିବ। ଏହି ଷ୍ଟାଇଲ୍ ଅଫିସ୍, ପାର୍ଟି କିମ୍ବା କଲେଜ ହୋଲି ସେଲିବ୍ରେଶନ୍ ପାଇଁ ବହୁତ ଭଲ। ଏହାସହିତ ଫ୍ଲାଟ୍ସ କିମ୍ବା ସ୍ନିକର୍ସ ପିନ୍ଧନ୍ତୁ, ଯାହା ଫଳରେ ଆପଣ ଆରାମରେ ରଙ୍ଗ ଖେଳିପାରିବେ।

➤ସରାରା ସବୁବେଳେ ଫେଷ୍ଟିଭ୍ କପଡ଼ାରେ ପସନ୍ଦ କରାଯାଏ। କିନ୍ତୁ ଆପଣ ଏହାକୁ ଶର୍ଟ ଟପ୍ ହାଲୁକା ପେଷ୍ଟଲ ଶର୍ଟ ସହିତ ପିନ୍ଧିପାରିବେ। ଏହା ବହୁତ ଟ୍ରେଣ୍ଡି ଲାଗିଥାଏ। ଏହି ଆଉଟ୍‌ଫିଟ୍‌ରେ ଆପଣ ଷ୍ଟାଇଲିଶ୍ ଦେଖାଯିବେ । ଏହା ମଧ୍ୟ ପିନ୍ଧିବା ଲାଗି ଆରାମଦାୟକ ହୋଇଥାଏ।

– ଯଦି ଆପଣ ଆକର୍ଷଣୀୟ ଆଉଟଫିଟ୍ ପିନ୍ଧିବାକୁ ଚାହୁଁଛନ୍ତି, ତେବେ ଇଣ୍ଡୋ –ୱେଷ୍ଟର୍ନ ଜମ୍ପସୁଟ୍ ଟ୍ରାଏ କରିପାରିବେ। ଜମ୍ପସୁଟ୍ ଏମିତିରେ ୱେଷ୍ଟର୍ନ ଆଉଟ୍‌ଫିଟ୍। କିନ୍ତୁ ଯଦି ଏଥିରେ ହାଲୁକା ଏଥନିକ୍ ପ୍ରିଣ୍ଟ ରହିଛି, ତାହା ଫେଷ୍ଟିଭ୍ ଲୁକ୍ ଦେଇଥାଏ। ଏହି ଆଉଟ୍‌ଫିଟ୍ ଖାସ୍ ଏଥିପାଇଁ ଯେ, ଏଥିରେ ଅଧିକ ଆସେସରିଜ୍ ଆବଶ୍ୟକତା ପଡି ନ ଥାଏ। ହାଲୁକା ଜୁଏଲାରି ଏବଂ ଫ୍ଲାଟ୍ ଫୁଟ୍‌ୱେର ସହିତ ଆପଣ ଆରାମରେ ପୂରା ହୋଲି ପାର୍ଟିକୁ ଏଞ୍ଜୟ କରିପାରିବେ।

➤ଏଥନିକ୍ ପ୍ରିଣ୍ଟେଡ୍ ସ୍କର୍ଟ ସହିତ ଧଳା ଶର୍ଟ ପିନ୍ଧିବା ଏକ ବହୁତ ଷ୍ଟାଇଲିଶ୍ ଫ୍ୟୁଜନ୍ ଲୁକ୍ ଦେଇଥାଏ। ଆପଣ ଚାହିଁଲେ ଏଥିରେ ଟକ୍‌ଇନ୍ କରି ବେଲ୍ଟ ଲଗାଇ ପାରିବେ। ଏହା ସହିତ ଷ୍ଟେଟ୍‌ମେଣ୍ଟ ନେକ୍‌ଲେସ୍ କିମ୍ବା ବଡ଼ ଝୁମୁକା ପିନ୍ଧିପାରିବେ। ଏହି ଲୁକ୍‌ରେ ଆପଣ ଆହୁରି ସ୍ମାର୍ଟ ଦେଖାଯିବେ। ଅଫିସ୍ ହୋଲି ପାଇଁ ଏହା ପରଫେକ୍ଟ ଚଏସ୍ ହେବ।

➤ହୋଲିରେ ଫୁଲ୍ ସ୍ଲିଭ୍ ଏବଂ ଢିଲା କପଡ଼ା ପିନ୍ଧନ୍ତୁ, ଯାହାଫଳରେ ସ୍କିନ୍ ଅଧିକ ସୁରକ୍ଷିତ ରହିବ। କଟନ୍, ଲିନେନ ଭଳି ହାଲୁକା ଫ୍ରାବ୍ରିକ୍ ଚୟନ କରନ୍ତୁ, କାରଣ ଏହା ଓଦା ହେଲେ ଜଲ୍‌ଦି ଶୁଖିଯାଇଥାଏ। ପାଦରେ ଆରାମଦାୟକ ଫୁଟ୍‌ୱେର ପିନ୍ଧନ୍ତୁ, କାହିଁକି ନା ହୋଲିରେ ଖସିବାର ସମ୍ଭାବନା ରହିଛି। ଆଖିର ସୁରକ୍ଷା ଲାଗି ସନ୍‌ଗ୍ଲାସ ପିନ୍ଧନ୍ତୁ।

ଖାଦ୍ୟରୁଚି

## ହୋଲି ସ୍ପେଶାଲ ମଲାଇ ଲସି

**ଆବଶ୍ୟକ ସାମଗ୍ରୀ**

୨ କପ୍ ବସାଦହି, ୩–୪ ଚାମଚ ଚିନି, ୨ ଚାମଚ ମଲାଇ, ଏକ ଚତୁର୍ଥାଂଶ ଇଲାଇଚି ପାଉଡର, ୪–୫ଟି ଆଇସ୍ କ୍ୟୁବ୍, ୨–୩ ଚାମଚ ଥଣ୍ଡା କ୍ଷୀର, ସଜାଇବା ଲାଗି ଡ୍ରାଏ ଫ୍ରୁଟ୍ସ।

**ପ୍ରସ୍ତୁତି ପ୍ରଣାଳୀ**

ମିଲାଇ ଲସି ବନାଇବାକୁ ହେଲେ ଦହି ଗାଢ଼ା ଏବଂ ତାଜା ହେବା ନିହାତି ଆବଶ୍ୟକ। ଏକ ବଡ଼ ବାଓଲରେ ଦହି ପକାନ୍ତୁ ଏବଂ ତାକୁ ଗୋଳାଇବା ଲାଗି ମିକ୍ସଚରରେ ପକାନ୍ତୁ। ଦହିକୁ ସେପର୍ଯ୍ୟନ୍ତ ମିକ୍ସ କର, ଯେ ପର୍ଯ୍ୟନ୍ତ ଦହିରେ ଏକ ଲେୟାର ଆସି ନ ଯାଇଛି। ଭଲ ପେସା ହୋଇଥିବା ଦହିର ଲସି କ୍ରିମ୍ ଟେକ୍ସଚର ଦେଇଥାଏ। ଫେଣ୍ଟା ହୋଇଥିବା ଦହିରେ ସ୍ୱାଦ ଅନୁସାରେ ଚିନି ପକାନ୍ତୁ। ଏହା ସହିତ ସେଥିରେ ତାଜା ମଲାଇ ପକାଇ ଦିଅନ୍ତୁ। ମଲାଇ ପକାଇଦେଲେ ଏସିର ସ୍ୱାଦ ଆହୁରି ରିଚ୍ ହୋଇଯାଏ। ଏବେ ଏହି ମିଶ୍ରଣକୁ ଭଲଭାବେ ମିକ୍ସଚରରେ ମିଶାଇ ଦିଅନ୍ତୁ। ଏହାଦ୍ୱାରା ଚିନି ଭଲଭାବେ ମିଶିଯିବ। ଏବେ ଏଥିରେ ଇଲାଇଚି ପାଉଡର, ଯାହା ଲସିକୁ ଭଲ ଅଲଗା ଫ୍ଲେବର ଦେଇଥାଏ। ଯଦି ଲସି ଅଧିକ ବହଳିଆ ଲାଗୁଛି, ଏଥିରେ ଅଳ୍ପ କ୍ଷୀର ପକାନ୍ତୁ। ଏବେ ଏଥିରେ ଆଇସ୍ କ୍ୟୁବ୍ ପକାଇ ବ୍ଲେଣ୍ଡରରେ ମିଶାଇ ଦିଅନ୍ତୁ। ଏହାଦ୍ୱାରା ଲସି ପୂରା ଫ୍ରେଶ୍ ଲାଗିବ। ଏବେ ଏଥିରେ କଟାହୋଇଥିବା ଡ୍ରାଏ ଫ୍ରୁଟ୍ସ ପକାଇ ଗାର୍ନିସିଂ ଲୁକ୍ ଦେଇପାରିବେ।



ସୌନ୍ଦର୍ଯ୍ୟ

## ରଙ୍ଗ ଖେଳିବା ବେଳେ ତ୍ୱଚାର ଯତ୍ନ



**ହୋଲିରେ ଶୁଖିଲା ରଙ୍ଗ ଏବଂ କେମିକାଲ ସ୍କିନ୍‌ରେ ବିଭିନ୍ନ ପ୍ରକାର ସମସ୍ୟା ବଢ଼ାଇ ଦିଏ। ହୋଲି ଖେଳିବା ପୂର୍ବରୁ ସ୍କିନ୍‌ରେ ନଡିଆ ତେଲ, ବାଦାମ ତେଲ ଏବଂ ସନ୍‌ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ। ରଙ୍ଗ ଖେଳିବା ସମୟରେ ତ୍ୱଚାକୁ କିପରି ସୁରକ୍ଷିତ ରଖିବେ ସେ ସମ୍ପର୍କରେ ଟିପ୍ସ...**

➤ହୋଲି ଖେଳ ପରେ ରଙ୍ଗ ଛଡାଇବା ଲାଗି ସାବୁନ୍ ବ୍ୟବହାର ନ କରି ଦହି, ଆଲୋଭେରା ଏବଂ ମହୁ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାବ୍ୟତୀତ ବେସନ ଏବଂ କ୍ଷୀରମିଶ୍ରିତ ପେଷ୍ଟ ସାହାଯ୍ୟରେ ରଙ୍ଗ ଛଡାଇପାରିବେ।

➤ରଙ୍ଗ ଖେଳିବା ପୂର୍ବରୁ ସ୍କିନ୍‌ରେ ନଡ଼ିଆ ତେଲ, ବାଦାମ ତେଲ ଲଗାଇ ନିଅନ୍ତୁ। ଫଳରେ ଯଦି ଶରୀରରେ ରଙ୍ଗ ଲାଗିଲେ ଏହା ସହଜରେ ଛାଡ଼ି ଯାଇଥାଏ।

➤ବାହାରକୁ ଯିବା ପୂର୍ବରୁ ତ୍ୱଚାରେ ହେଭି ମଶ୍ଚରାଇଜର ଏବଂ ଏସ୍‌ପିଏଫ୍‌ଯୁକ୍ତ ସନ୍ ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ। ଏହା ଆପଣଙ୍କୁ ସୂର୍ଯ୍ୟକିରଣ ଏବଂ ରସାୟନିକ ରଙ୍ଗଠାରୁ ସୁରକ୍ଷିତ ରଖିବ।

➤ଓଠରେ ଭଲ ଭାବେ ଲିପ୍ ବାମ୍ ଲଗାନ୍ତୁ।

➤ହୋଲି ଖେଳିବା ପରେ ତ୍ୱଚାକୁ ବେଶୀ ନ ରଗଡ଼ି ହଳଦୀ ଏବଂ ଦହିର ମିଶ୍ରଣ ଦ୍ୱାରା ମୁହଁ ଏବଂ ଶରୀରରେ ଲାଗି ଥିବା ରଙ୍ଗକୁ ସହଜରେ ଛଡ଼ାଇପାରିବେ।

➤ରଙ୍ଗ ଲାଗିବା ପରେ ଯଦି ଶରୀର ଜଳାପୋଡ଼ା ହୁଏ ତେବେ ଦହି, ମହୁ ଏବଂ ହଳଦୀର ପ୍ୟାକ୍ ଲଗାନ୍ତୁ। ଏଥିରୁ କେତେକାଂଶରେ ଉପଶମ ମିଳିବ।

➤ରଙ୍ଗ ଛଡ଼ାଇବା ପରେ ମଧ୍ୟ ମଶ୍ଚରାଇଜର ଏବଂ ନଡ଼ିଆ ତେଲ ଶରୀରରେ ଲଗାନ୍ତୁ। ଫଳରେ ସ୍କିନ୍ ନମନୀୟତା ବଜାୟ ରହିଥାଏ।



## ଘର ଜିନିଷକୁ କିପରି ସୁରକ୍ଷିତ ରଖିବେ

ହୋଲି ରଙ୍ଗଠାରୁ ଘରର ଆସବାବପତ୍ରଗୁଡ଼ିକୁ ସୁରକ୍ଷିତ ରଖିବା ଦରକାର। ରଙ୍ଗ ଖେଳିବା ସମୟରେ ଏଥିପ୍ରତି ସତର୍କ ରହିବା ଆବଶ୍ୟକ। ଏଗୁଡ଼ିକୁ ରକ୍ଷା କରିବା ଲାଗି କିଛି ସହଜ ଉପାୟ ରହିଛି। ନିମ୍ନଲିଖିତ ଉପାୟକୁ ଅନୁସରଣ କରି ଆପଣ ହୋଲିରୁ ଏସବୁ ଜିନିଷକୁ ସୁରକ୍ଷିତ ରଖିପାରିବେ।



### ଘର ଜିନିଷକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ

ହୋଲି ରଙ୍ଗଠାରୁ ଘରର ଜିନିଷକୁ ସୁରକ୍ଷିତ ରଖିବାକୁ ହେଲେ ପ୍ରଥମେ ଘରର ସମସ୍ତ ଜିନିଷକୁ କୌଣସି ମୋଟା ପ୍ଲାଷ୍ଟିକ୍ ଜରି ସାହାଯ୍ୟରେ ଢାଙ୍କି ଦିଅନ୍ତୁ। ଫଳରେ ରଙ୍ଗ ଦ୍ୱାରା ଜିନିଷର କୌଣସି କ୍ଷତି ହେବ ନାହିଁ।

### ପ୍ଲାଷ୍ଟିକ୍ ସିଟ୍ କିମ୍ବା ଖବରକାଗଜ ଲଗାନ୍ତୁ

ରଙ୍ଗ ଦ୍ୱାରା ଘରର ଜିନିଷ ଯେପରି ନଷ୍ଟ ନ ହୁଏ, ଏଥିପାଇଁ ଘରର କବାଟ, ଝରକା ଆଦିରେ ପ୍ଲାଷ୍ଟିକ୍ ସିଟ୍ କିମ୍ବା ଖବରକାଗଜ ଲଗାଇ ଦିଅନ୍ତୁ। ଏହାଦ୍ୱାରା ଏସବୁ ସହଜରେ ଖରାପ ହେବ ନାହିଁ।

➔ଘରର ଚଟାଣ ଯେପରି ଖରାପ ନ ହେବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏଥିପାଇଁ ଚଟାଣରେ ପ୍ଲାଷ୍ଟିକ୍ ସିଟ୍ କିମ୍ବା ଦରି ପକାନ୍ତୁ।

➔ହୋଲି ପାଇଁ ଘରର ସମସ୍ତ ଜିନିଷକୁ ଢାଙ୍କିବା ସତ୍ତ୍ୱେ ଯଦି ଅସାବଧାନତାରୁ କୌଣସି ସ୍ଥାନରେ ରଙ୍ଗ ପଡ଼ିଯାଇଛି, ତେବେ ପ୍ରଥମେ ସେହି ସ୍ଥାନକୁ ଶୁଖିଲା କପଡ଼ାରେ ଝାଡ଼ିଦିଅନ୍ତୁ। ଏହାପରେ ଜିନିଷକୁ ସଫା କରିବାକୁ ପାଣି ଏବଂ ଡିଟରଜେଣ୍ଟ ବ୍ୟବହାର କରିପାରିବେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୬ Bhubaneswar, Tuesday, March 3/ 2026

# ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଖେଳି ପାରିବେନି ସିନ୍ଧୁ

**ବର୍ମିଂହାମ୍, ୨।୩ (ପି.ଟି.)**

ଇରାନ ଉପରେ ଆମେରିକା ଓ ଇସ୍ରାଏଲ ର ଆକ୍ରମଣକୁ ନେଇ ବର୍ତ୍ତମାନ ଉପସାଗରୀୟ ଅଞ୍ଚଳରେ ରହିଥିବା ଦେଶଗୁଡ଼ିକର ଆକାଶମାର୍ଗରେ ପାଇଁ ବିମାନଚଳାଚଳକୁ ବନ୍ଦ ରଖାଯାଇଥିବାରୁ ଦୁଇଥର ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ଶନିବାରଠାରୁ ଦୁବାଇରେ ଅଟକି ରହିଛନ୍ତି। ଫଳରେ ସେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁଥିବା ଅଲ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ଭାଗ ନେଇପାରିବେନି। ତେହେରାନର ପ୍ରତିଆକ୍ରମଣରେ ସିନ୍ଧୁ ଓ ତାଙ୍କ ଇଣ୍ଡୋନେଶୀୟ କୋଚ୍ ଇରାୱାନସ୍ୟା ଆଦି ପ୍ରତାମାଙ୍କ ସମେତ ତାଙ୍କ ଦଳ ଯେଉଁଠାରେ ଅବସ୍ଥାନ କରୁଥିଲେ ସେଠାରେ ଏକ ବିସ୍ଫୋରଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପରବର୍ତ୍ତୀ କାଳରେ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ଭାରତର ଷ୍ଟାର ଖେଳାଳି ସିନ୍ଧୁ ଓପିନଂ ରାଉଣ୍ଡରେ ଥାଇଲାଣ୍ଡର ସୁପାନିଦା କେଟ୍‌ଥଙ୍ଗଙ୍କ ସହିତ ମୁକାବିଲା କରିଥାନ୍ତେ। ମାତ୍ର ଦୁବାଇର ଆକାଶମାର୍ଗ ଓ ବିମାନବନ୍ଦରକୁ ବର୍ତ୍ତମାନ ପରିସ୍ଥିତିରେ ବନ୍ଦ କରିଦିଆଯାଇଥିବାରୁ ସେ ଟୁର୍ନାମେଣ୍ଟରୁ ଓହରିଯିବାକୁ ବାଧ୍ୟ ହୋଇପାରନ୍ତି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ସାମ୍ପ୍ରତିକ ପରିସ୍ଥିତି ଉପରେ ନଜର ରଖିଛି। ଅନ୍ୟପକ୍ଷରେ ଭାରତର ଅନ୍ୟ କେତେଜଣ ବ୍ୟାଡ୍‌ମିଣ୍ଟନ ଖେଳାଳି ବିକଳ୍ପ ଆକାଶପଥ ସିଙ୍ଗାପୁର ଓ ଆଫ୍ରିକା ବାଟ ଦେଇ ବର୍ମିଂହାମଠାରେ ପହଞ୍ଚିଛନ୍ତି। ଭାରତର ଶୀର୍ଷ ପୁରୁଷ ସିଙ୍ଗଲ୍ସ ଖେଳାଳି ଲକ୍ଷ୍ୟ ସେନ୍ ଏବଂ ଉଦୀୟମାନ ଯୁବ ଖେଳାଳି ଆୟୁଷ ଶେଟ୍ଟି ଗସ୍ତକାଳୀନ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନାହାନ୍ତି। ଲକ୍ଷ୍ୟ ବିଶ୍ୱର ନମ୍ବର-୧ ଚାଇନାର ଶି ୟୁ କ୍ୱିଙ୍କୁ ଭେଟିବାକୁ ଥିବା ବେଳେ ଆୟୁଷ ତାଙ୍କ ଓପନିଂ ରାଉଣ୍ଡରେ ଇଣ୍ଡୋନେସିଆର ଅଲୱି ଫରହାନଙ୍କ ସହ ମୁକାବିଲା କରିବେ। ମହିଳା ସିଙ୍ଗଲ୍ସରେ ମାଳବିକା ବନସୋଡ୍ ଟୋକିଓ ଅଲିମ୍ପିକ୍ସ ଚାମ୍ପିୟନ ଚାଇନାର ଚେନ୍ ୟୁଫେଇଙ୍କ ସହ ଖେଳିବେ। ଉନ୍ନତି ହୁଦାଙ୍କ ବିମାନ ରବିବାର ବାତିଲ ହୋଇଯିବାରୁ ସେ ଆଫ୍ରିକା ବାଟ ଦେଇ ଗସ୍ତ କରିଛନ୍ତି। ସେ ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ତଥା ୮ମ ସିଡ୍ ପର୍ନପାୱି ଚୋଚୁଓଙ୍ଗଙ୍କ ସହ ମୁକାବିଲା କରିବେ। ପୁରୁଷ ଡବଲ୍ସରେ ପୂର୍ବତନ ବିଶ୍ୱର ନମ୍ବର-୧ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଓପନିଂ ରାଉଣ୍ଡରେ ମାଲେସିଆର କାଙ୍ଗ ଖାଇଜିଙ୍ଗ୍ ଓ ଆରୋନ ଚାଇଙ୍କୁ ଭେଟିବେ। ମହିଳା ଡବଲ୍ସରେ ଭାଗ ନେଇଥିବା ଭାରତୀୟ ଯୋଡ଼ି ହେଲେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ। ମିକ୍ସଡ ଡବଲ୍ସରେ ଭାରତର ଦୁଇ ଯୋଡ଼ି ଧ୍ରୁବ କାପିଲା ଓ ତନିଶା କାଷ୍ଟ୍ରୋ ଏବଂ ରୋହନ କପୁର ଓ ରତ୍ୱିକା ଶିବାନୀ ଭାଗ ନେଉଛନ୍ତି। ସୂଚନାଯୋଗ୍ୟ, ଭାରତୀୟ ଖେଳାଳି ଭାବେ କେବଳ ପ୍ରକାଶ ପାଦୁକୋନ୍ (୧୯୮୦) ଓ ପୁଲେଲା ଗୋପୀଚାନ୍ଦ (୨୦୦୧) କେବଳ ଅଲ୍ ଇଂଲଣ୍ଡ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ଏମାନଙ୍କ ବ୍ୟତୀତ କେବଳ ସାଇନା ନେହ୍ୱାଲ (୨୦୧୫ ରନରଅପ୍) ଏବଂ ଲକ୍ଷ୍ୟ ସେନ୍ (୨୦୨୨ ରନର-ଅପ୍) ଟାଇଟଲ ନିକଟତର ହୋଇପାରିଛନ୍ତି।



ପି.ଭି. ସିନ୍ଧୁ

## ଫିଫା ବିଶ୍ୱକପ୍

# ଇରାନ ନ ଖେଳିଲେ ଇରାକ ଖେଳିବ

**ତେହେରାନ, ୨।୩ (ଏପି)**

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକସ୍ମିକ ବୋମାମାଡ଼ ପରେ ଫିଫା ବିଶ୍ୱକପ୍‌ରେ ଇରାନର ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଦେଶର ଫୁଟ୍‌ବଲ ମହାସଂଘ ସଭାପତି ମେହଦି ତାଜ୍ ପ୍ରକାଶ କରିଛନ୍ତି। ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା କିନ୍ତୁ କହିଛି, ଇରାନ ଯଦି ଓହରିଯାଏ ତେବେ ଏହା ବଦଳରେ ଇରାକକୁ ବିଶ୍ୱକପ୍ ଖେଳିବାର ସୁଯୋଗ ମିଳିବ। ବିଶ୍ୱକପ୍‌ରେ ଇରାନକୁ ଗ୍ରୁପ୍ 'ଜି'ରେ ସ୍ଥାନ ମିଳିଛି। ଦଳ ଜୁନ୍ ୧୫ ଓ ୨୧ରେ ଯଥାକ୍ରମେ ଇଙ୍ଗଲଉଡ୍ ଓ କାଲିଫର୍ନିଆରେ ନ୍ୟୁଜିଲାଣ୍ଡ ଓ ବେଲଜିୟମକୁ ଭେଟିବ। ଦଳ ଗ୍ରୁପ୍‌ରେ ଏହାର ଶେଷ ମ୍ୟାଚ ଜୁନ୍ ୨୬ରେ ସିଟେଲଠାରେ ଇଜିପ୍ଟକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ କାନାଡା ଓ ମେକ୍ସିକୋ ସହିତ ଆମେରିକା ମିଳିତ ଭାବେ ଟୁର୍ନାମେଣ୍ଟର ଅୟୋଜନ କରିବାକୁ ଯାଉଛନ୍ତି। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଇତିମଧ୍ୟରେ ଇରାନ ସମର୍ଥକମାନଙ୍କୁ ଆମେରିକା ପ୍ରବେଶ ଉପରେ କଟକଣା ଜାରି କରାଯାଇଛି।

# ବିଶ୍ୱଜିତଙ୍କୁ ୬ ଉଇକେଟ, ଭୁବନେଶ୍ୱର 'ବି' ବିଜୟୀ

**କଟକ, ୨।୩ (କୁମାରଶ୍ରୀ)**

## କଳାହାଣ୍ଡି କପ୍

ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ସୋମବାର ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୭ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୟୂରଭଞ୍ଜ ମାତ୍ର ୧୪୦ରନରେ ଅଲଆଉଟ ହୋଇଥିଲା। ଶୁଭମ ନାଏକ ୫୦ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ଭୁବନେଶ୍ୱର-ବି ପକ୍ଷରୁ ଡାହାଣହାତୀ ଅଫ ସ୍ପିନର ବିଶ୍ୱଜିତ ମଲ୍ଲିକ ୧୭ରନ ବିନିମୟରେ ୬ଟି ଉଇକେଟ ଦଖଲ କରି ମୟୂରଭଞ୍ଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସିଦ୍ଧାନ୍ତ ଜେନାଙ୍କ ୫୪ରନ ସହାୟତାରେ ୨୧ତମ ଓଭରରେ ଭୁବନେଶ୍ୱର-ବି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ୬ ଉଇକେଟ ସଫଳତା ପାଇଥିବା ବିଶ୍ୱଜିତଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ କଟକ-ଏ ୧୦ ଉଇକେଟରେ ରାୟଗଡାକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାୟଗଡା ୮୫ରନରେ ଅଲଆଉଟ ହୋଇଥିଲା। ଶୁଭମ ନାୟକ ୨୫ରନ ବ୍ୟୟ କରି ୫ ଉଇକେଟ ଦଖଲ କରିଥିଲେ। ରାମଚନ୍ଦ୍ର ବେହେରା ୪୮ରନର ଅପରାଜିତ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ସୋମବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଭଦ୍ରକ ୬ ଉଇକେଟରେ ପୁରୀକୁ, ଅନୁଗୋଳ ୧୦୪ରନରେ ବରଗଡକୁ, ବାଲେଶ୍ୱର ୬ ଉଇକେଟରେ ନୂଆପଡାକୁ, କଳାହାଣ୍ଡି ୩୧ରନରେ ରାଉରକେଲାକୁ, କେନ୍ଦୁଝର ୧୦୯ରନରେ କନ୍ଧମାଳକୁ, କିଟ୍ ୭୯ରନରେ ପାରାଦୀପକୁ, ଝାରସୁଗୁଡା ୯ ଉଇକେଟରେ ଗଜପତିକୁ ପରାସ୍ତ କରିଛି।



ବିଶ୍ୱଜିତ ମଲ୍ଲିକ: ୬/୧୭।

# ସାମସନଙ୍କ ୯୭* ଭଳି ଦୁବେଙ୍କ ୨ ଚୌକା ଗୁରୁତ୍ୱପୂର୍ଣ୍ଣ: ଗମ୍ଭୀର

**କୋଲକାତା, ୨।୩**

ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମତରେ ଏକ ଦଳୀୟ ସ୍ପୋର୍ଟ୍ସରେ ଛୋଟ ହେଉ କି ବଡ଼ ପ୍ରତ୍ୟେକ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ଭାରତୀୟ କ୍ରିକେଟରେ ଦୀର୍ଘ ବର୍ଷ ହେଲା ଗୁରୁତ୍ୱ ଦିଆଯାଉ ନାହିଁ। ଯଦି ଶିବମ ଦୁବେ ୧୯ତମ ଓଭରରେ ଦୁଇଟି ଚୌକା ମାରି ନ ଥାନ୍ତେ, କେହି ସଞ୍ଜୁ ସାମସନଙ୍କ ୯୭ ରନର ମ୍ୟାଚ୍ ବିଜୟୀ ଇନିଂସ ସମ୍ପର୍କରେ ଆଲୋଚନା କରି ନ ଥାନ୍ତେ ବୋଲି ଗମ୍ଭୀର କହିଛନ୍ତି। ବର୍ତ୍ତମାନ ସେ ନିଜେ କୋଚ୍ ଥିବାରୁ ପ୍ରତ୍ୟେକ ଯୋଗଦାନକୁ ସମ୍ମାନ ଦିଆଯିବ।

'ଖୁସିର ବିଷୟ ଯେ, ସମସ୍ତେ ପ୍ରତ୍ୟେକ ଯୋଗଦାନ ସମ୍ପର୍କରେ ଆଲୋଚନା କରୁଛନ୍ତି। କାରଣ ଦୀର୍ଘ ବର୍ଷ ହେଲା ଆମେ କେବଳ କିଛି ନିର୍ଦ୍ଦିଷ୍ଟ ଯୋଗଦାନ ଉପରେ ଚର୍ଚ୍ଚା କରୁଛୁ। କ୍ରିକେଟ ଏକ ଦଳୀୟ ସ୍ପୋର୍ଟ୍ସ ଏବଂ ଏହା ସର୍ବଦା ଏକ ଦଳୀୟ ସ୍ପୋର୍ଟ୍ସ ହୋଇ ରହିବ। ମୋ ପାଇଁ ଦୁବେଙ୍କ ଦୁଇଟି ଚୌକା ସାମସନଙ୍କ ୯୭ ରନର ଇନିଂସ ସହ ସମାନ। କାରଣ ଯଦି ସେ ୧୯ତମ ଓଭରରେ ଦୁଇଟି ଚୌକା ମାରି ନ ଥାନ୍ତେ, ତେବେ କେହି ବି ୯୭ ରନର ମ୍ୟାଚ୍ ବିଜୟୀ ଇନିଂସ ସମ୍ପର୍କରେ କଥା ହୋଇ ନ ଥାନ୍ତେ। ବଡ଼ ଯୋଗଦାନ ଦେଇଥିବା ଖେଳାଳିଙ୍କୁ ହେଡ୍‌ଲାଇନରେ ସ୍ଥାନ ମିଳେ। କିନ୍ତୁ ଦଳକୁ ଜିତିବାରେ ସହଯୋଗ କରୁଥିବା ଛୋଟ ଛୋଟ ଯୋଗଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯେଉଁ ପର୍ଯ୍ୟନ୍ତ ମୁଁ ଦଳ ସହିତ ଅଛି, ଏହା ହିଁ ଦଳର ଦର୍ଶନ ହେବ' ବୋଲି ଗମ୍ଭୀର ମ୍ୟାଚ୍ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହାବାଦ୍ ସେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ସମ୍ପର୍କରେ ପ୍ରକାଶ କରିଛନ୍ତି, ଇଂଲଣ୍ଡ ଏକ ବିଶ୍ୱ ସ୍ତରୀୟ ଦଳ। ସେମାନଙ୍କ ପାଖରେ ଖୁବ କ୍ୱାଲିଟି ଖେଳାଳି ରହିଛନ୍ତି। ଆମ ସଭିଙ୍କୁ ଜଣା ୱାଙ୍ଖଡେ ଭେନ୍ୟୁ କେତେ କଷ୍ଟକର। ଆଶା କରୁଛି, ଆମେ ଭଲ ପ୍ରଦର୍ଶନ କରିବୁ। ଦେଶ ପାଇଁ କିଛି ସ୍ପେଶାଲ କରିବାର ଆମ ପାଖରେ ସୁଯୋଗ ରହିଛି। ଆମେ ମ୍ୟାଚ୍‌ରେ ଆମର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବୁ, ତାହା ହିଁ ଗୁରୁତ୍ୱପୂର୍ଣ୍ଣ।




ସଞ୍ଜୁ ସାମସନଙ୍କ ସହ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅନ୍ୟମାନେ।

# ଭାରତ ଟୁର୍‌ରେ ଆସିବ ଆଫଗାନିସ୍ତାନ ଦଳ

**ନୂଆଦିଲ୍ଲୀ, ୨।୩ (ପି.ଟି.)**

ଆଫଗାନିସ୍ତାନ କ୍ରିକେଟ ଦଳ ଜୁନ୍ ମାସରେ ଭାରତ ଟୁର୍‌ରେ ଆସିବ। ଦଳ ପ୍ରଥମେ ଏକ ଟେଷ୍ଟ ମ୍ୟାଚ ଏବଂ ପରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ। ଟେଷ୍ଟ ମ୍ୟାଚ ଜୁନ୍ ୬ରୁ ୧୦ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। ତେବେ ଏହି ଟେଷ୍ଟ ମ୍ୟାଚ ଭାରତର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ହେବ ନାହିଁ। କାର୍ଯ୍ୟସୂଚୀରୁ ବୁଝା ପଡୁଛି ଆଗକୁ ୫୦ ଓଭର ବିଶିଷ୍ଟ ୨୦୨୭ ବିଶ୍ୱକପ୍ ହେବାକୁଥିବାରୁ ଏହାକୁ ନଜରରେ ରଖି ଅଧିକ ସଂଖ୍ୟାରେ ହ୍ୱାଇଟ ବଲ୍ କ୍ରିକେଟ ଖେଳାଯିବାକୁ ଉପରେ ଧ୍ୟାନ ଦିଆଯାଉଛି। ଅନ୍ତର୍ଜାତୀୟ ଦିନିକିଆ ସିରିଜ ଜୁନ୍ ୧୪ରେ ଧର୍ମଶାଳାରେ ଆରମ୍ଭ ହେବ। ପରବର୍ତ୍ତୀ ଦୁଇଟି ମ୍ୟାଚ ଯଥାକ୍ରମେ ଲକ୍ଷ୍ନୌ (ଜୁନ୍ ୧୭) ଓ ଚେନ୍ନାଇ (ଜୁନ୍ ୨୦)ରେ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଅପରାହ୍ନ ୧ଟା ୩୦ରେ ଆରମ୍ଭ ହେବ।

# ଖରାପ ପ୍ରଦର୍ଶନ ପାଇଁ ପାକ୍ ଖେଳାଳିଙ୍କୁ ଜରିମାନା କରାଯିବ

**କରାଚୀ, ୨।୩ (ପି.ଟି.)**

## ଟି୨୦ ବିଶ୍ୱକପ୍

ଚଳିତ ଟି୨୦ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ପାକିସ୍ତାନ ଦଳର ଖେଳାଳିଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିବାକୁ ଦେଶର କ୍ରିକେଟ ବୋର୍ଡ ଚିନ୍ତା କରୁଛି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଖେଳାଳିଙ୍କ ଦରମା କାଟ କରିବାକୁ ନିଷ୍ପତ୍ତି ନେଇଥିବା ରିପୋର୍ଟରେ କୌଣସି ସତ୍ୟତା ନାହିଁ। ଭାରତ ଓ ଶ୍ରୀଲଙ୍କା ଦ୍ୱାରା ଆୟୋଜିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରୁ ପାକିସ୍ତାନ ବିଦାୟ ପରେ ଉଚିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଚିନ୍ତା କରାଯାଉଛି। ଏ ପର୍ଯ୍ୟନ୍ତ କିଛି ନିଷ୍ପତ୍ତି ହୋଇ ନାହିଁ। କିନ୍ତୁ ହଁ ଖେଳାଳିଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବାର ସମ୍ଭାବନା ରହିଛି। ଖେଳାଳିଙ୍କୁ ଜରିମାନା କରାଯିବା ଉଚିତ ହେବ କି ନାହିଁ, ତାହା ଉପରେ ଚର୍ଚ୍ଚା ହେଉଛି। ଏହି ଖେଳାଳିଙ୍କୁ ବହୁତ ସମର୍ଥନ ଦିଆଯାଇଥିଲା। ତଥାପି ସେମାନେ ଦେଶର ମୁଣ୍ଡକୁ ନୁଆଇଁ ଦେଇଛନ୍ତି। ପାକିସ୍ତାନ ସେମିଫାଇନାଲକୁ ଉନ୍ନୀତ ହେବାରେ ବିଫଳ ହେବା ସହ ଭାରତ ଓ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳଠାରୁ ପରାସ୍ତ ହୋଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ସୁପର-୮ ମ୍ୟାଚ୍ ବର୍ଷାରେ ଧୋଇ ଯାଇଥିବା ବେଳେ ପାକିସ୍ତାନ ଅନ୍ତିମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ହରାଇଥିଲେ। ହେଲେ ସେମିଫାଇନାଲକୁ ଯୋଗ୍ୟତା ହାସଲ କରିପାରି ନଥିଲା। ପାକିସ୍ତାନ ଦଳର ଖେଳାଳିମାନେ ଛୋଟ ଛୋଟ ଗ୍ରୁପ୍‌ରେ ଶ୍ରୀଲଙ୍କାରୁ ସ୍ୱଦେଶ ଫେରୁଛନ୍ତି। ପାକିସ୍ତାନର କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ଖେଳାଳିଙ୍କୁ ମାସିକ ଦରମା ସହିତ ମ୍ୟାଚ୍ ଫି', ବୋନସ ଏବଂ ବୋର୍ଡର ଟିମ ସ୍ପନସରଶିପ୍ ଚୁକ୍ତିର ଅଂଶ ପ୍ରଦାନ କରାଯାଏ।

# ବାହାରିନ୍‌ରେ ଫସିଛନ୍ତି ଶତାଧିକ ଏଫ୍୧ ଷ୍ଟାଫ୍

**ମନମା, ୨।୩:** ଫର୍ମୁଲା-୧ ରେସିଂ ସହ ଜଡ଼ିତ ଶତାଧିକ ଷ୍ଟାଫ ବାହାରିନରେ ଫଶି ରହିଛନ୍ତି। ମିଡିଲ ଇଷ୍ଟରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ସେମାନଙ୍କୁ ସ୍ୱଦେଶ ଫେରିବାକୁ ବାଟ ମିଳୁ ନାହିଁ। ମର୍ସିଡିଜ ଓ ମ୍ୟାକଲରେନ ଭଳି ଦଳର ଷ୍ଟାଫ ସେମାନଙ୍କ ହୋଟେଲରେ ରହିଛନ୍ତି।

# ଓଡ଼ିଶାର ୭ ସେଣ୍ଟରରେ ହେବ ଅସ୍ମିତା ଲିଗ୍



କେନ୍ଦ୍ର କ୍ରୀଡ଼ାରାଷ୍ଟ୍ର ମନ୍ତ୍ରୀ ରକ୍ଷା ଖଡ୍‌ସେ।

**ନୂଆଦିଲ୍ଲୀ, ୨।୩**

ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ କେନ୍ଦ୍ର କ୍ରୀଡ଼ାରାଷ୍ଟ୍ର ମନ୍ତ୍ରୀ ରକ୍ଷା ଖଡ୍‌ସେ ସୋମବାର ଅନନ୍ୟ ଅସ୍ମିତା ଲିଗ୍ (ଆଚିଭିଂ ସ୍ପୋର୍ଟ୍ସ ମାଇଲଷ୍ଟୋନ୍ ବାଇ ଇନ୍‌ସ୍ପାଇରିଂ ଓମେନ ଥ୍ରୁ ଆକ୍ସନ) କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ଏହି ଲିଗ୍ ଦେଶ ବ୍ୟାପୀ ୨୫୦ଟି ସେଣ୍ଟରରେ ଅନୁଷ୍ଠିତ ହେବ। ତନ୍ମଧ୍ୟରେ ଓଡ଼ିଶାର ୭ଟି ସେଣ୍ଟର ଯଥା ବଲାଙ୍ଗୀର, ଭଦ୍ରକ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଓ ନୟାଗଡ଼ରେ ବିଭିନ୍ନ ବୟସବର୍ଗ ଯଥା ୧୩ ବର୍ଷରୁ କମ୍, ୧୩ରୁ ୧୮ବର୍ଷ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରୀରେ ଆଥଲେଟିକ୍ ଇଭେଣ୍ଟ ମାନ ଅନୁଷ୍ଠିତ ହେବ। ଅନୁଷ୍ଠିତ ହେବାକୁଥିବା କ୍ରୀଡ଼ା ଇଭେଣ୍ଟ ମଧ୍ୟରୁ ଆଥଲେଟିକ୍ସରେ ବିଶେଷ କରି ୧୦୦ମିଟର, ୨୦୦ମିଟର ଓ ୪୦୦ମିଟର ଦୌଡ଼ ରେସ୍‌କୁ ଗୁରୁତ୍ୱ ଦିଆଉଛି। ପ୍ରତ୍ୟେକ ଭେନ୍ୟୁରେ ୫ଜଣ ଟେକ୍‌ନିକାଲ ଅଫିସିଆଲ, ୧୦ ଭଲେଣ୍ଟିଅର, ଜଣେ କମ୍ପିଟିଶନ ମ୍ୟାନେଜର ଜଣେ ପିସିଏ (ପୂର୍ବତନ ଚାମ୍ପିୟନ ଆଥଲେଟ) ଏବଂ ଡିଷ୍ଟ୍ରିକ୍ଟ ୟୁଥ୍ ଅଫିସର ମୁତୟନ ହେବେ। କ୍ରୀଡ଼ାକୁ କ୍ୟାରିୟର ଭାବେ ଗ୍ରହଣ କରିବା କ୍ଷେତ୍ରରେ ଗ୍ରାମାଞ୍ଚଳ ଓ ଛୋଟ ଛୋଟ ସହରର ବାଳିକାମାନଙ୍କୁ ଆକର୍ଷିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଭାରତ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ଲାଗି ପ୍ରସ୍ତୁତ ହେଉଥିବା ବେଳେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଅଭିଳାଷ ରଖିଛି। ଏହା ଆୟୋଜନ କରିବାକୁ ହେଲେ ଭିତ୍ତିଭୂମିଠାରୁ ଅଧିକ କିଛି ଆବଶ୍ୟକତା ରହିଛି ବୋଲି କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି।

# ଏସ୍‌ଜେଏଫ୍‌ଆଇ ଜାତୀୟ ସମ୍ମିଳନୀ ୧୩ରୁ

**ନୂଆଦିଲ୍ଲୀ, ୨।୩**

ମାର୍ଚ୍ଚ ୧୩ରୁ ୧୬ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଜାତୀୟ ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହେବ। ଦୀର୍ଘ ୨୩ ବର୍ଷ ପରେ ଏହି ମର୍ଯ୍ୟାଦାଜନକ ବାର୍ଷିକ ସମ୍ମିଳନୀ ଦେଶର ରାଜଧାନୀରେ ହେବାକୁ ଯାଉଛି। ଦିଲ୍ଲୀ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଡିଏସ୍‌ଜିଏ)ଦ୍ୱାରା ଆୟୋଜିତ ଏହି ଜାତୀୟ ସମ୍ମିଳନୀ ଅବସରରେ ଏସ୍‌ଜେଏଫ୍‌ଆଇର ସୁବର୍ଣ୍ଣ ଜୟନ୍ତୀ ମଧ୍ୟ ପାଳିତ ହେବ। ଏସ୍‌ଜେଏଫ୍‌ଆଇ ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ ପ୍ରେସ୍ ଆସୋସିଏଶନ (ଏଆଇପିଏସ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଏହି ଜାତୀୟ ସମ୍ମିଳନୀରେ ଉତ୍ତର, ପୂର୍ବ, ପଶ୍ଚିମ ଓ ଦକ୍ଷିଣାଞ୍ଚଳର କ୍ରୀଡ଼ା ଖବରଦାତାମାନେ ଯୋଗ ଦେବେ। ଏଥିରେ ଓଡ଼ିଶାରୁ ୫ ଜଣିଆ ପ୍ରତିନିଧି ଦଳ ଅଂଶଗ୍ରହଣ କରିବେ। ଏହାଛଡ଼ା ଭାରତୀୟ କ୍ରୀଡ଼ା, ପ୍ରଶାସନ ଓ ବ୍ରଡକାଷ୍ଟିଂର ପ୍ରତିଷ୍ଠିତ ବ୍ୟକ୍ତିତ୍ୱଗଣ ମାନେ ମଧ୍ୟରେ ଏଥିରେ ଯୋଗଦେବ। ଏହି ୪ ଦିନିଆ ଇଭେଣ୍ଟର ଆୟୋଜନ ପାଇଁ ଦିଲ୍ଲୀ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏହାର ସଭାପତି ଅଭିଷେକ ତ୍ରିପାଠୀ ପ୍ରକାଶ କରିଛନ୍ତି।

# କିସ୍‌ରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨।୩ (ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ (ଏଆଇୟୁ) ଅନୁମୋଦନକ୍ରମେ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସମ୍ମାନଜନକ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଚେସ୍ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। କିଟ୍‌ର ବିଶ୍ୱନାଥନ ଆନନ୍ଦ ଚେସ୍ ହଲ୍‌ରେ ଏହି ପ୍ରତିଯୋଗିତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାଞ୍ଚଳର ୩୦ଟି ବିଶ୍ୱବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଛନ୍ତି। ଫଳରେ ପାଖାପାଖି ୩୦୦ ଖେଳାଳି ଓ ଅଫିସିଆଲ ଏଠାରେ ଏକତ୍ରିତ ହୋଇଛନ୍ତି। ଏହି ପ୍ରତିଯୋଗିତାରୁ ଶ୍ରେଷ୍ଠ ୪ଟି ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନଶିପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଅନ୍ତର୍ଜାତୀୟ ମାଷ୍ଟର ତଥା ଫିଡେ ସିନିୟର ଟ୍ରେନର ଶେଖର କୁମାର ସାହୁ, ଏଆଇୟୁ ପର୍ଯ୍ୟବେକ୍ଷକ ଧିନୁ ଏମ୍.ଆର., କିସ୍ ବିଶ୍ୱବିଦ୍ୟାଳୟର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା ପ୍ରମୁଖ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଶୁଭକାମନା ଜଣାଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ